

ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-237 ◆SUNDAY ◆22 FEBRUARY 2026 ◆PAGE-12 ◆₹ 7.00
SAMBALPUR
◆ବର୍ଷ-୪୩ ◆ସଂଖ୍ୟା-୨୩୭ ◆ରବିବାର ◆୨୨ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


ଟି-୨୦ ବିଶ୍ୱକପ୍ ସୁପର ଏଇଟ୍ସ

## ଭାରତ-ଦକ୍ଷିଣ ଆଫ୍ରିକା ମୁକାବିଲା ଆଜି

■ ଅହମ୍ମଦାବାଦ୍, ୨୧।୨ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତ ଓ ରନର୍ସଅପ୍ ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତାକାଲି ଚଳିତ ଟି-୨୦ ବିଶ୍ୱକପ୍‌ର ସୁପର ଏଇଟ୍ସ ମୁକାବିଲା ଆୟୋଜିତ ହେବ। ଏହି ମୁକାବିଲା ଲାଗି ଉଭୟ ଦଳ ବେଶ ପ୍ରସ୍ତୁତି କରିଛନ୍ତି। ବିଶେଷ କରି ଭାରତର ସ୍ପିନ୍ ପିଚ୍‌ରେ କିପରି ଭାରତୀୟ ବୋଲରଙ୍କୁ ମୁକାବିଲା କରିବାକୁ ହେବ ତାହା ଦକ୍ଷିଣ ଆଫ୍ରିକା ୪ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ଦମ୍ ଦେଖାଇଛି। କିନ୍ତୁ ଭାରତୀୟ ପିଚ୍‌ରେ ଅଭିଜ୍ଞତା ରଖିଥିବା ଭାରତୀୟ ସ୍ପିନରଙ୍କୁ




ମୁକାବିଲା କରି ଦକ୍ଷିଣ ଆଫ୍ରିକା ଟାଇଟଲ ଜିତିବାକୁ ନିଶ୍ଚିତଭାବେ ପ୍ରଥମ ପଦକ୍ଷେପ ନେବ। ଭାରତ ମଧ୍ୟ ପାକିସ୍ତାନ ସମେତ ୪ଟି ଯାକ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ସୁପର ଏଇଟ୍ସ ଖେଳିବାକୁ ଯାଉଛି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ନିକଟରେ ଅନୁଷ୍ଠିତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକାକୁ ୩-୧ରେ ପରାସ୍ତ କରିଥିଲା। ଭାରତ ଏହି ବିଜୟଧାରା ବଜାୟରଖିବାକୁ ସମସ୍ତ ପ୍ରକାର ଚେଷ୍ଟା କରିବ। ସେହିପରି ଗତ ବିଶ୍ୱକପ୍ ଫାଇନାଲ ଓ ▶ପୃଷ୍ଠା-୭

ନାସାର ମିଶନ 'ଆର୍ଟେମିସ୍-୨'

## ମାର୍ଚ୍ଚରେ ଚନ୍ଦ୍ରକୁ ଯିବେ ମହାକାଶଚାରୀ

■ ୱାଶିଂଟନ, ୨୧।୨ (ଏଜେନ୍ସି): ଖୁବଶୀଘ୍ର ପୁଣି ଥରେ ଚନ୍ଦ୍ରରେ ମହାକାଶଚାରୀ ଦେଖିବାକୁ ମିଳିବେ ଅର୍ଥାତ ଚନ୍ଦ୍ରର ଚାରିପଟେ ପରିକ୍ରମା କରୁଥିବାର ଦେଖିବାକୁ ମିଳିବେ। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ଶୁକ୍ରବାର ଦିନ ଏ ନେଇ ଘୋଷଣା କରିଛି। ଆସନ୍ତା ମାର୍ଚ୍ଚ ୬ରେ 'ଆର୍ଟେମିସ୍-୨' ମିଶନର ଉତକ୍ଷେପଣ କରାଯାଇପାରେ ବୋଲି ନାସା ତରଫରୁ କୁହାଯାଇଛି। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପରେ ଏହା ହେବ ଚନ୍ଦ୍ରକୁ ପ୍ରଥମ ମାନବ ସମ୍ବଳିତ ମିଶନ। ଫେବୃଆରୀ ପ୍ରାରମ୍ଭରେ କିଛି ବୈଷୟିକ ତ୍ରୁଟି



ଓ ତରଳ ହାଇଡ୍ରୋଜେନ୍ ଲିକେଜ ଯୋଗୁଁ ଏହି ମିଶନ ପ୍ରସ୍ତୁତିରେ ବାଧା ଉପୁଜିଥିଲା। ମାତ୍ର ଗୁରୁବାର ଦିନ ଫ୍ଲୋରିଡ଼ାର କେପ୍ କାନାଭେରାଲଠାରେ କରାଯାଇଥିବା ରିହର୍ସାଲ ସଫଳ ହୋଇଛି। ଏହି ପରୀକ୍ଷଣରେ ରେକଟ୍ ଟାଙ୍କିରେ ସମ୍ପୂର୍ଣ୍ଣ ଇନ୍ଧନ ଭର୍ତ୍ତି କରାଯାଇ ପ୍ରକୃତ ଉତ୍କ୍ଷେପଣ ଭଳି ପରିବେଶ ସୃଷ୍ଟି କରାଯାଇଥିଲା। ଏହି ଅଭ୍ୟାସର କାଉଣ୍ଟ ଡାଉନ୍‌ର ଟି-୨୯ ସେକେଣ୍ଡ ପର୍ଯ୍ୟନ୍ତ ସଫଳତାର ସହ ଯାଇଥିଲା। ଏହି ମିଶନରେ ୩ ଜଣ ଆମେରିକୀୟ ଓ ଜଣେ କାନାଡ଼ୀୟ ମହକାଶଚାରୀ ସାମିଲ ଅଛନ୍ତି। ଏହି ▶ପୃଷ୍ଠା-୭

### ଧାନ ବିକ୍ରି, ମଣ୍ଡି ସମସ୍ୟାକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଜାରି

# ହଟୁନି ଅଚଳାବସ୍ଥା; ୪ ଦିନ ଧରି ଗୃହ ଅଚଳ

■ ଭୁବନେଶ୍ୱର, ୨୧।୨ (ସମିସ): ରାଜ୍ୟରେ ଧାନ ବିକ୍ରି ଓ ଚାଷୀ ସମସ୍ୟାକୁ ନେଇ କ୍ରମାଗତ ଚତୁର୍ଥ ଦିନ ପାଇଁ ଗୃହ ଅଚଳ କରିଛନ୍ତି ବିରୋଧୀ। ଏହି ପ୍ରସଙ୍ଗକୁ ନେଇ ଶନିବାର ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଯେପର୍ଯ୍ୟନ୍ତ ଚାଷୀଙ୍କର ଧାନ ବିକ୍ରି ନେଇ ସମସ୍ୟାର ସମାଧାନ ନହୋଇଛି, ସେପର୍ଯ୍ୟନ୍ତ ଗୃହ ଚଳାଇ ଦିଆଯିବ ନାହିଁ ବୋଲି ବିରୋଧୀ ଜିଦରେ ଅଟଳ ରହିଛନ୍ତି। ଗୃହକୁ ସ୍ୱାଭାବିକ କରିବା ପାଇଁ ମଧ୍ୟ ସରକାରଙ୍କ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଶାସକ-ବିରୋଧୀ ନିଜ ନିଜ ଜିଦରେ ଅଟଳ ଥିବାବେଳେ ବିଧାନସଭା ମାତ୍ର ୨୨ ମିନିଟ୍ ଚାଲିପାରିଛି।

ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ପ୍ଲାକାର୍ଡ, ପୋଷ୍ଟର ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ଧାନ କିଣା ଓ ଚାଷୀ ସମସ୍ୟାକୁ ନେଇ ନାରାବାଜି କରି ଗୃହ କମ୍ପାଇଥିଲେ। ବିଧାୟକ ଭାସ୍କର ମଢ଼େଇଙ୍କ ଏକ ତାରକା ପ୍ରଶ୍ନର



ଶନିବାର ଗୃହ ଚାଲିଲା ୨୨ ମିନିଟ

ସରକାରଙ୍କୁ ଘେରିଲେ ବିରୋଧୀ, ବିଧାନସଭା ଚଳାଇବାକୁ ସରକାରଙ୍କର ମାନସିକତା ନାହିଁ

ଚାଷୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ

ଉତ୍ତର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରଖୁଥିବା ବେଳେ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଏହା ଶୁଣାଯାଇନଥିଲା। ନିଜ ନିଜ ଆସନକୁ ଫେରିଯିବାକୁ ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ଅନୁରୋଧ କରିଥିଲେ ହେଁ ଏହାକୁ ଶୁଣି ନ ଥିଲେ ବିରୋଧୀ। ପ୍ରଶ୍ନକାଳ ଚାଲିଥିବା ବେଳେ ବିରୋଧୀ ସଦସ୍ୟ 'ପଏଣ୍ଟ ଅଫ୍ ଅର୍ଡର' ମାଗିଥିବା ବେଳେ ଏହାକୁ ବାଚସ୍ପତି ଅଗ୍ରାହ୍ୟ କରିଥିଲେ। ଏହାକୁ ନେଇ ବିରୋଧୀ ସଦସ୍ୟ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ୧୦ଟା ୩୬ ରୁ ୧୧ଟା ୩୦ ଯାଏଁ ଗୃହକୁ ମୁଲତବୀ ରଖିଥିଲେ।

ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ପୁନଶ୍ଚ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଗୃହ ମଧ୍ୟରେ ଜୋରଦାର ହଟ୍ଟଗୋଳ କରିଥିଲେ। ବିରୋଧୀଙ୍କ ପ୍ରବଳ ହୋହଲ୍ଲା ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏବଂ ମନ୍ତ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ କାଗଜ ଉପସ୍ଥାପନ କରିଥିଲେ। ମାତ୍ର ୧୨ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ଗୃହକୁ ସୋମବାର ସକାଳ ୧୦ଟା ୩୦ ମିନିଟ ଯାଏଁ ମୁଲତବୀ ରଖିଛନ୍ତି। ▶ପୃଷ୍ଠା-୭

## 'ସୁପ୍ରିମ୍' ଝଟ୍‌କା ପରେ ଟ୍ରମ୍ପଙ୍କ ବିକଳ୍ପ ରଣନୀତି



■ ୱାଶିଂଟନ, ୨୧।୨ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଉପରେ 'ସୁପ୍ରିମ' ଛାଟ ବାଜିଛି। ବିଶ୍ୱର ଅନେକ ଦେଶ ଉପରେ ଟ୍ରମ୍ପ ଲଗାଇ ଥିବା ଶୁଳ୍କକୁ ଆମେରିକା ସର୍ବୋଚ୍ଚ ନ୍ୟାୟାଳୟ 'ବେଆଇନ' କହି ରଦ୍ଦ କରିଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟର ତିନି ଘଣ୍ଟା ପରେ ରାଷ୍ଟ୍ରପତି ଟ୍ରମ୍ପ ବିକଳ୍ପ ରଣନୀତି ଭାବେ ସାରା ବିଶ୍ୱ ଉପରେ ଅତିରିକ୍ତ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏ ସମ୍ବନ୍ଧିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ଟ୍ରମ୍ପ ସ୍ୱାକ୍ଷର କରିଛନ୍ତି। ଏଥିପାଇଁ ପୂର୍ବ ଭଳି ଆଉ ଜରୁରୀ ସମୟରେ ପ୍ରୟୋଗ ହେଉଥିବା ▶ପୃଷ୍ଠା-୭

ବିଶ୍ୱ ଉପରେ ଲଗାଇଲେ ଅତିରିକ୍ତ ୧୦% ଶୁଳ୍କ

ସୁପ୍ରିମକୋର୍ଟ ବିଚାରପତିଙ୍କୁ କଳଙ୍କ କହିଲେ ରାଷ୍ଟ୍ରପତି

ଚାହିଁଲେ ଶୁଳ୍କ ନ ନେଇ ବି ଅନ୍ୟ ଦେଶକୁ ବର୍ବାଦ କରିଦେବି

### ଚର୍ଚ୍ଚାରେ ଭାରତୀୟ ଓକିଲ ନିଲ କାତ୍ୟାଲ

■ ୱାଶିଂଟନ, ୨୧।୨ (ଏଜେନ୍ସି): ଆମେରିକା ସୁପ୍ରିମକୋର୍ଟଙ୍କ ଶୁଳ୍କ ରଦ୍ଦ ରାୟ ପଛରେ ଭାରତୀୟ ବଂଶୋଦ୍ଭବ ଓକିଲ ନିଲ କାତ୍ୟାଲଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଏହି ଶୁଳ୍କ ବିରୋଧରେ କାତ୍ୟାଲ ସୁପ୍ରିମକୋର୍ଟରେ ଲଢ଼ି ବିଜୟୀ ହୋଇଛନ୍ତି। ଏବେ ସାରା ବିଶ୍ୱରେ କାତ୍ୟାଲଙ୍କୁ ପ୍ରଶଂସା କରାଯାଉଛି। ସେ ପୂର୍ବରୁ ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ସଲିସିଟର ଜେନେରାଲ ଭାବେ କାର୍ଯ୍ୟ କରୁଥିଲେ। ଏହି ଶୁଳ୍କ ମାମଲାରେ ସେ କ୍ଷୁଦ୍ର ବ୍ୟବସାୟୀଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଟ୍ରମ୍ପଙ୍କ ବିରୋଧରେ ଯାଇ କାତ୍ୟାଲ ସୁପ୍ରିମକୋର୍ଟରେ ଶୁଳ୍କ ବିରୋଧରେ ଏବଂ ସାମ୍ବିଧାନିକ କ୍ଷମତା ସପକ୍ଷରେ ଯୁକ୍ତି ଉପସ୍ଥାପନ ▶ପୃଷ୍ଠା-୭

ଲଜ୍ଜା

## ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ ରାଜକନିକା, ୨୧।୨ (ସମିସ): କେନ୍ଦ୍ରାପଡ଼ାରେ ପୁଣି ଲଜ୍ଜା। ସ୍କୁଲ ଭିତରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ। ରାଜକନିକା ଥାନା ଅଧୀନ ଓଳାଭର ଅଞ୍ଚଳର ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଘଟିଥିବା ଏହି ଜଘନ୍ୟ କାଣ୍ଡ ଜିଲ୍ଲାବ୍ୟାପୀ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ୪ଜଣ ଶିକ୍ଷକ ଓ ଜଣେ ପିଅନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଶିକ୍ଷକ ଚନ୍ଦନ କୁମାର ପୃଷ୍ଟି, ବିଶ୍ୱରଞ୍ଜନ ସାହୁ, ରଶ୍ମିକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ମିନତି ବାଇ ଓ ପିଅନ ରଶ୍ମିରଞ୍ଜନ ରଣା। ଏନେଇ ରାଜକନିକା ଥାନାରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୫(୨), ୭୦(୨), ୬୦, ୪୯, ୩୫୧(୨)(୩), ୩(୫) ସହ ପୋକ୍ସୋ ଆଇନର ଧାରା ୪ ଓ ୬ ଅନୁଯାୟୀ ନମ୍ବର ୫୪/୨୬ରେ ଏକ ମାମଲା ରୁଜୁ ହୋଇଛି।



୪ ଶିକ୍ଷକ ଓ ପିଅନ ଗିରଫ

ପୀଡ଼ିତାଙ୍କ ମାଆଙ୍କ ଏତଲା ଅନୁସାରେ, ତାଙ୍କ ଝିଅ ଓଳାଭରସ୍ଥିତ ଏକ ଘରୋଇ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼ୁଥିଲା। ସ୍କୁଲର କିଛି ଶିକ୍ଷକ ତାଙ୍କ ଝିଅକୁ ଦୀର୍ଘ ଦିନ ଧରି ଭୟଭୀତ କରିବା ସହ ଯୌନ ନିର୍ଯାତନା ଦେଉଥିଲେ। ଗତ ଜାନୁଆରୀ ୧୪ତାରିଖରେ ନାବାଳିକାଜଣଙ୍କ ଘରକୁ ଫେରି ଜୋରରେ କାନ୍ଦିବା ସହ ତା' ସହ ଘଟିଥିବା ପାଶବିକ ଅତ୍ୟାଚାର ସଂପର୍କରେ ମା'ଙ୍କୁ ଜଣାଇଥିଲା। ଏ ସଂପର୍କରେ ନାବାଳିକାର ମା' ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ହେଁ ସେମାନେ ଏହାକୁ ଗୁରୁତ୍ୱର ସହ ନେଇନଥିଲେ। ଏପରି ସ୍କୁଲ କର୍ତ୍ତୃପକ୍ଷ ଏଭଳି ଗୁରୁତର ଅଭିଯୋଗକୁ ତଦନ୍ତ ପୂର୍ବରୁ ଖଣ୍ଡନ କରିଦେଇଥିଲେ। ପରେ ପରିବାରଲୋକ ଶିଶୁ ସୁରକ୍ଷା ସମିତି ଓ ପୁଲିସର ଦ୍ୱାରସ୍ଥ ହେବା ପରେ ଘଟଣା ପଦାକୁ ଆସିଥିଲା। ପରିବାରଲୋକ ଆହୁରି ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତମାନେ ତାଙ୍କ ଝିଅକୁ ବାରମ୍ବାର ଦୁଷ୍କର୍ମ କରିବା ସହ ଏ ସଂପର୍କରେ କାହାରିକୁ ନ କହିବାକୁ ଧମକାଉଥିଲେ। ପାଟି ଖୋଲିଲେ, ସେହି ସ୍କୁଲରେ ପଢ଼ୁଥିବା ତାଙ୍କ ସାନଭାଇଙ୍କୁ ହତ୍ୟା କରିବୁ ବୋଲି କହି ଭୟଭୀତ କରୁଥିଲେ। ଏହି ଘଟଣା ପଦାକୁ ଆସିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲା କଂଗ୍ରେସ ଓ ବିଜୁ ମହିଳା ଜନତା ▶ପୃଷ୍ଠା-୭

## ଠିକାଦାରଙ୍କୁ ଘରୁ ଡାକି ଆଣି ମାରିଦେଲେ

■ ଆନନ୍ଦପୁର, ୨୧।୨ (ସମିସ): ଘରୁ ଡାକି ଆଣି ଠିକାଦାରଙ୍କୁ ମାରିଦେଲେ। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଅତାସାହି ଗାଁରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, ଗାଁର ବିପିନ ପରିଡ଼ା। ଘଷିପୁରା ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ହତ୍ୟାକାଣ୍ଡରେ ୪ଜଣ ସାମିଲ ଥିବା ବିପିନଙ୍କ ଘରଲୋକ ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନେ ଘଟଣା ପରଠାରୁ ଫେରାର୍ ହୋଇଯାଇଥିବା ଜଣାଯାଇଛି। ସୂଚନାନୁଯାୟୀ, ବିପିନ ଶୁକ୍ରବାର ରାତିରେ ଖାଇପିଇ ଶୋଇବାକୁ ଯାଉଥିବା ବେଳେ ସେହି ଗାଁର କେତେକ ଯୁବକ ତାଙ୍କ ଘରକୁ ଆସିଥିଲେ। ତାଙ୍କୁ ଘର ବାହାରକୁ ଡାକି ମଦ ପିଇବାକୁ ବିପିନଙ୍କୁ ୫୦୦ ଟଙ୍କା ମାଗିଥିଲେ। କିନ୍ତୁ ବିପିନ୍ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। କଥା ବଢ଼ିବାରୁ ଦୁର୍ବୃତ୍ତମାନେ ଉତ୍କ୍ଷିପ୍ତ ହୋଇ ବିପିନଙ୍କୁ ବିଧା ଗୋଇଠା ସହ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିପିନଙ୍କ ମୃତ୍ୟୁ ହୋଇଯାଇଥିଲା। ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ବେଳେ ସେମାନଙ୍କ ପରିଚୟ ଜଣାପଡ଼ିନାହିଁ। ରାତି ହୋଇଥିବାରୁ ସ୍ଥାନୀୟଲୋକ ମଧ୍ୟ ସେମାନଙ୍କ ବିଷୟରେ କେହି କିଛି କହିପାରୁ ନାହାନ୍ତି। ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

## ଶୀତ ଯାଇନି; ଡରାଇଲାଣି ଖରା

■ ଭୁବନେଶ୍ୱର, ୨୧।୨ (ସମିସ): ରାତିରେ ଶୀତ ଏବଂ ଦିନରେ ଟାଏଁ ଟାଏଁ ଖରା। ଫେବୃଆରୀ ମାସରୁ ରାଜ୍ୟରେ ଏଭଳି ପରିସ୍ଥିତି ସୃଷ୍ଟି ହେଲାଣି। ରାତିରେ ଶୀତ ସଂପୂର୍ଣ୍ଣ ରୂପେ ଅପସରି ନାହିଁ, କିନ୍ତୁ ଦିନ ତାପମାତ୍ରା ୩୦ ଅତିକ୍ରମ କରିସାରିଲାଣି। ରାତିର ସର୍ବନିମ୍ନ ତାପମାତ୍ରା ୧୩.୬ ଥିବା ବେଳେ ଆଜି ଦିନ ପାରଦ ୩୬ ଡିଗ୍ରୀ ଛୁଇଁଛି। ଏଭଳି ସ୍ଥିତି ଜାରି ରହିଲେ ଆଗକୁ ତାପମାତ୍ରା ଆହୁରି ଭୟଙ୍କର ରୂପ ଧାରଣର କରିବାର ଆଶଙ୍କା ରହିଛି। ତେଣୁ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି।

ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ ସାରା ରାଜ୍ୟରେ ଆଜି ତାପମାତ୍ରା ୩୦ ଡିଗ୍ରୀ ଉପରେ ରହିଛି। ସମସ୍ତ ଜିଲ୍ଲାକୁ



ରାଜ୍ୟରେ ୩୬ ଡିଗ୍ରୀ ଡେଇଁଲା ତାପମାତ୍ରା

ଗ୍ରୀଷ୍ମ ପ୍ରବାହ ଆଶଙ୍କାରେ ସ୍କୁଲ ପାଇଁ ମାର୍ଗଦର୍ଶିକା

ମିଶାଇ ୩୯ଟି ସ୍ଥାନରେ ପାରଦ ୩୧ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ୧୨ଟି ସହରରେ ତାପମାତ୍ରା ୩୪ ଡିଗ୍ରୀ ଉପରେ ରହିଛି। ପାରଳାଖେମୁଣ୍ଡିରେ ଆଜି ରାଜ୍ୟର ସର୍ବାଧିକ ତାପମାତ୍ରା ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି। ଏହା ପଛକୁ ରହିଛି ଟିଟିଲାଗଡ଼ (୩୫.୫), ଝାରସୁଗୁଡ଼ା (୩୫.୪) ଏବଂ ଭବାନୀପାଟଣା (୩୫ ଡିଗ୍ରୀ)। ସେହିଭଳି ରାଜଧାନୀ ଭୁବନେଶ୍ୱର ଆଜି ଅପେକ୍ଷାକୃତ ଉତ୍ତପ୍ତ ରହିଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୧୬.୫ ଥିବା ବେଳେ ସର୍ବାଧିକ ତାପମାତ୍ରା ୩୫.୪ ଡିଗ୍ରୀ ରେକର୍ଡ କରାଯାଇଛି। ରାଜ୍ୟରେ ଆଗକୁ ତାପମାତ୍ରା ଏମିତି ବୃଦ୍ଧି ପାଇବ ବୋଲି କୁହାଯାଇଛି।

ବଢ଼ୁଥିବା ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପଦକ୍ଷେପ ନେଇଛି। ଗ୍ରୀଷ୍ମକାଳୀନ ମୁକାବିଲା ପାଇଁ ଆଜି ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖରାପ ଥିବା ନଳକୂପ ସଜାଡିବା ସହିତ ▶ପୃଷ୍ଠା-୭

## ୩୭ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

■ ଭୁବନେଶ୍ୱର, ୨୧।୨ (ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ କମିଶନରେଟ୍ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡେଶ୍ୱରର ସମୀର ଖାନ ଓରଫ ମୁନା ଓରଫ ମୋହନ(୪୪), ରାଜପୁର ବସ୍ତିର ସେକ୍ ଇର୍ସାଦ୍ ମହମ୍ମଦ ଓରଫ ସୂର୍ଯ୍ୟ (୨୩), ମୁନାଫ୍ ଖାନ ଓରଫ ମୋନା (୨୨)। ଅଭିଯୁକ୍ତମାନଙ୍କଠାରୁ ୩୭୦ ଗ୍ରାମର ବ୍ରାଉନସୁଗର, ୨ଟି ବାଇକ, ୪ଟି ମୋବାଇଲ, ୧୬୫୦ ଟଙ୍କା ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗର ମୂଲ୍ୟ ୩୭ ଲକ୍ଷ ଟଙ୍କା ହେବ ବୋଲି ପୁଲସ ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର ପୁଲିସ ସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତମାନେ ଦୁଇଟି ବାଇକରେ ବ୍ରାଉନସୁଗର ଧରି ଜଳେଶ୍ୱରରୁ ଭୁବନେଶ୍ୱର ଆସିଥିଲେ। କିଛି ନିର୍ଦ୍ଦିଷ୍ଟ ଯୁବକଙ୍କୁ ବ୍ରାଉନସୁଗର ଦେବା ପାଇଁ ଯୋଜନା କରିଥିଲେ। ହେଲେ ପୁଲିସର ଚଢ଼ଉ ପରେ ବିକ୍ରି ଯୋଜନା ବିଫଳ ହୋଇଛି। କମିଶନରେଟ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ ହାତରେ ଧରାପଡ଼ିଛନ୍ତି। ଏନେଇ ଏସସିୟୁ ଟିମ୍ ସୂଚନା ପାଇ ବେପାରୀମାନଙ୍କୁ ଧରିବାକୁ

ପଶ୍ଚିମବଙ୍ଗରୁ ଆଣି ଭୁବନେଶ୍ୱରରେ ବିକ୍ରି ଯୋଜନା

ପୁଲିସ ପଞ୍ଝାରେ ୩ ବେପାରୀ

ପୂର୍ବପ୍ରସ୍ତୁତି କରିଥିଲା। ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ଦୂରଦର୍ଶନ କେନ୍ଦ୍ର ନିକଟରେ ଚଢ଼ଉ ବେଳେ ୩ ଅଭିଯୁକ୍ତ ପୁଲିସ ହାତରେ ଧରାପଡ଼ିଯାଇଥିଲେ।

ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ ଏମାନେ ପଶ୍ଚିମବଙ୍ଗରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିଲେ। ଗତ ନଭେମ୍ବର ୧୬ ▶ପୃଷ୍ଠା-୭

### ମଦ ପିଇବାକୁ ସରକାରଙ୍କ ନୂଆ ପ୍ରୋତ୍ସାହନ!

# ଏଣିକି କାଗଜ ପ୍ୟାକେଟ୍‌ରେ ମିଳିବ ମଦ

■ ଭୁବନେଶ୍ୱର, ୨୧।୨ (ସମିସ): କ୍ଷୀର, ଦହି, ବିଭିନ୍ନ ପ୍ରକାରର ଜୁସ୍ ଟେଟ୍ରା ପ୍ୟାକ୍(କାଗଜ ପ୍ୟାକେଟ) ରେ ଉପଲବ୍ଧ ହେଉଥିବା ବେଳେ ଏଣିକି ରାଜ୍ୟରେ ମଦ ମଧ୍ୟ ଟେଟ୍ରା ପ୍ୟାକ୍‌ରେ ଉପଲବ୍ଧ ହେବ। ରାଜ୍ୟ ଅବକାରୀ ନୀତିରେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏକ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ରଖିଛନ୍ତି। ମନ୍ତ୍ରୀଙ୍କ ଏପରି ଉତ୍ତରକୁ ନେଇ ବିଭିନ୍ନ ମହଲରେ ଆଲୋଚନା



ଜୋର୍ ଧରିଥିବା ବେଳେ ଏହା ରାଜ୍ୟରେ ମଦ ବିକ୍ରିକୁ ପ୍ରୋତ୍ସାହିତ କରିବ ବୋଲି ସାମାଜିକ କର୍ମୀମାନେ ଅଭିଯୋଗ କରିଛନ୍ତି। ଅବକାରୀ ନୀତିରେ କାଚ ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ୍ ବ୍ୟବହାରକୁ ଅନୁମତି ଦେଇଛନ୍ତି, ଯାହା ପରିବେଶ ସୁରକ୍ଷା ପାଇଁ ଅନୁକୂଳ ଅଟେ। ଜଣାପଡୁଛି। କାଗଜ ପ୍ୟାକେଟରେ ମଦ ଉପଲବ୍ଧ ହେଲେ ଏହା ସହଜରେ ଗ୍ରାମାଞ୍ଚଳରେ ଗଳିକନ୍ଦିରେ ଉପଲବ୍ଧ ହେବ। କାଚ ବୋତଲରେ ମଦ

ବିଧାନସଭାରେ ସୂଚନା ଦେଲେ ମନ୍ତ୍ରୀ, ସମାଲୋଚନା କଲେ ସମାଜସେବୀ

ଆସନ୍ତା ଆର୍ଥିକ ବର୍ଷରେ ଅବକାରୀରୁ ଅଧିକ ୧୧୪୬ କୋଟି ରାଜସ୍ୱ ଆଦାୟ ଲକ୍ଷ୍ୟ

ଶନିବାର ବିଧାନସଭାରେ ବିଧାୟକ ସନାତନ ମହାକୁଡ଼ କାଚ ବୋତଲ ପରିବର୍ତ୍ତେ ପ୍ଲାଷ୍ଟିକ କିମ୍ବା ଅନ୍ୟ କୌଣସି ବୋତଲ ବ୍ୟବହାର ଉପରେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର

ମନ୍ତ୍ରୀଙ୍କ ଉପରୋକ୍ତ ଉତ୍ତରକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଛି। ବୁଦ୍ଧିଜୀବୀ ମହଲର ଅଭିଯୋଗ ଅନୁଯାୟୀ ସରକାର ରାଜ୍ୟରେ ଲୋକଙ୍କୁ ମଦ ପିଇବାକୁ ପ୍ରୋତ୍ସାହିତ କରିବା ଉଦ୍ୟମରେ ଥିବା ଥିବାବେଳେ ଏହା ଭାଙ୍ଗିଯିବାର ଆଶଙ୍କା ରହୁଥିବା ବେଳେ କାଗଜ ପ୍ୟାକେଟରେ ସେପରି ଆଶଙ୍କା ରହିବ ନାହିଁ। ଏହାସହ କାଗଜ ପ୍ୟାକେଟ ମଦକୁ ମହଜୁଦ୍ କରି ରଖିବାରେ ବିଶେଷ ଅସୁବିଧା ହେବ ▶ପୃଷ୍ଠା-୭

# ମହାରାଷ୍ଟ୍ର କୋର୍ଟରେ ହାଜର ହେଲେ ରାହୁଲ

ଭିୱାଣ୍ଡି(ଥାନେ), ୨୧।୨(ଏଜେନ୍ସି): କଂଗ୍ରେସ ବରିଷ୍ଠ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ମହାରାଷ୍ଟ୍ରର ଭିୱାଣ୍ଡି ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର ହୋଇଛନ୍ତି। ୨୦୨୪ରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) କର୍ମୀଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ମାନହାନୀ ମାମଲାରେ ସେ ଜଣେ ନୂତନ ଜାମିନଦାର ପ୍ରଦାନ କରିବା ପାଇଁ କୋର୍ଟରେ ପହଞ୍ଚିଥିଲେ। ମହାରାଷ୍ଟ୍ର କଂଗ୍ରେସ ସଭାପତି ହର୍ଷବର୍ଦ୍ଧନ ସାପକାଲଙ୍କୁ ରାହୁଲ ନିଜର ନୂତନ ଜାମିନଦାର ଭାବେ ନାମିତ କରିଛନ୍ତି। ଏହି ମାମଲାରେ ରାହୁଲଙ୍କ ପୂର୍ବତନ ଜାମିନଦାର ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିବରାଜ ପାଟିଲ ଚାକୁରକରଙ୍କର ଗତ ଡିସେମ୍ବର ମାସରେ ଦେହାନ୍ତ ହୋଇଥିଲା। ଏହି କାରଣରୁ ରାହୁଲଙ୍କୁ ବ୍ୟକ୍ତିଗତ ଭାବେ ହାଜର ହୋଇ ନୂଆ ଜାମିନ ବଣ୍ଡରେ ସ୍ୱାକ୍ଷର କରିବାକୁ ପଡ଼ିଥିଲା। ଭିୱାଣ୍ଡି ଯିବା ବାଟରେ ବିଜେପି କର୍ମୀମାନେ ରାହୁଲଙ୍କୁ କଳା ପତାକା ଦେଖାଇ ବିରୋଧ ପ୍ରଦର୍ଶନ କରିଥିଲେ। ଆରଏସ୍ଏସ୍ କର୍ମୀ ରାଜେଶ କୁଣ୍ଟେ ୨୦୧୪ରେ ଏହି ମାମଲା ଦାୟର କରିଥିଲେ। ଅଭିଯୋଗ ଅନୁସାରେ, ୨୦୧୪ ଲୋକସଭା ନିର୍ବାଚନ ସମୟରେ ଏକ ସଭାରେ ରାହୁଲ କହିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପଛରେ ଆରଏସ୍ଏସ୍‌ର ହାତଥିଲା। ଏହି ମନ୍ତବ୍ୟ ଦ୍ୱାରା ସଂଗଠନର ଭାବମୂର୍ତ୍ତି କ୍ଷୁର୍ଣ୍ଣ ହୋଇଥିବା କୁଣ୍ଟେ ଦାବି କରିଥିଲେ। ରାହୁଲଙ୍କ ଓକିଲ ନାରାୟଣ ଆୟର କହିଛନ୍ତି ଯେ କୋର୍ଟର ସମସ୍ତ ଆନୁଷ୍ଠାନିକ କାର୍ଯ୍ୟ ଶେଷ ହୋଇଛି। ରାହୁଲଙ୍କୁ ଭବିଷ୍ୟତ ଶୁଣାଣି ପାଇଁ ବ୍ୟକ୍ତିଗତ ହାଜିରାରୁ ସ୍ଥାୟୀ ଛାଡ଼ ମିଳିଛି। ଉପଯୁକ୍ତ ସମୟରେ ରାହୁଲଙ୍କ ପକ୍ଷରୁ ସାକ୍ଷୀ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ମାର୍ଚ୍ଚ-ଏପ୍ରିଲରେ ଚୀନ୍ ଗସ୍ତ କରିବେ ଟ୍ରମ୍ପ

ବେଜିଂ/ୱାଶିଂଟନ, ୨୧।୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ମାର୍ଚ୍ଚ ୩୧ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ଚୀନ୍ ଗସ୍ତ କରିବେ। ଏ ସଂକ୍ରାନ୍ତରେ ହ୍ୱାଇଟ୍ ହାଉସ୍ ପକ୍ଷରୁ ନିଶ୍ଚିତ କରାଯାଇଛି। ବିଶ୍ୱ ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ ହେଉଥିବା ବେଳେ ଚୀନ୍ ଏହି ଗସ୍ତକୁ ନିଜର ଏକ ବଡ଼ ବିଜୟ ଭାବେ ଦେଖୁଛି। ଟ୍ରମ୍ପଙ୍କ ଅସ୍ଥିର ବୈଦେଶିକ ନୀତି ଯୋଗୁଁ ବିଶ୍ୱର ଅନେକ ପ୍ରମୁଖ ନେତା ଚୀନ୍ ସହ ସମ୍ପର୍କ ବଢ଼ାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ କେର୍ ଷ୍ଟାରମର ଓ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ଭଳି ନେତାମାନେ ନିକଟରେ ଚୀନ୍ ଗସ୍ତ କରିଛନ୍ତି। ଗ୍ରୀନ୍‌ଲ୍ୟାଣ୍ଡକୁ କିଣିବା ପାଇଁ ଟ୍ରମ୍ପଙ୍କ ଜିଦ୍, ୟୁରୋପୀୟ ସଂଘ ଉପରେ ଶୁଳ୍କ ଲଗାଇବା ଓ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବା ପାଇଁ ଚାପ ପକାଇବା ଯୋଗୁଁ ଆମେରିକାର ପାରମ୍ପାରିକ ମିତ୍ର ରାଷ୍ଟ୍ରଗୁଡ଼ିକ ଚୀନ୍ ଆଡକୁ ଢଳୁଥିବାର ଦେଖାଯାଇଛି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଚୀନ୍ ନିର୍ମିତ ଇଲେକଟ୍ରିକ ଗାଡ଼ି ଉପରୁ ଶୁଳ୍କ କୋହଳ କରିବା ସହ କୃଷିଜାତ ଦ୍ରବ୍ୟର ରପ୍ତାନି ପାଇଁ ବୁଝାମଣା କରିଛନ୍ତି। ଚୀନ୍ ସହ ସମ୍ପର୍କରେ ସ୍ଥିରତା ଆଣିବାକୁ ପ୍ରୟାସ କରିବା ହେଉଛି ଟ୍ରମ୍ପଙ୍କର ଏହି ଗସ୍ତର ମୂଳ ଲକ୍ଷ୍ୟ ବୋଲି କୁହାଯାଉଛି।

# ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦଙ୍କ ବିରୋଧରେ ଏତଲା ପାଇଁ କୋର୍ଟ ନିର୍ଦ୍ଦେଶ



ପ୍ରୟାଗରାଜ, ୨୧।୨(ଏଜେନ୍ସି): ପ୍ରୟାଗରାଜର ଏକ ସ୍ୱତନ୍ତ୍ର ପୋକସୋ କୋର୍ଟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ବିରୋଧରେ ଏତଲା ଦେବାକୁ ଶନିବାର ଝୁନ୍ସି ଥାନା ଅଧିକାରୀ (ଏସ୍ଏଚ୍ଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ଆଶ୍ରମରେ ଥିବା ଛୋଟ ପିଲା ବା 'ବଟୁକ' ମାନଙ୍କୁ ଯୌନ ଶୋଷଣ କରାଯାଉଥିବାର ଅଭିଯୋଗ ହୋଇଛି। ସ୍ୱତନ୍ତ୍ର ବିଚାରପତି ବିନୋଦ କୁମାର ଚୌରାସିଆ ପୀଡିତ ଶିଶୁମାନଙ୍କ ବୟାନ ଓ ଉପସ୍ଥାପିତ ପ୍ରମାଣକୁ ଆଧାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଆଶୁତୋଷ ବ୍ରହ୍ମଚାରୀ ମହାରାଜ ଏହି ମାମଲା ଦାୟର କରିଥିଲେ। ସେ ଅଭିଯୋଗ କରିଛନ୍ତି ଯେ ବାରାଣାସୀସ୍ଥିତ 'ବିଦ୍ୟା ମଠ'ର ପଞ୍ଚମ ମହଲାରେ ପିଲାମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଛି। ଆଶୁତୋଷ ବ୍ରହ୍ମଚାରୀ କହିଛନ୍ତି ଯେ ଏହି ଘଟଣା ପ୍ରତିବାଦରେ ସେମାନେ ପ୍ରୟାଗରାଜରୁ ବାରାଣାସୀ ପର୍ଯ୍ୟନ୍ତ ଏକ 'ସନାତନ ଯାତ୍ରା' ଆୟୋଜନ କରୁଛନ୍ତି। ତେବେ ଏ ନେଇ ଅଭିମୁକ୍ତେଶ୍ୱରାନନ୍ଦଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ପୂର୍ବରୁ ସେ ମାଘ ମେଳା ପ୍ରଶାସନ ସହ ବିବାଦ କାରଣରୁ ଚର୍ଚ୍ଚାରେ ରହିଥିଲେ।


# ଛାଡ଼ପତ୍ର ପାଇଁ ସ୍ୱାମୀର ଗୁଳିମାଡ଼ରେ ପତ୍ନୀ ମୃତ

ଫରିଦାବାଦ୍, ୨୧।୨(ଏଜେନ୍ସି): ହରିୟାଣାର ଫରିଦାବାଦ୍‌ରେ ଏକ ଅଭାବନୀୟ ଘଟିଛି। ଜଣେ ବ୍ୟକ୍ତି ନିଜ ପତ୍ନୀଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ବସନ୍ତପୁର ଗ୍ରାମରେ ସନଲାଇଟ୍ କଲୋନୀରେ ଶୁକ୍ରବାର ରାତି ପ୍ରାୟ ୮ଟାରେ ଏହି ଘଟଣା ଘଟିଛି। ଅଭିଯୁକ୍ତ ସ୍ୱାମୀ ନିଜ ପରିବାରର କିଛି ସଦସ୍ୟଙ୍କ ସହ ପତ୍ନୀଙ୍କ ଘରକୁ ଆସିଥିଲା। ପତ୍ନୀ ସଙ୍ଗୀତା ଦେବୀ (୩୦) ବାହାରୁ ଫେରୁଥିବା ବେଳେ ରାସ୍ତାରେ ତାଙ୍କୁ ଅଟକାଇ ଯୁକ୍ତିତର୍କ କରିଥିଲା। ଏହି ଝଗଡ଼ା ବଢ଼ିବା ପରେ ସ୍ୱାମୀ ତାଙ୍କ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳିମାଡ଼ ଶବ୍ଦ ଶୁଣି ପଡୋଶୀମାନେ ବାହାରକୁ ଆସିବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ସଙ୍ଗୀତାଙ୍କ ବାପାମା ଓ ପଡୋଶୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ସେକ୍ଟର ୩୧ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଅଭିଯୁକ୍ତକୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ପ୍ରାଥମିକ ତଦନ୍ତରୁ ଛାଡ଼ପତ୍ର ବିବାଦ ହିଁ ହତ୍ୟାକାଣ୍ଡର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ସଙ୍ଗୀତା ଦେବୀ ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଥିଲା। ସେ ନିଜର ସନ୍ତାନଙ୍କ ସହ ସ୍ୱାମୀଠାରୁ ଅଲଗା ରହୁଥିଲେ। ପୂର୍ବରୁ ମଧ୍ୟ ସେମାନଙ୍କ ମଧ୍ୟରେ ବିବାଦ ରହିଥିଲା।

# ଲସ୍କର ଟାର୍ଗେଟରେ ଲାଲକିଲ୍ଲା, ଚାନ୍ଦିନୀଚୌକ

ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା (ଏଲ୍ଇଟି) ଭାରତର କିଛି ଧାର୍ମିକ ସ୍ଥଳ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିବା ନେଇ ଗୁଇନ୍ଦା ସୂଚନା ମିଳିଛି। ସୂଚନା ମିଳିବା ପରେ ରାଜଧାନୀର ପ୍ରମୁଖ ଐତିହାସିକ ଓ ଧାର୍ମିକ ସ୍ଥଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ବିଶେଷ କରି ଐତିହାସିକ ଲାଲ୍‌କିଲ୍ଲା ଓ ଚାନ୍ଦିନୀଚୌକ ଅଞ୍ଚଳରେ ଥିବା ପ୍ରମୁଖ ମନ୍ଦିର ଓ ଧାର୍ମିକ ସ୍ଥଳଗୁଡ଼ିକୁ ଆତଙ୍କବାଦୀମାନେ ଟାର୍ଗେଟ କରିବାକୁ ଯୋଜନା କରିଥିବା ସୂଚନା ମିଳିଛି। ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦ୍‌ରେ ଗତ ଫେବୃଆରୀ ୬ରେ ଏକ ମସଜିଦ୍‌ରେ ହୋଇଥିବା ବିସ୍ଫୋରଣର ପ୍ରତିଶୋଧ ନେବା ପାଇଁ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା ଭାରତରେ ଆଇଇଡ଼ି ବିସ୍ଫୋରଣ ଘଟାଇବାକୁ ଯୋଜନା କରୁଛି। କେବଳ ଦିଲ୍ଲୀ ନୁହେଁ, ବରଂ ଦେଶର ଅନ୍ୟାନ୍ୟ ପ୍ରମୁଖ ମନ୍ଦିରଗୁଡ଼ିକ ମଧ୍ୟ ସେମାନଙ୍କ ହିଟ୍‌ଲିଷ୍ଟରେ ରହିଛି। ଶନିବାର ସକାଳୁ ଦିଲ୍ଲୀ ପୁଲିସ ଓ କେନ୍ଦ୍ରୀୟ ସୁରକ୍ଷା ଏଜେନ୍ସି ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି। ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ ଓ ଗେଟ୍ ନଂ ୧ ନିକଟରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସାରା ସହରରେ ସିସିଟିଭି କ୍ୟାମେରା ଜରିଆରେ ନଜର ରଖାଯାଇଛି। ସନ୍ଦିଗ୍ଧ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯିବା ସହ ବୋମା ନିଷ୍କ୍ରିୟକାରୀ ଦଳ (ବମ୍ ସ୍କ୍ୱାଡ଼) ଓ ଡଗ୍ ସ୍କ୍ୱାଡ଼କୁ ଆଲର୍ଟରେ ରଖାଯାଇଛି। ସମ୍ବେଦନଶୀଳ ଅଞ୍ଚଳରେ ମହିଳା କନେଷ୍ଟବଳ ଓ କୁଇକ୍ ରେସପନ୍ସ ଟିମ (କ୍ୟୁଆରଟି) ମୁତୟନ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧୦ରେ ଲାଲକିଲ୍ଲା ନିକଟରେ ଏକ ଭୟଙ୍କର କାର୍ ବିସ୍ଫୋରଣ ଘଟିଥିଲା, ଯେଉଁଥିରେ ପ୍ରାୟ ୧୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଥିଲେ। ସେହି ଘଟଣାକୁ ଦୃଷ୍ଟିରେ ରଖି ପ୍ରଶାସନ ଏଥର କୌଣସି ପ୍ରକାର କୋହଳ ମନୋଭାବ ପୋଷଣ କରିବାକୁ ଚାହୁଁନାହିଁ। କୌଣସି ଅଜଣା ବସ୍ତୁ ବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଜନସାଧାରଣଙ୍କୁ କୁହାଯାଇଛି। ଭୟଭୀତ ନ ହୋଇ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

**ଦିଲ୍ଲୀର ଧାର୍ମିକ ଓ ଐତିହାସିକ ସ୍ଥଳରେ ହାଇ ଆଲର୍ଟ**



## ପଞ୍ଜାବ, କଶ୍ମୀରରୁ ବିସ୍ଫୋରକ ଜବତ

ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): ଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ନେଇ ହାଇ-ଆଲର୍ଟ ଜାରି ହେବା ପରେ ପଞ୍ଜାବର ଅମୃତସର ଓ ଜମ୍ମୁ-କଶ୍ମୀରର ଗାନ୍ଦରବଲରୁ ବିସ୍ଫୋରକ ଉଦ୍ଧାର କରାଯାଇଛି। ଯଦିଓ ପୁଲିସ ଏହି ଘଟଣାକୁ ଦିଲ୍ଲୀ ଷଡ଼ଯନ୍ତ୍ର ସହ ସିଧାସଳଖ ଯୋଡ଼ିନାହିଁ, ତଥାପି ଏହାର ସମୟ ତଥା ସଂଯୋଗକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅମୃତସରର ରାୟା ପୁଲିସ ପୋଷ୍ଟ ନିକଟରେ ଏକ ସନ୍ଦିଗ୍ଧ ବ୍ୟାଗରୁ ବିସ୍ଫୋରକ ମିଳିଥିଲା। ବୋମା ନିଷ୍କ୍ରିୟକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏହାକୁ ସଫଳତାର ସହ ନିଷ୍କ୍ରିୟ କରିଥିଲେ। ସେହିପରି କଶ୍ମୀର ଗାନ୍ଦରବଲ ଜିଲ୍ଲାରେ ସାଫାପୋରା ଅଞ୍ଚଳରେ ଆଉ ଏକ ଆଇଇଡ଼ି ଉଦ୍ଧାର କରାଯାଇଛି। ସେନା ଓ ଜମ୍ମୁ-କଶ୍ମୀର ପୁଲିସର ବୋମା ନିଷ୍କ୍ରିୟକାରୀ ଦଳ (ବିଡିଏସ୍) ଏହାକୁ ଖୋଜି ବାହର କରିଥିଲେ। ଗତ ଏକ ସପ୍ତାହ ମଧ୍ୟରେ ଉତ୍ତର କଶ୍ମୀରରେ ଏହା ତୃତୀୟ ଆଇଇଡ଼ି ଜବତ ଘଟଣା। ଗୁଇନ୍ଦା ସୂଚନା ଅନୁସାରେ, ଇସଲାମାବାଦ୍‌ରେ ଏକ ମସଜିଦ ବିସ୍ଫୋରଣର ପ୍ରତିଶୋଧ ନେବା ପାଇଁ ଲସ୍କର ଭାରତରେ ଆକ୍ରମଣ କରିବାକୁ ଯୋଜନା କରୁଛି। କାରଣ ଇସଲାମାବାଦ ମସଜିଦ ବିସ୍ଫୋରଣ ପାଇଁ ପାକିସ୍ତାନ ଭାରତ ସରକାରଙ୍କୁ ଦାୟୀ କରୁଛି।

# ଆମେରିକା-ଇରାନ୍ ଯୁଦ୍ଧ ନିଶ୍ଚିତ: ଇସ୍ରାଏଲ



**ଖାମନେଇ, ତାଙ୍କ ପୁଅଙ୍କୁ ହତ୍ୟା କରିପାରନ୍ତି ଟ୍ରମ୍ପ**

ନୂଆଦିଲ୍ଲୀ/ ତେଲ୍‌ଅଭିଭ୍/ ୱାସିଂଟନ, ୨୧।୨ (ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମ ନେଇ ୱାସିଂଟନ ଓ ତେହେରାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। କୂଟନୈତିକ ସମାଧାନ ଆଶା ମଉଳି ଯାଇଥିବା ବେଳେ ଆମେରିକା ଓ ଇରାନ୍ ମଧ୍ୟରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କା ଦେଖାଦେଇଛି ବୋଲି ଇସ୍ରାଏଲ୍ ଓ ଉପସାଗରୀୟ ଦେଶର କୂଟନୀତିଜ୍ଞମାନେ ପ୍ରକାଶ କରିଛନ୍ତି। ଦୁଇ ଦେଶ ମଧ୍ୟରେ ମତଭେଦ ଦୂର କରିବା ଓ ସମାଧାନ ଅସମ୍ଭବ। ଏଣୁ ଇସ୍ରାଏଲ ଏବେ ଆମେରିକା ସହ ମିଶି ଇରାନ ବିରୋଧରେ ସମ୍ଭାବ୍ୟ ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଇତିମଧ୍ୟରେ ୨୦୦୩ ଇରାକ ଯୁଦ୍ଧ ପରେ ମଧ୍ୟ-ପ୍ରାଚ୍ୟରେ ଆମେରିକା ନିଜର ସବୁଠାରୁ ବଡ଼ ସାମରିକ ଉପସ୍ଥିତି ଜାହିର କରିଛି। ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ବୈଠକ ମଧ୍ୟ ବିଫଳ ହୋଇଛି। ତେଣୁ ଯୁଦ୍ଧ ଆଶଙ୍କା ଘନେଇବାରେ ଲାଗିଛି ବୋଲି ଇସ୍ରାଏଲ କହିଛି। ଟ୍ରମ୍ପଙ୍କ ପାଖରେ ଇରାନର ନେତୃତ୍ୱ ପରିବର୍ତ୍ତନ କରିବାର ବିକଳ୍ପ ମଧ୍ୟ ରଖାଯାଇଛି। ତେଣୁ ଏହି ସମସ୍ୟା ଉପରେ ଏବେ ସାରା ବିଶ୍ୱର ନଜର ରହିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଇରାନ ବିରୋଧରେ ଏକ ବଡ଼ ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ବିକଳ୍ପ ପ୍ରଦାନ କରାଯାଇଛି। ଏଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମନେଇ ଓ ତାଙ୍କ ଉତ୍ତରାଧିକାରୀ ଭାବେ ବିବେଚିତ ହେଉଥିବା ତାଙ୍କ ପୁଅ ମୋଜତାବା ଖାମ୍‌ନେଇଙ୍କୁ ହତ୍ୟା କରିବା ଓ ଏଥିପାଇଁ ଲକ୍ଷ୍ୟ ବା ଟାର୍ଗେଟ କରି ଆକ୍ରମଣ କରିବାର ଯୋଜନା ସାମିଲ ରହିଛି ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଆମେରିକା ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ପ୍ରତ୍ୟେକ ପରିସ୍ଥିତି ପାଇଁ ଟ୍ରମ୍ପଙ୍କ ସମ୍ମୁଖରେ ରଣନୀତି ରଖିଛି। ଜଣେ ବରିଷ୍ଠ ପରାମର୍ଶଦାତାଙ୍କ ଅନୁସାରେ, ଏହି ଯୋଜନାରେ ଆୟୋତୋଲ୍ଲା, ତାଙ୍କ ପୁଅ ଏବଂ ମୁଲ୍ଲାମାନଙ୍କୁ ଶେଷ କରିବାର ବିକଳ୍ପ ରହିଛି। ତେବେ ଟ୍ରମ୍ପ ଏ ସମ୍ପର୍କରେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି। ସେ ।ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରନ୍ତି କିମ୍ବା ଆଦୌ ନ ଦେଇ ପାରନ୍ତି। ଏହି ସମ୍ବେଦନଶୀଳ ମାମଲାରେ ହ୍ୱାଇଟ୍ ହାଉସ୍ ମୁଖପାତ୍ର ଆନା କେଲି କୌଣସି ନିର୍ଦ୍ଦିଷ୍ଟ ସାମରିକ ଯୋଜନା ଉପରେ ମନ୍ତବ୍ୟ ଦେବାକୁ ମନା କରିଦେଇଛନ୍ତି।

ପୂର୍ବରୁ ୨୦୦୩ ଇରାକ ଯୁଦ୍ଧ ପରେ ଆମେରିକା ମଧ୍ୟ-ପ୍ରାଚ୍ୟରେ ସର୍ବବୃହତ ବାୟୁସେନା ମୁତୟନ କରିଛି। ଏଥିରେ ଏଫ୍-୩୫, ଏଫ୍-୨୨ ଓ ଏଫ୍-୧୫ ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ସାମିଲ ରହିଛି। ସମୁଦ୍ରରେ ୧୩ଟି ଯୁଦ୍ଧ ଜାହାଜ ସହ 'ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ' ଓ 'ୟୁଏସ୍‌ଏସ୍ ଜେରାଲ୍ଡ ଆର ଫୋର୍ଡ' ବିମାନବାହୀ ଜାହାଜ ପ୍ରସ୍ତୁତ ହୋଇ ରହିଛନ୍ତି। ଟ୍ରମ୍ପ ଇରାନ୍‌କୁ ଚେତାବନୀ ଦେଇ କହିଥିଲେ ଯେ ଯଦି ଇରାନ ପ୍ରସ୍ତାବିତ ପରମାଣୁ ଚୁକ୍ତିରେ ରାଜି ନହୁଏ, ତେବେ ପରିଣାମ ଭୟଙ୍କର ହେବ। ଯଦି ଆମେରିକା ସିଧାସଳଖ ଇରାନର ଶୀର୍ଷ ନେତୃତ୍ୱଙ୍କୁ ଟାର୍ଗେଟ କରେ, ତେବେ ମଧ୍ୟ ପ୍ରାଚ୍ୟରେ ଏକ ଭୟଙ୍କର ଯୁଦ୍ଧ ରୂପ ନେଇପାରେ ଓ ଅନ୍ତର୍ଜାତୀୟ ସ୍ଥିରତା ଉପରେ ନକାରାତ୍ମକ ପ୍ରଭାବ ପକାଇବ।

# ସୁନ୍ଦରୀ ମହିଳାଙ୍କୁ ଅସ୍ତ୍ର କରିଛି ଜୈସ୍

ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): ପାକିସ୍ତାନର ଜଣାଶୁଣା ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ୍) ବିଶ୍ୱବ୍ୟାପୀ ଭାରତୀୟଙ୍କ ମାଲିକାନାରେ ଥିବା ନାଇଟ୍ କ୍ଲବ, ବାର୍ ଓ ପବ୍‌ଗୁଡ଼ିକୁ ଟାର୍ଗେଟ କରିବା ପାଇଁ ଏକ ବଡ଼ ଯୋଜନା କରୁଥିବା ଗୁଇନ୍ଦା ଏଜେନ୍ସି ପକ୍ଷରୁ ସୂଚନା ମିଳିଛି। ଏହି ଅପରେସନ ପାଇଁ ସଂଗଠନ ନିଜର ମହିଳା ୱିଙ୍ଗ୍‌କୁ ବ୍ୟବହାର କରୁଛି। ଜୈସ ପକ୍ଷରୁ ସୁନ୍ଦରୀ ଯୁବତୀମାନଙ୍କୁ ନିଯୁକ୍ତି ଦିଆଯାଇ ସେମାନଙ୍କୁ ଭାରତୀୟ ମାଲିକାନାରେ ଥିବା ବାର୍ ଓ ପବ୍‌ଗୁଡ଼ିକରେ କାମରେ ଲଗାଯାଉଛି। ସେମାନଙ୍କୁ ଏହି ସ୍ଥାନଗୁଡ଼ିକର ସମସ୍ତ ଗୁପ୍ତ ସୂଚନା ସଂଗ୍ରହ କରିବାକୁ ତାଲିମ ଦିଆଯାଉଛି। ପାକିସ୍ତାନୀ ଲିଙ୍କ୍ ଲୁଚାଇବା ପାଇଁ ଉଜବେକିସ୍ତାନ, ଇଣ୍ଡୋନେସିଆ ଓ ଫିଲିପାଇନ୍ସର ମହିଳାମାନଙ୍କୁ ବ୍ୟବହାର କରାଯାଉଛି। ସେମାନଙ୍କୁ ନୂଆ ପରିଚୟପତ୍ର ଦିଆଯାଇ କାମରେ ଲଗାଯାଉଛି। ଆମେରିକା, ବ୍ରିଟେନ, ଥାଇଲାଣ୍ଡ, ଇଣ୍ଡୋନେସିଆ, ଫିଲିପାଇନ୍ସ ଓ ଦୁବାଇରେ ଥିବା ଭାରତୀୟ ସ୍ଥାନଗୁଡ଼ିକୁ ଆକ୍ରମଣ ପାଇଁ ଚିହ୍ନଟ କରାଯାଇଛି ବୋଲି ଏଜେନ୍ସିଗୁଡ଼ିକ ସୂଚନା ଦେଇଛନ୍ତି। ଚିହ୍ନଟ ସ୍ଥାନଗୁଡ଼ିକରେ ଏକାସାଙ୍ଗରେ ଆକ୍ରମଣ କରିବାକୁ ଯୋଜନା କରାଯାଉଛି। ପର୍ଯ୍ୟାୟକ୍ରମେ ଆକ୍ରମଣ କଲେ ଧରାପଡ଼ିବାର ଭୟ ରହିଥିବାରୁ ଏପରି ରଣନୀତି ପ୍ରସ୍ତୁତ କରାଯାଇଛି। କାମକରୁଥିବା ମହିଳାମାନେ ହିଁ ସେଠାରେ ଆତ୍ମଘାତୀ ଆକ୍ରମଣ କରିବାର ଆଶଙ୍କା ରହିଛି। ଏହି ବଡ଼ ଧରଣର ଅପରେସନ ପାଇଁ ପାକିସ୍ତାନର ଆଇଏସ୍ଆଇ ସହାୟତାରେ ପାଣ୍ଠି ସଂଗ୍ରହ କରାଯାଉଛି। ଗାଜା ରିଲିଫ ନାମରେ ଦାନ ସଂଗ୍ରହ କରାଯାଇ ସେହି ଟଙ୍କାକୁ ଆତଙ୍କବାଦୀ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଉପସାଗରୀୟ ଦେଶ ଓ ପାକିସ୍ତାନରେ ଗତ ୪ ମାସ ଧରି ଏହି ଅଭିଯାନ ଜାରି ରହିଛି। ଭାରତୀୟ ଗୁଇନ୍ଦା ସଂସ୍ଥା ଏହି ବିପଦ ବିଷୟରେ ସମ୍ପୂର୍ଣ୍ଣ ଭାବେ ଅବଗତ ଅଛନ୍ତି।

**ଭାରତୀୟଙ୍କ ମାଲିକାନାରେ ଥିବା ପବ୍, ବାର୍ ଉପରେ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର**

# ଅଜିତ୍‌ଙ୍କ ବିମାନରେ ପେଟ୍ରୋଲ ଡବା ରଖାଯାଇଥିଲା !

ନୂଆଦିଲ୍ଲୀ/ବାରାମାତୀ, ୨୧।୨(ଏଜେନ୍ସି): ମହାରାଷ୍ଟ୍ର ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା ମାମଲାରେ ଏବେ ଏକ ନୂଆ ମୋଡ଼ ଆସିଛି। ତାଙ୍କ ପୁତୁରା ତଥା ବିଧାୟକ ରୋହିତ ପାୱାର ଶନିବାର ଦିଲ୍ଲୀରେ ଏକ ସମ୍ବାଦିକ ସମ୍ମିଳନୀ କରି ଏହି ଦୁର୍ଘଟଣା ପଛରେ ଏକ ବଡ଼ ଷଡ଼ଯନ୍ତ୍ର ରହିଛି ବୋଲି ଅଭିଯୋଗ କରିଛନ୍ତି। ସେ ଏହି କ୍ରମରେ ୩ଟି ବଡ଼ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବା ଅନୁଯାୟୀ, ଦୁର୍ଘଟଣା ସମୟରେ କେବଳ ଗୋଟିଏ ବିସ୍ଫୋରଣ ହୋଇ ନଥିଲା, ବରଂ ଏକାଧିକ ବିସ୍ଫୋରଣ ହୋଇଥିଲା। ବିମାନର ଜିନିଷ ରଖିବା ସ୍ଥାନରେ ଅତିରିକ୍ତ ପେଟ୍ରୋଲ ଡବା ରଖାଯାଇଥିଲା ଓ ଏଥିପାଇଁ ନିଆଁ ବ୍ୟାପିଯାଇଥିଲା। ସେ ଅଭିଯୋଗ କରିଛନ୍ତି ଯେ, ନିୟମ ଅନୁଯାୟୀ କକ୍‌ପିଟ୍ ଭଏସ ରେକର୍ଡର (ସିଭିଆର) ୯ ଘଣ୍ଟାର ରେକର୍ଡିଂ ରଖିବା କଥା। କିନ୍ତୁ ଏହି ବିମାନରେ ମାତ୍ର ୩୦ ମିନିଟର କ୍ଷମତା ଥିଲା। ଏହା ସତ୍ତ୍ୱେ ବିମାନଟି କିଭଳି ପଞ୍ଜିକୃତ ହୋଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ରେକର୍ଡିଂ ନଷ୍ଟ ହୋଇଛି ବୋଲି କୁହାଯାଉଥିବା କଥାକୁ ସେ ବିଶ୍ୱାସ କରୁନାହାନ୍ତି। ପୁଣି ଯେଉଁ ଭିଏସ୍ଆର ଭେନ୍‌ଚର୍ସ କମ୍ପାନୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି, ତାହାର ସମ୍ପର୍କ ତେଲଗୁ ଦେଶମ୍ ପାର୍ଟି (ଟିଡିପି) ପାର୍ଟି ସହ ଥିବା ସେ ଦାବି କରିଛନ୍ତି। ଅଜିତ ପାୱାରଙ୍କୁ ନ୍ୟାୟ ଦେବା ପାଇଁ ରୋହିତ ପାୱାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛନ୍ତି। ଏହି ମାମଲାର ତଦନ୍ତ କୌଣସି ସ୍ୱାଧୀନ କିମ୍ବା ଅନ୍ତର୍ଜାତୀୟ ଏଜେନ୍ସି ଦ୍ୱାରା କରାଇବାକୁ ସେ ଅନୁରୋଧ କରିଛନ୍ତି। ପୂର୍ବରୁ ଏହି ଘଟଣାରେ ଅଜିତଙ୍କ ପୁଅ ଜୟ ପାୱାର ମଧ୍ୟ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରି ଭିଏସ୍ଆର ଭେଞ୍ଚର୍ସର ବିମାନ ଉଡ଼ାଣ ଉପରେ ରୋକ ଲଗାଇବାକୁ ଓ ସ୍ୱଚ୍ଛ ତଦନ୍ତ କରିବାକୁ ଦାବି କରିଥିଲେ। ଉଲ୍ଲେଖଥାଉ କି, ଗତ ଜାନୁଆରୀ ୨୮ରେ ପୁଣେ ବାରାମତୀରେ ଏକ ଘରୋଇ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଅଜିତ ପାୱାରଙ୍କ ସମେତ ୫ ଜଣ ମୃତ୍ୟୁବରଣ କରିଥିଲେ। ଅଜିତଙ୍କ ପତ୍ନୀ ସୁନେତ୍ରା ମଧ୍ୟ ଏହି ଘଟଣାର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍‌ଙ୍କୁ ଭେଟି ଅନୁରୋଧ କରିଛନ୍ତି।

**ପୁତୁରାଙ୍କ ସାଂଘାତିକ ଅଭିଯୋଗ**

# ରାହୁଲଙ୍କ ବିରୋଧରେ ବିଜେପିର ଦେଶବ୍ୟାପୀ ବିକ୍ଷୋଭ

ନୂଆଦିଲ୍ଲୀ, ୨୧।୨(ଏଜେନ୍ସି): କଂଗ୍ରେସ କର୍ମକର୍ତ୍ତାଙ୍କ ଦ୍ୱାରା ଏଆଇ ସମ୍ମିଳନୀରେ ହଙ୍ଗାମା କରାଯିବା ପ୍ରତିବାଦରେ ବିଜେପି ପକ୍ଷରୁ ଦେଶବ୍ୟାପୀ ବିରୋଧ ପ୍ରଦର୍ଶନ କରାଯାଇଛି। ବିଜେପି ପକ୍ଷରୁ ରାଜଧାନୀ ଦିଲ୍ଲୀ, ମହାରାଷ୍ଟ୍ର, ଗୁଜରାଟ, ବିହାର, ତେଲଙ୍ଗାନା ଓ ଜମ୍ମୁ-କଶ୍ମୀରରେ ବ୍ୟାପକ ପ୍ରଦର୍ଶନ କରାଯାଇଛି। ଦିଲ୍ଲୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ବାହାରେ ବିଜେପି ଯୁବମୋର୍ଚ୍ଚା କର୍ମୀମାନେ 'କଂଗ୍ରେସ + ରାହୁଲ= ଗଦ୍ଦାର' ଏବଂ 'ଦେଶଦ୍ରୋହୀ ରାହୁଲ କ୍ଷମା ମାଗନ୍ତୁ' ଭଳି ପୋଷ୍ଟର ଧରି ବିରୋଧ କରିଛନ୍ତି। ମୁମ୍ବଇର ମୁଲୁଣ୍ଡ ଅଞ୍ଚଳରେ ବିଜେପି କର୍ମୀମାନେ କଂଗ୍ରେସର କୁଶପୁତ୍ତଳିକା ଦାହ କରିଛନ୍ତି। ସେପଟେ ଦିଲ୍ଲୀର ପାଟିଆଲା ହାଉସ୍ କୋର୍ଟରେ ଏଆଇ ଇମ୍ପାକ୍ଟ ସମ୍ମିଳନୀରେ ହଙ୍ଗାମା କରିଥିବା ୪ ଜଣ ଅଭିଯୁକ୍ତଙ୍କୁ ହାଜର କରାଯାଇଥିଲା। ପୁଲିସର କହିବା ଅନୁଯାୟୀ, ଏହି ଅଭିଯୁକ୍ତମାନେ ନେପାଳର 'ଜେନ-ଜେଡ଼ ଆନ୍ଦୋଳନ' ଦ୍ୱାରା ଅନୁପ୍ରାଣିତ ହୋଇଥିଲେ। ସମ୍ମିଳନୀ ସମୟରେ ଅନେକ ବିଶ୍ୱସ୍ତରୀୟ ନେତା ଓ ଟେକ୍ ଏକ୍ସପର୍ଟ ଉପସ୍ଥିତ ଥିଲେ, ଏଣୁ ଏହି ହଙ୍ଗାମାକୁ ଏକ ବଡ଼ ଷଡ଼ଯନ୍ତ୍ରର ଅଂଶ ବୋଲି ପୁଲିସ ସନ୍ଦେହ କରୁଛି। ଜୁଡିସିଆଲ ମାଜିଷ୍ଟ୍ରେଟ୍ ରବି ସମସ୍ତ ୪ ଜଣ ଅଭିଯୁକ୍ତଙ୍କୁ ୫ ଦିନିଆ ପୁଲିସ ରିମାଣ୍ଡରେ ପଠାଇଛନ୍ତି।

# ୟୁକ୍ରେନର ଶୀର୍ଷ ନେତାଙ୍କୁ ହତ୍ୟା ପାଇଁ 'ଲକ୍ଷେ ଡଲାର ଯୋଜନା'

କିଭ୍, ୨୧।୨(ଏଜେନ୍ସି): ୟୁକ୍ରେନର ଶୀର୍ଷସ୍ତରୀୟ ରାଜନେତାମାନଙ୍କୁ ହତ୍ୟା କରିବା ପାଇଁ ରୁଷିଆ ପକ୍ଷରୁ ହୋଇଥିବା ଏକ ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ହୋଇଛି। ମସ୍କୋ ନିର୍ଦ୍ଦେଶରେ ଏହି ହତ୍ୟାକାଣ୍ଡ ପାଇଁ ପ୍ରତି ବ୍ୟକ୍ତି ପିଛା ୧,୦୦୦୦୦ ଡଲାର ଅର୍ଥାତ ୮୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଥିଲା। ଏବେ ଏହା ସାମ୍ନାକୁ ଆସିଛି ବୋଲି ୟୁକ୍ରେନ ତରଫରୁ କୁହାଯାଉଛି। ୟୁକ୍ରେନ ଓ ମଲଡୋଭାର ସୁରକ୍ଷା ବଳ ମିଳିତ ଭାବେ ଚଢ଼ାଉ କରି ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ୧୦ ଜଣଙ୍କୁ ଗିରଫ କରିଛନ୍ତି। ଏହି ଷଡ଼ଯନ୍ତ୍ରର ମୁଖ୍ୟ ସୂତ୍ରଧାରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ୨୦ରୁ ଅଧିକ ସ୍ଥାନ ଉପରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନଗଦ ଟଙ୍କା, ଅସ୍ତ୍ରଶସ୍ତ୍ର, ବିସ୍ଫୋରଣ ଏବଂ ରୁଷ ହ୍ୟାଣ୍ଡଲରମାନଙ୍କ ସହ ଯୋଗାଯୋଗର ପ୍ରମାଣ ଜବତ ହୋଇଛି। ୟୁକ୍ରେନର ପ୍ରସିକ୍ୟୁଟର ଜେନେରାଲ ରୁସଲାନ କ୍ରାଭଚେଙ୍କୋ କହିଛନ୍ତି ଯେ ଏହି ଗୋଷ୍ଠୀ କିଛି ଜଣାଶୁଣା ୟୁକ୍ରେନ ନାଗରିକ ଓ ବିଦେଶୀଙ୍କୁ ହତ୍ୟା କରିବାକୁ ପ୍ରସ୍ତୁତ ଚଳାଇଥିଲେ। ୟୁକ୍ରେନର ସାମରିକ ଗୁଇନ୍ଦା ବିଭାଗର ଅଧିକାରୀ ଆନ୍ଦ୍ରି ୟୁସୋଭଙ୍କ ଟାର୍ଗେଟରେ ଥିଲେ ଓ ତାଙ୍କ ନାମ ପ୍ରକାଶ କରାଯାଇଛି, ଯିଏ ରୁଷ ସହ ବନ୍ଦୀ ବିନିମୟ କାର୍ଯ୍ୟର ସମନ୍ୱୟ ରକ୍ଷା କରନ୍ତି। ପୂର୍ବରୁ ମଧ୍ୟ ରାଷ୍ଟ୍ରପତି ଭୋଲୋଦିମିର ଜେଲେଁସ୍କି ଓ ଗୁଇନ୍ଦା ମୁଖ୍ୟଙ୍କୁ ହତ୍ୟା କରିବାକୁ ରୁଷିଆ ଏକାଧିକ ବାର ଚେଷ୍ଟା କରିଛି ବୋଲି ୟୁକ୍ରେନ ଅଭିଯୋଗ କରିଛି। ତେବେ ରୁଷିଆ ପକ୍ଷରୁ ଏହି ଦାବି ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ। ୟୁକ୍ରେନ ରୁଷ ଭିତରେ ଥିବା ସାମରିକ ଓ ରାଜନୈତିକ ନେତାଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରୁଛି।

# ନାସାର ସ୍ୱୀକାର: ସୁନୀତା ମହାକାଶରେ ଅଟକିବା ବିପଜ୍ଜନକ ଥିଲା



**■ କଳ୍ପନା ଚାୱଲାଙ୍କ ଦୁର୍ଘଟଣା ସହ କଲା ତୁଳନା**
**■ ଘଟଣାକୁ ଗମ୍ଭୀର ଶ୍ରେଣୀରେ ରଖାଗଲା**

ୱାଶିଂଟନ, ୨୧।୨(ଏଜେନ୍ସି): ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ପ୍ରଥମଥର ପାଇଁ ସ୍ୱୀକାର କରିଛି ଯେ, ମହାକାଶଚାରୀ ସୁନୀତା ୱିଲିୟମ୍ସ ମହାକାଶରେ ଅଟକି ରହିବା ଅତ୍ୟନ୍ତ ବିପଜ୍ଜନକ ଥିଲା। ନାସା ଏହି ମିଶନକୁ ଦୁର୍ଘଟଣା 'ଟାଇପ୍ ଏ' ବର୍ଗରେ ରଖିଛି, ଯାହାକୁ ସବୁଠାରୁ ଗମ୍ଭୀର ଶ୍ରେଣୀ ବୋଲି କୁହାଯାଇଥାଏ। ପୂର୍ବରୁ 'ଚ୍ୟାଲେଞ୍ଜର' ଓ 'କଲମ୍ବିଆ' ସଟଲ ଦୁର୍ଘଟଣା ପାଇଁ ଏହି 'ଟାଇପ୍-ଏ' ବର୍ଗ ବ୍ୟବହାର କରାଯାଇଥିଲା। ସୂଚନାଯୋଗ୍ୟ ଯେ, କଲମ୍ବିଆ ସଟଲ୍ ଦୁର୍ଘଟଣାରେ ହିଁ ଭାରତୀୟ ମହାକାଶଚାରୀ କଳ୍ପନା ଚାୱଲାଙ୍କ ମୃତ୍ୟୁ ହୋଇଥିଲା। ୨୦୨୬ ଫେବୃଆରୀ ୧୯ରେ ଜାରି ହୋଇଥିବା ୩୧୧ ପୃଷ୍ଠାର ରିପୋର୍ଟରେ ନାସା ପ୍ରଶାସକ ଜେରେଡ୍ ଇସାକମ୍ୟାନ ଲେଖିଛନ୍ତି ଯେ, ସୁନୀତା ୱିଲିୟମ୍ସଙ୍କ ମିଶନରେ ଗୁରୁତର ତ୍ରୁଟି ଥିଲା। ଏହି ତ୍ରୁଟିକୁ ଅଣଦେଖା କରିଥିବାରୁ ସେ ଏଜେନ୍ସି ଓ ।।ବୋଇଂ କମ୍ପାନୀକୁ କଠୋର ସମାଲୋଚନା କରିଛନ୍ତି। ସୁନୀତା ୨୦୨୪ରେ ମାତ୍ର ୮ ଦିନ ପାଇଁ ମହାକାଶକୁ ଯାଇଥିଲେ, କିନ୍ତୁ ବୈଷୟିକ ତ୍ରୁଟି ପାଇଁ ତାଙ୍କୁ ଫେରିବା ପାଇଁ ୯ ମାସରୁ ଅଧିକ ସମୟ ଲାଗିଥିଲା। ସୁନୀତା ଦୀର୍ଘ ୨୭ ବର୍ଷର ସେବା ପରେ ୨୦୨୫ ଡିସେମ୍ବର ୨୭ରେ ନାସାରୁ ଅବସର ଗ୍ରହଣ କରିଥିଲେ। ସେ ତାଙ୍କ କ୍ୟାରିୟରରେ ୩ଟି ମିଶନରେ ସାମିଲ ହୋଇଥିବା ବେଳେ ୬୦୮ ଦିନ ମହାକାଶରେ ବିତାଇଛନ୍ତି। ସେ ୯ଟି 'ସ୍ପେଶୱାକ୍' କରି ୬୨ ଘଣ୍ଟା ୬ ମିନିଟ ପର୍ଯ୍ୟନ୍ତ ମହାକାଶରେ ଚାଲିଛନ୍ତି, ଯାହା କୌଣସି ମହିଳା ମହାକାଶଚାରୀଙ୍କ ପାଇଁ ସର୍ବାଧିକ। ସୂଚନାଯୋଗ୍ୟ ଯେ, ୨୦୦୩ ଫେବୃଆରୀ ୧ରେ କଳ୍ପନା ଚାୱଲାଙ୍କ ମହାକାଶ ଯାନ 'କଲମ୍ବିଆ ସଟଲ ଏସ୍‌ଟିଏସ୍-୧୦୭' ପୃଥିବୀକୁ ଫେରିବା ସମୟରେ ବାୟୁମଣ୍ଡଳରେ ସଂଘର୍ଷ ଯୋଗୁଁ ବିସ୍ଫୋରଣ ହୋଇଥିଲା ଓ ଅବତରଣର ୧୬ ମିନିଟ ପୂର୍ବରୁ ଦୁର୍ଘଟଣା ଘଟିଥିଲା ଓ କଳ୍ପନାଙ୍କ ସମେତ ୭ ଜଣ ମହାକାଶଚାରୀ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିଲେ।

# ଔଷଧ କମ୍ପାନୀ ମ୍ୟାନେଜରଙ୍କୁ ନିର୍ମମ ହତ୍ୟା !



ରାଉରକେଲା, ୨୧।୨(ସମିସ): ଜଣେ ଔଷଧ କମ୍ପାନୀ ମ୍ୟାନେଜରଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଘଟଣା ଆଜି ସହରବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ, ଜଗତସିଂହପୁର ଜିଲ୍ଲା ନୂଆଗାଁ ଅଞ୍ଚଳର ଭାଗୀରଥି ସାହୁ (୩୫)। ଏନେଇ ରଘୁନାଥପାଲୀ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୁଲିସ ଜଣେ ବହିଷ୍କୃତ ସହକର୍ମୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶୁକ୍ରବାର ବିଳମ୍ବିତ ରାତିରେ ସିଭିଲ ଟାଉନସିପ କ୍ୟୁକ୍ୟୁକ୍ୟୁ /୧୪ ଘରେ ପାଟିତୁଣ୍ଡ ହୋଇ ଏହି ହତ୍ୟାକାଣ୍ଡ ଘଟିଥିବା ନେଇ ପୁଲିସକୁ ସ୍ଥାନୀୟ ଲୋକେ ସୂଚନା ଦେବା ପରେ ପାନପୋଷ ଏସ୍‌ଡିପିଓ ମନୋରଞ୍ଜନ ପ୍ରଧାନ ଓ ରଘୁନାଥପାଲି ଥାନା ପୁଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ସାଇଣ୍ଟିଫିକ ଟିମ୍ ପହଞ୍ଚି ସରଜମିନ ତଦନ୍ତ କରିବା ସହ ମୃତ ଭାଗୀରଥି ସାହୁଙ୍କ ରକ୍ତରଞ୍ଜିତ ଶବର ପଞ୍ଚନାମା କରିଥିଲେ।

ସୂଚନା ମୁତାବକ, ଜଗତସିଂହପୁର ଜିଲ୍ଲା ଏରସମା ଅଧୀନ ନୂଆଗାଁ ଅଞ୍ଚଳର ଭାଗୀରଥି ସାହୁ (୩୫) ଏକ ଔଷଧ କମ୍ପାନୀରେ ମ୍ୟାନେଜର ଭାବେ କାମ କରନ୍ତି। ସେ ଭୁବନେଶ୍ୱରରୁ ଗତ ୨୦ ତାରିଖ ରାଉରକେଲା କୌଣସି କାମରେ ଆସି ଉକ୍ତ ଘରେ ଭଡ଼ାରେ ରହୁଥିବା ତାଙ୍କର ଜଣେ ସହକର୍ମୀଙ୍କ ସହ ଆଶ୍ରୟ ନେଇଥିଲେ। ତେବେ ସେଠାରେ ଆଉ ୨/୩ ଜଣ ମେଡିସିନ କର୍ମଚାରୀ ରହିଥିବା କୁହାଯାଉଛି। ରାତିରେ ସମସ୍ତେ ମଦ୍ୟପାନ କରିବା ସହ ନୈଶ ଭୋଜି କରି ଖାଇଥିଲେ। ପୂର୍ବରୁ ଉକ୍ତ କମ୍ପାନୀରେ କାମ କରୁଥିବା ସହକର୍ମୀଙ୍କୁ କୁଆଡେ କମ୍ପାନୀ ଓଡିଶାରୁ ହରିୟଣାକୁ ବଦଳି କରି ଦେଇଥିଲା। ଆଉ ତାଙ୍କ ସ୍ଥାନରେ ଭାଗୀରଥିଙ୍କୁ ମ୍ୟାନେଜର କରିଥିଲା। ମଦ ନିଶାରେ ଏହି କଥାକୁ ନେଇ ବିଳମ୍ବିତ ରାତିରେ ପାଟିତୁଣ୍ଡ ହୋଇଥିଲା।

**ବହିଷ୍କୃତ ସହକର୍ମୀ ଅଟକ**

ଏଥିରେ ରାଗି ଯାଇ ଭାଗୀରଥିଙ୍କୁ ଛୁରିରେ ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ବେଳେ ଆସନ୍ତାକାଲି ସବିଶେଷ ତଥ୍ୟ ଗଣମାଧ୍ୟମକୁ ଦେବ ବୋଲି ସୂଚନା ମିଳିଛି। ତେବେ ଏହି ବର୍ବରୋଚିତ ହତ୍ୟାକାଣ୍ଡରେ ଜଣେ ନା ଏକାଧିକ ହତ୍ୟାକାରୀ ସମ୍ପୃକ୍ତ ରହିଛନ୍ତି ତାର ପୁଲିସ ତଦନ୍ତ କରୁଛି। ସେପଟେ ଭାଗୀରଥିଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ୩ ବଜେଟରେ ରାଜ୍ୟ ଉପରେ ୧.୩୮ ଲକ୍ଷ କୋଟି ଋଣ ବୋଝ



- ଅନ୍ତଃସାରଶୂନ୍ୟ ଓ ପ୍ରଚାରଧର୍ମୀ ବଜେଟ: ବିଜେଡି
- ରାଜ୍ୟର ଆର୍ଥିକ ସ୍ଥିତି ଆଉଥରେ ବିପଦକୁ ଠେଲି ଦେଉଛନ୍ତି
- ଚଢ଼ା ଦରରେ ଋଣ ହେଉଛି, ଖର୍ଚ୍ଚ ହୋଇପାରୁନି ବଜେଟ ଅର୍ଥ

ଭୁବନେଶ୍ୱର, ୨୧।୨(ସମିସ): ରାଜ୍ୟ ବଜେଟକୁ ନେଇ ସରକାରଙ୍କ ଉପରେ ଭୀଷଣ ବର୍ଷିଛି ବିଜେଡି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିଥିବା ରାଜ୍ୟ ବଜେଟକୁ ଅନ୍ତଃସାରଶୂନ୍ୟ ଓ ପ୍ରଚାରଧର୍ମୀ ବଜେଟ ବୋଲି କହିଛି ବିଜେଡି। ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ଗୌତମବୁଦ୍ଧ ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟକୁ ଋଣବୋଝରେ ବୁଡ଼ାଇ ସରକାର ରାଜ୍ୟବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟ ସରକାର ବଜେଟ୍‌ର ପରିମାଣ ୩ଲକ୍ଷ ୧୦ହଜାର କୋଟିକୁ ବୃଦ୍ଧି କରି ବାହାଦୂରୀ ନେବାକୁ ଯେଉଁ ପ୍ରୟାସ କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ। ପୂର୍ବବର୍ଷ ତୁଳନାରେ ବଜେଟ ମାତ୍ର ୬.୨୫ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ମୁଦ୍ରାସ୍ଫୀତିକୁ ୮ ପ୍ରତିଶତ ହାରରେ ବିଚାରକୁ ନେଲେ, ବଜେଟ ପରିମାଣ ବୃଦ୍ଧି ହୋଇନାହିଁ ବରଂ ଦୁଇ ପ୍ରତିଶତ ହ୍ରାସ ପାଇଛି। ସରକାରଙ୍କ ଆୟ କମୁଛି, ତେଣୁ ଋଣଭାରରେ ଓଡ଼ିଶାକୁ ବୁଡ଼ାଉଛନ୍ତି। ନବୀନ ବାବୁ ରାଜ୍ୟର ଦାୟିତ୍ୱ ନେବା ପରେ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିକୁ ସୁଧାର କରି ଓଡ଼ିଶାକୁ ଏକ ଆର୍ଥିକ ଶୃଙ୍ଖଳା ରାଜ୍ୟରେ ପରିଣତ କରିଥିଲେ। ବର୍ତ୍ତମାନର ସରକାର କେବଳ ଋଣ କରି ରାଜ୍ୟର ଆର୍ଥିକ ସ୍ଥିତିକୁ ଆଉଥରେ ବିପଦ ଆଡ଼କୁ ଠେଲି ଦେଉଛନ୍ତି। ମାତ୍ର ୩ଟି ବଜେଟରେ ବର୍ତ୍ତମାନର ସରକାର ପ୍ରାୟ ୧.୩୮ ଲକ୍ଷ କୋଟି ଋଣ କଲେଣି। ସରକାର ଋଣ ଉପରେ ନିର୍ଭର କରି ରାଜ୍ୟବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ କୃଷକମାନଙ୍କ ସମସ୍ୟାକୁ ସମାଧାନ ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ କି ଆନ୍ତରିକତା ନାହିଁ। ସ୍ୱାସ୍ଥ୍ୟ ବିଭାଗର ପରିମାଣକୁ କମାଇ ଦିଆଯାଇଛି। ଭିବି-ଜି ରାମ-ଜି ଯୋଜନାରେ ୯୦:୧୦ ପରିବର୍ତ୍ତେ ୬୦:୪୦ରେ ଖର୍ଚ୍ଚ ହେବ। ଏହାଦ୍ୱାରା ରାଜ୍ୟ ଉପରେ ଅଧିକ ଆର୍ଥିକ ବୋଝ ବଢ଼ିବ। ଏହି ବଜେଟ ଏକ ପ୍ରଚାରଧର୍ମୀ ବଜେଟ ବୋଲି ସେ କହିଥିଲେ।

ବରିଷ୍ଠ ବିଧାୟକ ନିରଞ୍ଜନ ପୂଜାରୀ କହିଥିଲେ ଯେ ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡ଼ିଶାବାସୀଙ୍କୁ ନିରାଶ କରିଛି। କେନ୍ଦ୍ରୀୟ ଅନୁଦାନ ବଢ଼ିବା ବଦଳରେ ହ୍ରାସ ପାଉଛି। ପୂର୍ବବର୍ଷର ବଜେଟର ମାତ୍ର ୪୭ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। କେନ୍ଦ୍ର ସରକାରଙ୍କ ଅନୁଦାନ କମିବାରେ ଲାଗୁଛି। ରାଜ୍ୟର କୃଷକ ସମାଜ ହତାଶରେ ଅଛନ୍ତି। ରାଜ୍ୟ ସରକାର ଅନେକ ଯୋଜନା କେବଳ ଘୋଷଣା କରିଦେଉଛନ୍ତି, କିନ୍ତୁ ସେଗୁଡ଼ିକ କାର୍ଯ୍ୟକାରୀ ହେଉନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ବଜେଟଟି ହେଉଛି ଅନ୍ତଃସାରଶୂନ୍ୟ ବଜେଟ। ବିତ୍ତୀୟଶୃଙ୍ଖଳା କ୍ଷେତ୍ରରେ ନବୀନ ବାବୁ ଓଡ଼ିଶାକୁ ଏକ ନମ୍ବରରେ ପହଞ୍ଚାଇଥିଲେ। କିନ୍ତୁ, ଏବେର ସରକାର ଋଣ ବୋଝ ବଢ଼ାଇବାରେ ଲାଗିଛନ୍ତି। ସମୁଦାୟ ଋଣ ପରିମାଣରୁ ପ୍ରାୟ ୪୦ପ୍ରତିଶତ ଖୋଲା ବଜାରରୁ ଚଢ଼ା ସୁଧ ଦରରେ ଋଣ ନିଆଯାଉଛି। ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ରେଡ୍ ଜୋନକୁ ନେଇଯାଉଛି। ବିଡ଼ମ୍ବନାର ବିଷୟ ଯେ ସରକାର ବଜେଟରେ ବିଭିନ୍ନ ବିଭାଗ ପାଇଁ ପ୍ରାବଧାନ କରିଥିବା ଅର୍ଥକୁ ଖର୍ଚ୍ଚ କରିପାରୁନାହାନ୍ତି, କିନ୍ତୁ ଚଢ଼ା ସୁଧରେ ଋଣ ନେଉଛନ୍ତି। ଏହା ରାଜ୍ୟର ଅର୍ଥନୀତିକୁ ପଙ୍ଗୁ କରିଦେବ। ବିତ୍ତୀୟ ନିଅଣ୍ଟ ୧.୭ ପ୍ରତିଶତରୁ ୩.୫ ପ୍ରତିଶତକୁ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ, ବିଦ୍ୟାଳୟ ଓ ଗଣଶିକ୍ଷା ଆଦି ବିଭାଗରେ ରାଜ୍ୟ ସରକାର ଚଳିତ ବଜେଟରେ ଅର୍ଥ କମାଇ ଦେଇଛନ୍ତି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ।

# ୨୦ ଜିଲ୍ଲାରେ କେନ୍ଦୁପତ୍ର ତୋଳାଳିଙ୍କ ଗଣବିକ୍ଷୋଭ

ଭୁବନେଶ୍ୱର,୨୧।୨(ସମିସ): କେନ୍ଦୁପତ୍ର ଶ୍ରମିକ-ତୋଳାଳୀମାନଙ୍କୁ ସର୍ବନିମ୍ନ ମଜୁରି ଅନୁଯାୟୀ ଦରମା ପ୍ରଦାନ, ପତ୍ର ଦର ବୃଦ୍ଧି, କେଏଲ୍‌ଡିବିରେ ସଂଶୋଧନ, ବୋନସ୍ ପ୍ରଦାନ, ମୃତ୍ୟୁକାଳୀନ ସହାୟତାକୁ ୨ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି, କେନ୍ଦୁପତ୍ର ସଂସ୍ଥାରେ ଘରୋଇକରଣ ଓ କର୍ମଚାରୀ ଛଟେଇ ବନ୍ଦ ଆଦି ୧୭ ଦଫା ଦାବିରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆଜି ୨୦ଟି ଜିଲ୍ଲାରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରେଞ୍ଜ ଅଫିସ ଏଙ୍ଗ ଡିଏଫ୍‌ଓ ଅଫିସ ସମ୍ମୁଖରେ ଶହ ଶହ କେନ୍ଦୁପତ୍ର ତୋଳାଳୀ, ସିଜିନାଲ କର୍ମଚାରୀ ଏବଂ ଆନୁସଙ୍ଗିକ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ମାଲକାନଗିରି, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଢେଙ୍କାନାଳ, ଫୁଲବାଣୀ, ଅନୁଗୋଳ, ବରଗଡ଼, ବଲାଙ୍ଗିର, କୋରାପୁଟ, ନବରଙ୍ଗପୁର, ସୋନପୁର ଆଦି ୨୦ଟି ଜିଲ୍ଲାରେ ଅଧିକାଂଶ ରେଞ୍ଜରେ କେନ୍ଦୁପତ୍ର ଶ୍ରମିକ ଓ ତୋଳାଳୀମାନେ ବିଭିନ୍ନ ରେଞ୍ଜ ଅଫିସ୍ ଓ ଡିଏଫ୍‌ଓ ଅଫିସ୍‌ଗୁଡିକରେ ରେଞ୍ଜ ଅଫିସର ଓ ଡିଏଫ୍‌ଓମାନଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ମାନ ପ୍ରଦାନ କରିଥିଲେ। ଏନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ କୁମାର ମହାନ୍ତି କହିଛନ୍ତି, ଓଡ଼ିଶାର ୨୨ ଜିଲ୍ଲାର



**ଦାବି ପୂରଣ ନ ହେଲେ ୨୭ରେ ରାସ୍ତାରୋକ**

୧୯ଟି ଡିଭିଜନରେ ପ୍ରାୟ ୧୫ ଲକ୍ଷ ତୋଳାଳୀ, ୧୮ ହଜାର କର୍ମଚାରୀ ଓ ୨୨ ହଜାର ବନ୍ଧେଇ ଶ୍ରମିକ କେନ୍ଦୁପତ୍ରକୁ ନିଜର ଜୀବିକା ଭାବରେ ଗ୍ରହଣ କରୁଛନ୍ତି। ତୋଳାଳୀମାନଙ୍କ ମଧ୍ୟରେ ୯୦ପ୍ରତିଶତ ମହିଳା ରହିଛନ୍ତି। ଦୀର୍ଘଦିନ ଧରି ସରକାରଙ୍କଠାରେ ନ୍ୟାଯ୍ୟ ଦାବି ଉପସ୍ଥାପନ ହୋଇଆସୁଥିଲେ ହେଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେଣୁ ଏହି ଦୁଇ ଦିନିଆ ଆନ୍ଦୋଳନରେ ୭୫୦୦୦ରୁ ଉର୍ଦ୍ଧ୍ୱ ଶ୍ରମିକ ତୋଳାଳୀ ଅଂଶ ଗ୍ରହଣ କରି ସରକାରଙ୍କ ଅବହେଳାର ତୀବ୍ର ପ୍ରତିବାଦ କରିଛନ୍ତି। ଯଥାଶିଘ୍ର ଦାବି ପୂରଣ ନ ହେଲେ ଆସନ୍ତା ୨୭ରେ ରାଜ୍ୟର ଶତାଧିକ ଜାଗାରେ ରାସ୍ତାରୋକ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ସଂଘର ରାଜ୍ୟ ସଭାପତିଙ୍କ ସମେତ ଉପସଭାପତି ଗୋକୁଳ ମେହେର, ବିନୋଦ ପ୍ରଧାନ, ସରୋଜ କର୍ଣ୍ଣ, ସଂଗଠନ ସମ୍ପାଦକ ସଂଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ଶିବାନନ୍ଦ ପରିଛା ପ୍ରମୁଖ ବିଭିନ୍ନ ଜିଲ୍ଲା ପରିକ୍ରମା କରି ଗଣଧାରଣାକୁ ପରିଚାଳନା କରିଥିଲେ।

# ଦୁର୍ଘଟଣାରେ ୨ ମୃତ

ଅନୁଗୋଳ ୨୧।୨(ସମିସ): ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ୫୫ର ମରାତିରା ଛକ ନିକଟରେ ଦୁର୍ଘଟଣା ଦୁଇ ଦୁଇଟି ଅମୂଲ୍ୟ ଜୀବନ ନେଇଛି। ଟ୍ରକ ପଛକୁ ଏକ କାର୍ ଧକ୍କାରୁ ଘଟଣାସ୍ଥଳରେ କନ୍ଦରସିଂହା ଗାଁର ଅମିତ ସାହୁ ଏବଂ ଦେଉଳବେଡ଼ା ଗାଁର ବିସ୍ମୟ କୁମାର ଦାସଙ୍କ ମୃତ୍ୟୁ ଘଟିଛି। ଅମିତ ତାଳଚେର ବିଧାୟକଙ୍କ ସହଯୋଗୀ ରହିଥିବା ସହ ବର୍ତ୍ତମାନ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବନ୍ଧଲା ଗାଁର ଗୋପାଳ ସାହୁ ଚିକିତ୍ସାଧୀନ ଅଛନ୍ତି। ଅମିତ, ବିସ୍ମୟ ଓ ଗୋପାଳ ଏକ ବାହାଘର ଭୋଜିରେ ଯୋଗ ଦେଇ କାରରେ ଫେରୁଥିଲେ। ମରାତିରା ନିକଟରେ ଆଗରେ ଯାଉଥିବା ଏକ ଟ୍ରକ ପଛରେ ସେମାନଙ୍କ କାର ଭାରସାମ୍ୟ ହରାଇ ବାଡେଇ ହୋଇଯାଇଥିଲା। ଏହି ଦୁଃଖଦ ଘଟଣାକୁ ନେଇ ତାଳଚେର ଓ ଅନୁଗୋଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପଟେ, ଏବେ ସେମାନଙ୍କ ମୃତ୍ୟୁ ପୂର୍ବର ଏକ ଭିଡିଓ ଭାଇରାଲ ହେଉଛି।

■ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ସୂଚନା

# ଭୁବନେଶ୍ୱରରେ ହେବ 'ଭିଏଫ୍ଏସ୍ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର'

ଭୁବନେଶ୍ୱର,୨୧।୨(ସମିସ): ଭୁବନେଶ୍ୱରରେ "ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା ହେବ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏନେଇ ସୂଚନା ଦେଇଛନ୍ତି।

ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଭୁବନେଶ୍ୱରରେ ଏକ "ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' ପ୍ରତିଷ୍ଠା କରିବା ପାଇଁ ମୁଁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍. ଜୟଶଙ୍କରଙ୍କୁ ପତ୍ର ଲେଖି ଅନୁରୋଧ କରିବା ସହ ଭିଏଫଏସର ଗ୍ଲୋବାଲ ସିଇଓ ଜୁବିନ କର୍କାରିଆଙ୍କ ସହ ଏହି ବିଷୟରେ ଆଲୋଚନା କରିଥିଲି। ଓଡ଼ିଶାବାସୀଙ୍କ ପାଇଁ ଖୁସିର ବିଷୟ ଯେ ମୋର ଅନୁରୋଧକୁ ରକ୍ଷା କରି ଭିଏଫସ ଗ୍ଲୋବାଲ "ଓଡ଼ିଶା ଦିବସ' ଅବସରରେ ଅର୍ଥାତ୍ ଆସନ୍ତା ୧ ଏପ୍ରିଲ ୨୦୨୬ରୁ ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର ଭିସା ଆବେଦନ କେନ୍ଦ୍ର କାର୍ଯ୍ୟକ୍ଷମ କରିବାକୁ ଯାଉଛି। ଏହି ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ପାଇଁ ମୁଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏବଂ ଭିଏଫଏସର ଗ୍ଲୋବାଲ ସିଇଓଙ୍କୁ ଧନ୍ୟବାଦ ଜଣାଉଛି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀ ଏବଂ ବ୍ୟବସାୟୀମାନଙ୍କୁ ଆଉ ଭିସା କାମ ପାଇଁ କୋଲକାତା କିମ୍ବା ଅନ୍ୟ ସହରକୁ ଯିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ସେମାନଙ୍କର ସମୟ, ଅର୍ଥ ଓ ପରିଶ୍ରମ ବଞ୍ଚିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ। ଓଡ଼ିଶାର ଆନ୍ତର୍ଜାତୀୟ ସଂଯୋଗୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ମୋର ବିଶ୍ୱାସ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

**ପାଠ ପଢ଼ି ଚାକିରି ମିଳିଲାନି**

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ

ଭଦ୍ରକ, ୨୧।୨(ସମିସ): ଚାକିରି ନ ମିଳିବାରୁ ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ। ଭଦ୍ରକ ଜିଲ୍ଲାପାଳଙ୍କ ଅଫିସ୍ ପରିସରରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଯୁବତୀଜଣଙ୍କ ନିଜ ଡ୍ରେସ୍‌ରେ ନିଆଁ ଲଗାଇଦେବାରୁ ତାଙ୍କର ଗୋଡ଼ ଓ ଡ୍ରେସ୍ ପୋଡ଼ି ଯାଇଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଥିବା ପୁଲିସ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯୁବତୀଜଣଙ୍କ ଆତ୍ମାହୁତି ପାଇଁ ସିଧାସଳଖ ସରକାରଙ୍କୁ ଦାୟୀ କରିଛନ୍ତି। ଖବର ଲେଖା ହେବା ବେଳକୁ ଯୁବତୀଜଣଙ୍କ ସୁସ୍ଥ ଅଛନ୍ତି। ଭଦ୍ରକ ଏସପି ମନୋଜ ରାଉତଙ୍କ ସହ ସମସ୍ୟାର ସମାଧାନ ପାଇଁ କଥା ହେବା ପରେ ଘରକୁ ଫେରିଛନ୍ତି। ଅପରପକ୍ଷେ, ଏହି ଘଟଣା ଜିଲ୍ଲା ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ତିହିଡ଼ି ବ୍ଲକ ଅଧୀନ ଶ୍ୟାମସୁନ୍ଦରପୁର ଅଞ୍ଚଳର ଯୁବତୀ ବିଜୟାଲକ୍ଷ୍ମୀ ଦାସ ୬ ମାସିଆ ଡିପ୍ଲୋମା ଇନ୍ ଆର୍ଲି ଚାଇଲ୍ଡ କେୟାର ଏଡୁକେଶନ୍ ପାଠ୍ୟକ୍ରମ (ଡିଇସିଇ) କୋର୍ସ କରିଥିଲେ। କିନ୍ତୁ ତାଙ୍କୁ ଶିଶୁ ବାଟିକାଗୁଡ଼ିକରେ ସ୍ୱତନ୍ତ୍ର ଅବସ୍ଥାପିତ ପାଇଁ କୌଣସି ବ୍ୟବସ୍ଥା ନଥିବା ନେଇ ସୂଚନା ପାଇଥିଲେ। ପୂର୍ବରୁ ଏହି ଦାବିରେ ସେ ସଂଘ ସହ ବହୁଥର ଭୁବନେଶ୍ୱରରେ ଧାରଣାରେ ବସିଥିଲେ।



ଗତ ୨୦ତାରିଖ ବିଧାନସଭାରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ସ୍କୁଲମାନଙ୍କରେ ଶିଶୁବାଟିକା କେତୋଟି ସ୍ଥାପନ କରାଯାଇଛି ଓ ଏଥିପାଇଁ ଡିଇସିଇ (ଡିପ୍ଲୋମା ଇନ୍ ଆର୍ଲି ଚାଇଲ୍ଡ କେୟାର ଏଡୁକେଶନ)ରେ କୃତକାର୍ଯ୍ୟ ହୋଇଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ 'ଶିଶୁ ବାଟିକା'ଗୁଡ଼ିକରେ ଅବସ୍ଥାପିତ କରିବାରେ ଅଣଦେଖା କରାଯାଉଥିବା ଅଭିଯୋଗ ସରକାରଙ୍କ ପାଖରେ ଅଛି କି ଏ ଦିଗରେ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଡିଇସିଇରେ କୃତକାର୍ଯ୍ୟ ହୋଇଥିବା ବ୍ୟକ୍ତିମାନଙ୍କୁ 'ଶିଶୁ ବାଟିକା'ରେ ନିଯୁକ୍ତି ନେଇ ସରକାରଙ୍କ କୌଣସି ଯୋଜନା ନଥିବା କହିଥିଲେ। ଫଳରେ ଚାକିରି ପାଇବାର ଆଶା ହରାଇବା ପରେ ବିଜୟାଲକ୍ଷ୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିକଟରେ ବିଜୟାଲକ୍ଷ୍ମୀ ଏହି ବୟାନ ଦେବା ସହ ତାଙ୍କ ଆତ୍ମାହୁତି ଉଦ୍ୟମର କାରଣ ବୋଲି କହିଛନ୍ତି। ଆଜି ସେ ଭଦ୍ରକ ଜିଲ୍ଲାପାଳଙ୍କୁ ଏ ବାବଦରେ ଭେଟି ଗୁହାରି କରିବା ପାଇଁ ଆସିଥିଲେ ମଧ୍ୟ ତାଙ୍କର ସାକ୍ଷାତ ହୋଇପାରିନଥିଲା। ତେଣୁ, ମାନସିକ ସନ୍ତୁଳନ ହରାଇ ସେ ଦିଆସିଲିରେ ନିଜ ଡ୍ରେସ୍‌ରେ ନିଆଁ ଲଗାଇଥିଲେ। ତାଙ୍କର ଡ୍ରେସ ଓ ଗୋଡ଼ରେ ନିଆଁ ଲାଗିଥିଲା।

■ ତାଳଚେରରେ କୋଇଲା ପରିବହନରୁ ବାୟୁ ପ୍ରଦୂଷଣ

# ଏନ୍‌ଜିଟିଙ୍କ ଜବାବ ତଲବ

କଟକ, ୨୧।୨(ସମିସ): କଳାହୀରାର ସହର ତାଳଚେରର ବାୟୁର ଗୁଣବତ୍ତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଏନ୍‌ଜିଟି। ଏଥିସହ ଏ ସଂପର୍କିତ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ସମସ୍ତ ପ୍ରତିପକ୍ଷଙ୍କୁ ଜବାବ ତଲବ କରିଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ ରାଜକିଶୋର ସାହୁଙ୍କ ଆବେଦନର ଶୁଣାଣି କରି ଆସନ୍ତା ଏପ୍ରିଲ ୧୬ ତାରିଖରେ ସମସ୍ତ ପକ୍ଷଙ୍କୁ ଜବାବ ରଖିବାକୁ ଏନଜିଟି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ କେବଳ ତାଳଚେରରେ ଚଳିତ ଆର୍ଥିକ ବର୍ଷରେ ମହାନଦୀ କୋଲ୍ ଲିମିଟେଡ୍ ବାର୍ଷିକ ୧୨୫ନିୟୁତ ଟନ୍ କୋଇଲା ଉତ୍ପାଦନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ତାଳଚେର କୋଇଲା କ୍ଷେତ୍ର ୫୦୦ ବର୍ଗ କିମି ଅଞ୍ଚଳରେ ପରିବ୍ୟାପ୍ତ ଓ ଏହା ଦେଶର ସବୁଠାରୁ ବୃହତ୍ କୋଇଲା ଭଣ୍ଡାର। ଗତ ୨୨ ଜାନୁଆରୀ ୨୦୨୫ରେ ତାଳଚେରର ଏକ୍ୟୁଆଇ ୩୧୨ ପଏଣ୍ଟ ଥିଲା ବେଳେ ତାହା ଭାରତର ଦ୍ୱିତୀୟ ସର୍ବୋଚ୍ଚ ପ୍ରଦୂଷିତ ସହର ହୋଇଥିଲା। ଏଭଳି ପରିସ୍ଥିତିରେ କୋଇଲା ଖଣିରୁ ପରିବହନ ହେଉଥିବା କୋଇଲା ରେକ୍ ଓ ଗାଡ଼ିକୁ ପାଲ ଟାଣି ଢାଙ୍କିନେବାର ବ୍ୟବସ୍ଥା ଥିଲା ବେଳେ ତାହାକୁ ଅନୁପାଳନ କରାଯାଉନାହିଁ। ଏହାକୁ ଭିତ୍ତି କରି ଆବେଦନକାରୀ ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏମସିଏଲ୍, ରାଜ୍ୟ ସରକାର, ସିପିସିବି, ଅନୁଗୋଳ ଜିଲ୍ଲାପାଳ, ପୂର୍ବତଟ ରେଳପଥ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି।

# ଅସନ୍ତୋଷର 'ଖଣ୍ଡାଧାର'ରେ କୁରମିତର ଲୁହା ଖଣି

ରାଉରକେଲା, ୨୧।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା, ଲହୁଣୀପଡ଼ା ଥାନା ଅନ୍ତର୍ଗତ ଖଣ୍ଡାଧାର କୁରମିତର ଆଇରନ-ଓର୍ ମାଇନ୍ସ କାହା କବଜାରେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣ୍ଡାଧାର ଖଣି ଉପରେ ପୁରୁଷ ପୁରୁଷ ଧରି ନିର୍ଭରଶୀଳ ରହିଥିବା ବରସୁଆଁର ଟିପର୍ ମାଲିକ ଏବେ ଲୋଡିଂ ନ ପାଇଁ ଅସନ୍ତୋଷର ନିଆଁରେ ଜଳୁଥିବା ବେଳେ ଯେକୌଣସି ମୁହୂର୍ତ୍ତରେ ଏହା ବିସ୍ଫୋରକ ରୂପ ନେବାର ଆଶଙ୍କା ସୃଷ୍ଟି ହୋଇଛି। ଖଣ୍ଡାଧାର ଖଣିରୁ ଉତ୍ତୋଳିତ ଖଣିଜ ପଦାର୍ଥର ଲୋଡିଂ ନିମନ୍ତେ ଡିଓ ପ୍ରଦାନରେ ସ୍ଥାନୀୟ ଟିପର ମାଲିକଙ୍କୁ ଅଣଦେଖା କରାଯାଉଛି। ବାହାର ଟିପର୍ ମାଲିକଙ୍କୁ ଲୋଡିଂ ଦିଆଯାଉଥିବାରୁ ସ୍ଥାନୀୟ ଟିପର ମାଲିକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ନେଇ ଆଜି ମଧ୍ୟ ଖଣ୍ଡାଧାର ଖଣି ନିକଟରେ ଉତ୍ତେଜନା ଦେଖାଦେଇଛି। ତେବେ ଲହୁଣିପଡ଼ା ପୁଲିସର ହସ୍ତକ୍ଷେପ ପରେ ସ୍ଥିତି ଶାନ୍ତ ପଡ଼ିଛି। ଅପରପକ୍ଷେ, ଏଥିପାଇଁ ଶତାଧିକ ଟିପର ମାଲିକଙ୍କ ପରିବାର ଏବଂ ପିଲା ଛୁଆଙ୍କ ଭବିଷ୍ୟତ ଏବେ ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ଏହାର ପ୍ରତିବାଦରେ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ ପାଇଁ ବରସୁଆଁ ଅଞ୍ଚଳରେ ଟିପର ମାଲିକମାନେ ସଜବାଜ ହେଉଛନ୍ତି।

ଖଣ୍ଡାଧାରସ୍ଥିତ ଓଏମ୍‌ସି ଲିମିଟେଡ୍‌ର କୁରମିତର ଲୁହାପଥର ଖଣିରୁ ବର୍ଷବର୍ଷ ଧରି ଲୁହା ପଥର ପରିବହନ କରି ସ୍ଥାନୀୟ ଟିପର୍ ମାଲିକମାନେ ନିଜ ପରିବାରର ଜୀବିକା ନିର୍ବାହ କରି ଆସୁଥିଲେ। ପୂର୍ବରୁ ସ୍ଥାନୀୟ ପରିବହନକାରୀ ସଂସ୍ଥା ବି.ଏନ୍.ଆର୍. ଟ୍ରାନ୍ସପୋର୍ଟ, ତାରିଣୀ ଟ୍ରାନ୍ସପୋର୍ଟ, ଆଖଣ୍ଡଳମଣି ଟ୍ରାନ୍ସପୋର୍ଟ, ହରିଓମ୍ ଟ୍ରାନ୍ସପୋର୍ଟ ଇତ୍ୟାଦି ମାଧ୍ୟମରେ ସ୍ଥାନୀୟ ଟିପର ମାଲିକଙ୍କୁ ଲୁହାପଥର ପରିବହନ ନିମନ୍ତେ ଡିଓ ପ୍ରଦାନ କରାଯାଉଥିଲା। କିନ୍ତୁ, ଗତ ୨୦୨୫ ନଭେମ୍ବରଠାରୁ କେଆଇଓଏମଏଲର ଅନୁପ୍ରବେଶ




କରିବା ପରେ ପୁରୁଣା ପରିବହନ ସଂସ୍ଥାକୁ ଅଣଦେଖା କରି ୪ଟି ନୂତନ ପରିବହନକାରୀ ସଂସ୍ଥା ସନସାଇନ୍ ଟ୍ରାନ୍ସପୋର୍ଟ, ବରୁଆ ଟ୍ରାନ୍ସପୋର୍ଟ, ଓରାମ ଟ୍ରାନ୍ସପୋର୍ଟ, ଇଷ୍ଟର୍ଣ୍ଣ ମିଡିଆ ଟ୍ରାନ୍ସପୋର୍ଟ ପରିବହନ ଦାୟିତ୍ୱ ନେଇଛନ୍ତି। ସ୍ଥାନୀୟ ଟିପର ମାଲିକମାନଙ୍କୁ ଲୁହାପଥର ପରିବହନ ନିମନ୍ତେ ଡିଓ ପ୍ରଦାନ କ୍ଷେତ୍ରରେ ଅଣଦେଖା କରାଯାଉଛି ଓ ବାହାରର ଟିପରଗୁଡିକୁ ଅଗ୍ରାଧିକାର ଦିଆଯାଉଛି ବୋଲି ଅଭିଯୋଗ ହୋଇଛି। ଓଏମ୍‌ସି ଲିମିଟେଡ୍‌ର ପର୍ଯ୍ୟାପ୍ତ ଖଣିଜ ସାମଗ୍ରୀ ରହିଥିବା ବେଳେ ତଥା ଉତ୍ପାଦନ କ୍ଷମତା ବୃଦ୍ଧି ସତ୍ତ୍ୱେ ସ୍ଥାନୀୟ ଟିପର୍ ମାଲିକମାନଙ୍କୁ ଡିଓ ପ୍ରଦାନ କରାଯାଉନାହିଁ। ବରଂ, ସେମାନଙ୍କ ସହ ଆପୋଷ ମିଳାମିଶା କରିବାକୁ ଧମକଚମକ ଦିଆଯାଉଛି। ଫଳରେ ବହୁସଂଖ୍ୟକ ସ୍ଥାନୀୟ ଟିପର୍ ଦୀର୍ଘ ବର୍ଷେ ହେବ ଲୋଡିଂ ନ ପାଇ ନିଷ୍କ୍ରିୟ ଅବସ୍ଥାରେ ପଡ଼ି ରହିଛି। ସେପଟେ ବ୍ୟାଙ୍କ

- ଡିଓ ପ୍ରଦାନରେ ସ୍ଥାନୀୟ ଟିପରଗୁଡ଼ିକୁ ଅଣଦେଖା
- ଶତାଧିକ ପରିବାରର ଭବିଷ୍ୟତ ଅନ୍ଧକାର
- ଡିଓ ପାଇଁ ଦାବି ହେଉଛି ୧୫୦୦ରୁ ୨୦୦୦ ଟଙ୍କା
- ବଡ଼ଧରଣର ଆନ୍ଦୋଳନ ପାଇଁ ସଜବାଜ !

ଋଣର କିସ୍ତି ପ୍ରଦାନ କରି ନପାରି ହତାଶରେ ରହିଛନ୍ତି ଟିପର ମାଲିକମାନେ। ବ୍ୟବସାୟ ଠପ୍ ହୋଇଯିବାରୁ ସେମାନଙ୍କ ପରିବାର ଘୋର ଆର୍ଥିକ ଅନଟନରେ ରହି ନାନା ସମସ୍ୟାରେ କାଳାତିପାତ କରୁଛନ୍ତି।

ଅପରପକ୍ଷେ ଲୋଡିଂ ନିମନ୍ତେ ପ୍ରତି ଟ୍ରିପ୍‌ର ଡିଓ ପାଇଁ ୧୫୦୦ ରୁ ୨୦୦୦ଟଙ୍କା ବେଆଇନ ଦାଦାବଟି ଆଦାୟ କରାଯାଉଛି। ଫଳରେ କିସ୍ତି ଦେଇ ପାରୁନଥିବା ଗରିବ ଟିପର୍ ମାଲିକମାନେ ସମ୍ପୃକ୍ତ ନିର୍ଦ୍ଦିଷ୍ଟ ଟ୍ରାନ୍ସପୋର୍ଟରଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଏନେଇ ସ୍ଥାନୀୟ ଟିପର ଆସୋସିଏସନ୍ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ୪ଜଣ ବିଧାୟକଙ୍କୁ ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଅପରପକ୍ଷେ, ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ ଖଣି ପ୍ରତିନିଧିଙ୍କ ଡିଓ ବଣ୍ଟନରେ ଦାଦାଗିରି ତଥା ମନମାନି ଏବେ ସୀମା ଅତିକ୍ରମ କରିଛି। ତାଙ୍କ ଧମକଚମକ ଏବଂ ଭୟ ଯୋଗୁଁ ସ୍ଥାନୀୟ ଟିପର ମାଲିକମାନେ ନିରବ ରହିବାକୁ ବାଧ୍ୟ ହେଉଛନ୍ତି। ସେପଟେ ସମ୍ପୃକ୍ତ କେନ୍ଦ୍ରମନ୍ତ୍ରୀଙ୍କ ଦୁଇ ସମ୍ପର୍କୀୟ ଟ୍ରାନ୍ସପୋର୍ଟ ଦାୟିତ୍ୱ ନେଇଥିବାରୁ ସେମାନଙ୍କ ବ୍ୟବହାରରେ ମଧ୍ୟ ସ୍ଥାନୀୟ ଟିପର ମାଲିକମାନେ ଅତିଷ୍ଠ ହୋଇପଡ଼ିଛନ୍ତି। ସ୍ଥାନୀୟ ଟିପର୍ ମାଲିକ ଏବଂ ସ୍ଥାନୀୟ ଟିପର ସଂଘ ମଧ୍ୟରେ ଅଶାନ୍ତି ବୃଦ୍ଧି ପାଇ ଏକ ବଡ଼ଧରଣର ଶୀତଳଯୁଦ୍ଧ ଘନୀଭୂତ ହେବାରେ ଲାଗିଛି। ଏହା ଯେକୌଣସି ମୁହୂର୍ତ୍ତରେ ଏକ ବିରାଟ ଆନ୍ଦୋଳନର ରୂପ ଧାରଣ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ପୁଣି, କେନ୍ଦ୍ରମନ୍ତ୍ରୀଙ୍କ ଚାପର ବଶବର୍ତ୍ତୀ ହୋଇ ସ୍ଥାନୀୟ ପ୍ରଶାସନ ସମସ୍ୟାର ସମାଧାନ କରିବା କ୍ଷେତ୍ରରେ ଏକପ୍ରକାରର ଅସହାୟତା ପ୍ରକାଶ କରିଥିବା ଚର୍ଚ୍ଚା ଜୋର୍ ଧରିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ନିରପେକ୍ଷ ହସ୍ତକ୍ଷେପ ପାଇଁ ସାଧାରଣରେ ଦାବି ହେଉଛି।

# ଓଡ଼ିଶା ଫେରିଲେ ୪ ଓଡ଼ିଆ ଯୁବକ

ଭୁବନେଶ୍ୱର,୨୧।୨(ସମିସ): ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣ ଓଡ଼ିଶାକୁ ଫେରି ଆସିଛନ୍ତି। ଏହି ଯୁବକମାନେ ହେଲେ ଜୟନ୍ତ କୁମାର ମଲ୍ଲିକ, ହେମନ୍ତ କୁମାର ବେହେରା, ମନୋରଞ୍ଜନ ସାହୁ ଓ ବିଜୟ କୁମାର ସ୍ୱାଇଁ। ଏମାନେ ଆଜି ନିଜ ନିଜ ଜିଲ୍ଲାରେ ପହଞ୍ଚିଛନ୍ତି।

ସୂଚନା ଅନୁସାରେ, ଓଡ଼ିଶାର କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାରୁ ୬ ଜଣ ଯୁବକ ବିଗତ ୨୦୨୫ ମସିହା ଅଗଷ୍ଟ ମାସରେ ଥାଇଲାଣ୍ଡର ଏକ ପ୍ଲାଏଉଡ୍ କମ୍ପାନୀରେ କାର୍ଯ୍ୟ କରିବାକୁ ଯାଇଥିଲେ। ସେଠାରେ ଉକ୍ତ କମ୍ପାନୀର ମାଲିକ ସେମାନଙ୍କୁ ଦରମା ଦେଉନଥିବାର ଅଭିଯୋଗ କରିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଘରକୁ ଫେରି ଆସିବା ପାଇଁ ଓଡ଼ିଶା ସରକାରଙ୍କୁ ସାମାଜିକ ଗଣମାଧ୍ୟମ ଜରିଆରେ ଅନୁରୋଧ କରିଥିଲେ। ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ, ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଏବଂ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ୪ ଯୁବକଙ୍କୁ ଓଡ଼ିଶା ଫେରାଇ ଅଣାଯାଇଛି।



ଥାଇଲାଣ୍ଡରେ ଫସି ରହିଥିଲେ ୬ ଓଡ଼ିଆ

ସକାଳ
THE SAKALA



ରହୁ ନାହାନ୍ତି ଅଧିକାରୀ କର୍ମଚାରୀ, ଉଚ୍ଚ କର୍ତ୍ତୃପକ୍ଷଙ୍କ ନିଘା ନାହିଁ

# ଭଗବାନଙ୍କ ଭରସାରେ ଚାଲିଛି ସରକାରୀ କାର୍ଯ୍ୟାଳୟ

କଳମପୁର, ୨୧।୨(ସମିସ)

କଳାହାଣ୍ଡି ଜିଲ୍ଲା କଳମପୁର ଅଞ୍ଚଳରେ ଜନ ସାଧାରଣଙ୍କ ସୁବିଧା ଲାଗି ସରକାର ବିଭିନ୍ନ କାର୍ଯ୍ୟାଳୟ ବ୍ୟବସ୍ଥା କରିଛନ୍ତି। ଏଥି ସହିତ ଆବାସିକ ଗୃହ ମଧ୍ୟ ନିର୍ମାଣ କରି ଦେଇଛନ୍ତି, କାର୍ଯ୍ୟାଳୟର ମୁଖ୍ୟାଳୟରେ ବିଭାଗୀୟ ଅଧିକାରୀମାନେ ରହିବାର ମଧ୍ୟ ନିୟମ ରହିଛି। ଏହାକୁ ଏଠାରେ ଅବମାନନା କରାଯାଇ ଆସୁଥିବା ଦେଖିବାକୁ ମିଳିଛି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧିନରେ କଳମପୁର ଅଞ୍ଚଳରେ ବିଭିନ୍ନ ପ୍ରକାରର କାମ ଆଗେଇ ଚାଲିଛି। ଏଥିପାଇଁ ଏହି ବିଭାଗ କର୍ମେଲ ଡଙ୍ଗରିଗୁଡା ଗ୍ରାମର ଶିବ ମନ୍ଦିର ପାର୍ଶ୍ୱରେ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ କରିଛି। ତାହା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ହୋଇଥିବା ବେଳେ ସେଠାରେ ସମସ୍ତ ପ୍ରକାରର ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି।କିନ୍ତୁ ସେଠାରେ କନିଷ୍ଠ ଯନ୍ତ୍ରୀ ରହୁ ନାହାନ୍ତି, ଦୀର୍ଘ ବର୍ଷ ହେଲା ସେହି କାର୍ଯ୍ୟାଳୟ ଏକ ପ୍ରକାର ଭୁତକୋଠି ପାଲଟିଛି। ବିଭିନ୍ନ ସମୟରେ ମରାମତି ହେଉଛି ରଙ୍ଗ ବୋଲା ହେଉଛି ହେଲେ ସେଠାରେ କେହି ରହୁ ନାହାନ୍ତି। ଏଥିପାଇଁ କଳମପୁର +୨ ଓ +୩ କଲେଜ ଛାତ୍ରଛାତ୍ରୀ ରାସ୍ତା ପାଇଁ ବିଡିଓଙ୍କ ନିକଟରେ ଫେରାଦ ହୋଇଥିଲେ। କଲେଜ ରାସ୍ତା ଓ ପାତ୍ରବସା ଠାରୁ ବଡକୁଟ୍ଟ ରାସ୍ତା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ଏଯାଏଁ ତାହାର ସମାଧାନ ହୋଇ ପାରିନାହିଁ। ଏନେଇ ସମ୍ପୃକ୍ତ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ତରୁଣ ନାଏକ, କନିଷ୍ଠ ଯନ୍ତ୍ରୀ କେଦାରନାଥ ଦାସ ଫୋନ ନ ଉଠାଇବାରୁ ମତାମତ ମିଳି ପାରିନାହିଁ। ସେହିପରି ଜୁନାଗଡ଼ ପିଡ୍ଲ୍ୟୁଡି ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ କଳମପୁର ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପାଦନ ହୋଇ ଆସୁଥିଲା, ଜୁନାଗଡ଼ ଠାରୁ ଆସି ବିଭାଗୀୟ ଯନ୍ତ୍ରୀ କାମ ତଦାରଖ କରୁଥିଲେ। ଦୁଇ ବର୍ଷ ହେବାକୁ ଯାଉଛି ଏଠାରେ ଏକ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ମାଣ ହୋଇ ଲୋକାର୍ପିତ ହେଲା। ବିପୁଳ ଟଙ୍କା ଖର୍ଚ୍ଚ କରି ଏହି କାର୍ଯ୍ୟାଳୟ ନିର୍ମାଣ ହୋଇଥିବା ବେଳେ ସେଠାରେ ମଧ୍ୟ ଅନୁରୂପ ଭାବେ କେହି ରହୁ ନାହାନ୍ତି। ଏଥିପାଇଁ ଲୋକେ ଅଭିଯୋଗ କରିବାକୁ ଆସୁଛନ୍ତି ହେଲେ କେହି ନ ଥିବାରୁ ଫେରି ଯାଉଛନ୍ତି। ଏହି ବିଭାଗ ଦ୍ୱାରା ସମ୍ପାଦିତ ସିଂଘାରି ଛକରୁ ଚୁରାଗାଁ ରାସ୍ତା ମନ୍ଥର ଗତିରେ ନିର୍ମାଣ ହେଉଥିବାରୁ ଲୋକେ ତିବ୍ରଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ବିଭାଗ ଅଧିନରେ ଥିବା ସିଂଘାରି ଘାଟି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି।



ଏହି ରାସ୍ତା ସର୍ବଦା ଦୁର୍ଘଟଣାର କାରଣ ସାଜିଥିବା ବେଳେ ବାରମ୍ବାର ଲୋକେ ଏନେଇ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ଏଯାଏଁ କୌଣସି ସୁଫଳ ମିଳିନାହିଁ, ଏପରିକି ଏହି ରାସ୍ତାରେ ଭାରିଯାନ ଚଳାଚଳ ନେଇ ବାରଣ କରାଯାଇଥିବା କୁହାଯାଉଛି, କିନ୍ତୁ କିଛି ଭାରିଯାନ ଚାଳକ ଗୁଗଲ ମ୍ୟାପ ଦେଖି ଚାଲି ଆସି ଅପଦସ୍ତ ହୋଇଥିବାର ଅନେକ ନଜିର ଅଛି। ତଥାପି ବିଭାଗ ଜନ ସାଧାରଣଙ୍କ ଉଦ୍ଦେଶ୍ୟରେ ସୂଚନା ଫଳକ ବ୍ୟବସ୍ଥା ଖଣ୍ଡିଏ ମଧ୍ୟ କରିବାକୁ ଆଗ୍ରହ ପ୍ରକାଶ କରି ନାହାନ୍ତି। ଏସମ୍ପର୍କରେ ମଧ୍ୟ ଯୋଗାଯୋଗ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ, ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ କଳମପୁର ଠାରେ ବିଭାଗ ଏକ କଲୋନୀ ନିର୍ମାଣ କରି ଦେଇଛନ୍ତି, ସେଠାରେ ବିଭାଗର କାର୍ଯ୍ୟାଳୟ ପରିଚାଳିତ ହେବା ସହିତ ଆବାସିକ ବାସଭବନ ମଧ୍ୟ ରହିଥିଲା।ଏହା ଏବେ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭାବେ ପଦୋନ୍ନତି ହୋଇଛି।ଏହି କାର୍ଯ୍ୟାଳୟରେ ମଧ୍ୟ ସମଦଶା ଦୃଷ୍ଟି ଗୋଚର ହୋଇଛି। ଏଠାରେ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସହକାରୀ ଯନ୍ତ୍ରୀ ପର୍ଯ୍ୟନ୍ତ କେହି ରହୁ ନାହାନ୍ତି। ଫଳରେ ଜଳ ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଉଥିବା ପାଣି ପଞ୍ଚାୟତ ମହଲରେ ଅଭିଯୋଗ ହେଉଛି, ଏପରିକି ବିନା ଟେଣ୍ଡର, ବିନା ସୂଚନା ଫଳକ ଓ ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତତାରେ କୋଟି କୋଟି ଟଙ୍କାର କାମ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇଥିବାରୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଦାବି ହୋଇଛି, ଲୋକଙ୍କ ସେବା କରିବା ପାଇଁ ସରକାର କର୍ମଚାରୀ ମାନଙ୍କୁ ଖଞ୍ଜି ଦେଇଥିବା ବେଳେ କାମ ନ କରି କିପରି ଦରମା ନେବାରେ ସେମାନେ ସକ୍ଷମ ହୋଇ ପାରୁଛନ୍ତି ତାହା ହିଁ ତଦନ୍ତ ସାପେକ୍ଷ।

ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା

# ଜେଲ୍ ଗଲେ କୋଟିପତି ଫରେଷ୍ଟର

**ଭବାନୀପାଟଣା, ୨୧।୨(ସମିସ):** ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଜେଲ ଯାଇଛନ୍ତି କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଭଟାଙ୍ଗପଦର ସେକ୍ସନର କୋଟିପତି ଫରେଷ୍ଟର ଭାଗବତ ଭୂଷଣ ବେହେରା। ତାଙ୍କ ନାଁରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ହେବା ପରେ ଶୁକ୍ରବାର ଠାରୁ ଭିଜିଲାନ୍ସ ଟିମ୍ ଏକକାଳୀନ ଭାବେ ଭବାନୀପାଟଣା ହିଲଟାଉନସ୍ଥିତ ତାଙ୍କ ଆଲିଶାନ କୋଠା,

**ଭିଜିଲାନ୍ସ ସ୍କାନରରେ ଦୁର୍ନୀତିଖୋର ଅଧିକାରୀ ଓ କର୍ମଚାରୀ**

ଜୁନାଗଡ଼ ଦେଉଣ୍ଡିସ୍ଥିତ ତାଙ୍କ ପୈତୃକ ବାସଭବନ, ଭଟାଙ୍ଗପଦରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଅନେକ ସ୍ଥାବର, ଅସ୍ଥାବର ଓ ବେନାମୀ ସମ୍ପତ୍ତି ଥିବା ପ୍ରମାଣ ମିଳିଥିଲା। ଏପରିକି ଜବତ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସେ ନିଜ ଭାଇଙ୍କ ନାମରେ କରାଇ ନେଇଥିବା ଭିଜିଲାନ୍ସ ତଦନ୍ତରୁ ଜାଣିବାକୁ ମିଳିଛି। ଗତ ୨୦୦୦ ମସିହାରେ ଜିଲ୍ଲାର ଉତ୍ତର ବନଖଣ୍ଡରେ ଜଣେ ଫରେଷ୍ଟର ଭାବେ ମାସିକ ୩ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା ଶ୍ରୀ ବେହେରା ଗତ ୨୦୨୪ ମସିହାରେ ଫରେଷ୍ଟର ଭାବେ ପଦୋନ୍ନତି ପାଇଥିଲେ। ଏହି ସମୟ ମଧ୍ୟରେ ସେ ଅନେକ ଦୁର୍ନୀତି ଓ ଅନିୟମିତତାରେ ଲିପ୍ତ ରହିବା ସହିତ ବେଆଇନ ଭାବେ ନିଜ ପ୍ରକୃତ ଆୟରୁ ପ୍ରାୟ ୪୭୦ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡ଼ିଛି। ଗତକାଲି ଦିନତମାମ ଚଢ଼ଉ ଓ ତାଙ୍କୁ ଅଟକ ରଖି ପଚରାଉଚୁରା କରାଯିବା ପରେ ତାଙ୍କ ସମ୍ପତ୍ତି ସମ୍ପର୍କରେ ସେ କୌଣସି ସଠିକ ଉତ୍ତର ରଖି ନପାରିବାରୁ ଆଜି ତାଙ୍କୁ ଗିରଫ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା।ସେଠାରେ ଜାମିନ ନାମଞ୍ଜୁର ହେବାରୁ ଫରେଷ୍ଟର ଶ୍ରୀ ବେହେରାଙ୍କୁ ଆଜି ଜେଲ ଯିବାକୁ ପଡ଼ିଛି। ସେହିପରି ଅଭିଯୁକ୍ତ ଫରେଷ୍ଟରଙ୍କ ସ୍ତ୍ରୀ, ତାଙ୍କ ଭାଇ ଓ ଭାଉଜଙ୍କ ନାମରେ ମଧ୍ୟ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ଏନେଇ କୋରାପୁଟ ଭିଜିଲାନ୍ସ କେସ ନଂ ୦୨/୨୦୨୬ ରୁଜୁ କରାଯାଇ ତଦନ୍ତ ଜାରି ଥିବା ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ତେବେ ବନବିଭାଗରେ ଗୋଟିକ ପରେ ଗୋଟିଏ ଦୁର୍ନୀତିଗ୍ରସ୍ତ ଓ କୋଟିପତି ଅଧିକାରୀ ଭିଜିଲାନ୍ସ ଜାଲରେ ପଡୁଥିବା ବେଳେ ଅନ୍ୟ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ମହଲରେ ଏବେ କୋକୁଆ ଭୟ ଖେଳିଯାଇଛି। କେବଳ ଉତ୍ତର ବନଖଣ୍ଡ ନୁହେଁ ଦକ୍ଷିଣ ବନଖଣ୍ଡର କିଛି ଅଧିକାରୀ ଓ କର୍ମଚାରୀ ଏବେ ଭିଜିଲାନ୍ସ ସ୍କାନରରେ ଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଆଧିକାରିକ ଭାବେ ଏନେଇ ସୂଚନା ମିଳିନାହିଁ।

## ଆଜି ବିଦ୍ୟୁତ୍ ଯୋଗାଣ ବନ୍ଦ

**ଗୋଲାମୁଣ୍ଡା, ୨୧।୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବିଦ୍ୟୁତ୍ ସବ୍‌ଷ୍ଟେସନର ଗୋଲାମୁଣ୍ଡା ଫିଡରେ ଆସନ୍ତାକାଲି(ରବିବାର) ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ନେଇ ସମସ୍ତ ଉପଭୋକ୍ତାଙ୍କ ଅବଗତି ପାଇଁ ସୂଚନା ଜାରି କରିଛି ବିଦ୍ୟୁତ୍ ବିଭାଗ। ଫେବୃୟାରୀ ୨୨ ତାରିଖ ୧୧ କେଭି ବିଦ୍ୟୁତ୍ ମରାମତି ହେବ ତେଣୁ ସକାଳ ୧୦ ଘଣ୍ଟାରୁ ଅପରାହ୍ନ ୨ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିବ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**କେସିଙ୍ଗା, ୨୧।୨(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଦିବ୍ୟାଙ୍ଗ ମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସହିତ ସେମାନଙ୍କୁ ଉପଯୁକ୍ତ ପ୍ରମାଣପତ୍ର ସାଙ୍ଗକୁ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରିବା ପାଇଁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଶନିବାର ଦିନ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା।କେସିଙ୍ଗା ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ପାଇଁ ୧୮୮ ଜଣ ହିତାଧିକାରୀ ଆସି ଥିଲେ।ଏଥିମଧ୍ୟରୁ ଆଖି ସମସ୍ୟା ପାଇଁ ୫୧ଜଣ, ହାତଗୋଡ ଭଙ୍ଗା ଓ ହାଡ଼ ସମସ୍ୟା ପାଇଁ ୭୧ ଜଣ, ୩୮ ଜଣ ବଧିର ଓ ୨୮ ଜଣ ମାନସିକ ସମସ୍ୟା ପାଇଁ ନିଜର ସାର୍ଟିଫିକେଟ ପାଇବା ଆଶାରେ ଉପସ୍ଥିତ ଥିଲେ।୧୮୮ ଜଣଙ୍କ ମଧ୍ୟରୁ ୫୪ ଜଣଙ୍କୁ ଅନ ଦ ସ୍ପଟ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ବସ୍‌ପାସ ପାଇଁ ୩୨ ଜଣ, ଟ୍ରେନ ପାସ୍ ପାଇଁ ୩୬ ଜଣ, ହ୍ୱିଲଚେୟାର ପାଇଁ ୫ ଜଣ ଓ ଟ୍ରାଇସାଇକଲ ପାଇଁ ୭ଜଣ ଆବେଦନ କରିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଅର୍ନ୍ତଜାତୀୟ ମାତୃଭାଷା ଦିବସ





**କୋକସରା, ୨୧।୨(ସମିସ) :** କୋକସରା ବ୍ଲକ ମାଝୀଗୁଡା ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଅର୍ନ୍ତଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ପ୍ରଦୀପ୍ତ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, କର୍ମଚାରୀ ତଥା ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ମାତୃଭାଷା ସୁରକ୍ଷା ସମ୍ବନ୍ଧୀୟ ଶପଥ ପାଠ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ମାତୃଭାଷାର ଗୁରୁତ୍ୱ ଓ ଏହାର ଉପଦେୟତା ସମ୍ବନ୍ଧେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀ ମଧ୍ୟରେ ଆମ ମାତୃଭାଷା ଓଡ଼ିଆରେ କବିତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା।ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଓଡ଼ିଆ ଶିକ୍ଷକ ଗଜେନ୍ଦ୍ର କୁମାର ଧରୁଆ ପରିଚାଳନା କରିଥିଲେ।

**କର୍ଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ର ଦିବସର ତାତ୍ପର୍ଯ୍ୟ ଓ ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ ହୋଇଥିଲା। ଶିକ୍ଷକ ପ୍ରସନ୍ନ ବାଗ, ସୁଶୀଲ ରଣା, ସଞ୍ଜୟ ସେନାପତି, ବୈଜୟନ୍ତୀ ପୋଢ଼, ରାଉତ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଗୋଲାମୁଣ୍ଡା, ୨୧।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପ୍ରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନବନିର୍ମାଣ ସର୍ବମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା କଳସ ଯାତ୍ରାରେ ଅଂଶଗ୍ରହଣ କରିଥିବା ବେଳେ ମହିଳାମାନେ ପାଟିପଖାନ୍ ନାଲାରୁ ଜଳପୂର୍ଣ୍ଣ କଳସ ଉଠାଇ ଯଜ୍ଞପୀଠରେ ସ୍ଥାପନ କରିଥିଲେ। ଅପରାହ୍ନରେ ଯଜ୍ଞ ଆରମ୍ଭ ଏବଂ ଅପରାହ୍ନ ୩ ଘଣ୍ଟାରୁ ବନଯାଗ ଏବଂ ବୃକ୍ଷରୋପଣ କରାଯାଇଥିଲା। ଗଣ୍ଡାବାହେଲିର ହରିଶ୍ଚନ୍ଦ୍ର ଖମାରୀ ପୁରୋହିତ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପ୍ରଥମ କର୍ତ୍ତା ଭାବେ ଡ. ଅଶିତ କୁମାର ସାହୁ ଏବଂ ତାଙ୍କ ଧର୍ମପତ୍ନୀ ପ୍ରିୟଙ୍କା ନାୟକ, ଦ୍ୱିତୀୟ କର୍ତ୍ତା ଭାବେ ସୁଶାନ୍ତ କୁମାର ସାହୁ ଏବଂ ତାଙ୍କ ଧର୍ମପତ୍ନୀ କନକ ମଞ୍ଜରୀ ସାହୁ ଏବଂ ତୃତୀୟ କର୍ତ୍ତା ଭାବେ ଯଜ୍ଞସେନ୍ ବାଗ ଏବଂ ତାଙ୍କ ଧର୍ମପତ୍ନୀ ମେନକା ବାଗ ଦାୟିତ୍ୱ ନିର୍ବାହ କରିଥିଲେ।



■ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟ

# ରକ୍ତଦାନ ଶିବିରରେ ୩୧ ୟୁନିଟ୍ ସଂଗ୍ରହ



**ଭବାନୀପାଟଣା, ୨୧।୨ (ସମିସ):** ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ବୃହତ୍ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କଳାହାଣ୍ଡି ବ୍ଲଡ୍ ବ୍ୟାଙ୍କ ତରଫରୁ ଡ.ଡୋଳାମଣୀ ମାଝୀ ସମେତ ସଞ୍ଜିବ ମହାକୁଡ, ଗିରିଶ ନାଏକ, ଜ୍ୟୋତ୍ସ୍ନା ସେନାପତୀ ଓ ମଧୁସ୍ମିତା ସେନାପତି ପ୍ରମୁଖ ରକ୍ତଦାନ ଶିବିରର କାର୍ଯ୍ୟ ସମ୍ପାଦନ କରିବା ସହ ତଦାରଖ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ କଳାହାଣ୍ଡି ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡାକ୍ତର ଜୟନ୍ତ କୁମାର ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ରକ୍ତଦାତା ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ସୁଶାନ୍ତ କୁମାର ଦାଶ, ଏନ୍‌ଏସ୍‌ଏସ କାର୍ଯ୍ୟକ୍ରମ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ, ରେଡ୍‌କ୍ରସ କାର୍ଯ୍ୟକ୍ରମ ଅଧିକାରୀ ପୁରୀତ ରଣା, ମିନିକେତନ ସାହୁ, ଫାଲଗୁନି ପ୍ରଧାନୀ, ମିକୁମିକ୍ସ ନିଆଲ, ମନ୍ଦାକିନୀ ପ୍ରଧାନ, ଅନୁକୁଳ ସାହାଣି ଆଦି ଏହାର ସଫଳତା ପାଇଁ କାର୍ଯ୍ୟ କରିଥିବା ବେଳେ ସମୁଦାୟ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଆନ୍ତର୍ଜାତିକ ମାତୃଭାଷା ଦିବସ

**ନୂଆପଡ଼ା, ୨୧।୨(ସମିସ):** ପରସଖୋଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି।ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଟିଟିଲାଗଡ଼ ଡି.ଏ.ଭି କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ବୋର୍ଡ ସଦସ୍ୟ ଡ. ଶିବପ୍ରସାଦ ବେହେରା ମୁଖ୍ୟଅତିଥି, ଜାନ ସଭାପତି ଘନଶ୍ୟାମ ଭୋଇ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ପଣ୍ଡା ଏବଂ ଗୋଡ଼ଫୁଲ୍ଲା ସି.ଆରସିସି ଗୋପାଳ ଭବତୋଷ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁଷମା ପଣ୍ଡା ଅତିଥି ପରିଚୟ ପ୍ରଦାନ କରି ସଭା କାର୍ଯ୍ୟକୁ ଆଗକୁ ବଢ଼ାଇଥିଲେ।ମୁଖ୍ୟଅତିଥି ଡ. ଶିବପ୍ରସାଦ ବେହେରାଅଭିଭାଷଣରେ ମାତୃଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ମାଟିର ଆଶୀର୍ବାଦ ଯୋଗୁଁ ହିଁ ମୁଁ ବିଶ୍ୱପ୍ରସିଦ୍ଧ 'ମାରାଗୁଡ଼ା ସଭ୍ୟତା' ଉପରେ ଗବେଷଣା କରି ପିଏଚ୍‌ଡି ଲାଭ କରିପାରିଛି। ମାରାଗୁଡ଼ା ଓ ନୂଆପଡ଼ା ମୋ ଅସ୍ତିତ୍ୱ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଯାହାକୁ ବିଦ୍ୟାଳୟର ପିଇଟି ଅନିଲ କୁମାର ରାଉତ ଏବଂ ଶିବ ପ୍ରସାଦ ଦାସ ସୂତ୍ରଧାରରୂପେ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଦେବାଧି ଶିଖା, ରାଜେଶ ମହଲା, ପୁଷ୍ପରାଜ ଚନ୍ଦ୍ରକାର ଏବଂ ନିବେଦିତା ସେଠ ମିଳିତ ଭାବେ ସମସ୍ତ ପ୍ରତିଯୋଗିତାକୁ ଅତି ସୁନ୍ଦର ଭାବେ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶରତ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ ସୁଭଦ୍ରା ଶକ୍ତି ଋଣ ମେଳା




**ସିନାପାଲି, ୨୧।୨(ସମିସ):** ସିନାପାଲି ବ୍ଲକ ମିଶନଶକ୍ତି ଦକ୍ଷତା ବିକାଶ କେନ୍ଦ୍ରରେ ସିନାପାଲି ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ଋଣ ମେଳା ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିନାପାଲି ବିଡିଓ କାର୍ମି ଓରାମ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଲଡିଏମ ନୂଆପଡ଼ା, ଷ୍ଟେଟ ବ୍ୟାଙ୍କ ଓ ୟୁଜିବି ବ୍ୟାଙ୍କ ମ୍ୟାନେଜର, ଓଏଲଏମ ମିଥୁନ କୁମାର ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ମିଶନଶକ୍ତି ପକ୍ଷରୁ ୧୨୧ ଗୋଟି ଏସଏଚ୍‌ଜି ଗ୍ରୁପକୁ ୮ କୋଟି ୧୦ ଲକ୍ଷଟଙ୍କା ଋଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥିମାନେ ଋଣ ମେଳା ଉଦ୍ଦେଶ୍ୟ ଉପରେ ମତ ପ୍ରକାଶ କରିଥିଲେ। ମିଶନଶକ୍ତି ଅଧିକାରୀ ରାଜେଶ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳାରେ ଏମବିକେ, ବ୍ୟାଙ୍କ ମିତ୍ର, ସିଆରପି, ଏସଏଚ୍‌ଜି ମହିଳା ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆବିର୍ଭାବ:
୦୮.୧୨.୧୯୩୪

ତିରୋଧାନ:
୧୨.୦୨.୨୦୨୬



୰ସରସ୍ୱତୀ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଏକାଦଶାହ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୂ-ଅଂଶୁ ତ୍ରିପାଠୀ, ନାତି- ସୂର୍ଯ୍ୟକାନ୍ତ ତ୍ରିପାଠୀ, ନାତୁଣୀ- ଅଙ୍କିତା ତ୍ରିପାଠୀ ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ

ସୌଜନ୍ୟ- P and A Advertising Agency Pvt. Ltd.
C/1290, 1st Floor, CDA, Sector-VI, Cuttack-753014

# କେନ୍ଦୁମୁଣ୍ଡା ପାକ୍ସ ସମ୍ପାଦକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ସିନାପାଲି, ୨୧।୨(ସମିସ)

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପ୍ୟାକ୍ସ ସମ୍ପାଦକ ନିଯୁକ୍ତିରେ ଅନିୟମିତତା ହୋଇଥିବା ନୂଆପଡ଼ା ଜିଲ୍ଲାପାଳ ଓ ଉପନିବନ୍ଧକ ଠାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଅଭିଯୋଗରୁ ପ୍ରକାଶ ଯେ, ସରକାରୀ ନିର୍ଦ୍ଦେଶ ଅନୁସାରେ କେନ୍ଦୁମୁଣ୍ଡା ପ୍ୟାକ୍ସ ସମ୍ପାଦକ ନିଯୁକ୍ତି ପାଇଁ ବିଜ୍ଞାପନ ବାହାରିବା ପରେ ପ୍ରାର୍ଥି ଆବେଦନ କରିଥିଲେ। ସେହି ବିଜ୍ଞାପନ ଅନୁସାରେ କେବଳ ଉକ୍ତ ପ୍ୟାକ୍ସ ଅଧିନସ୍ଥ ପ୍ରାର୍ଥି ହିଁ ଆବେଦନ କରି ପାରିବେ। ଏହି ପାକ୍ସ ଅଧୀନରେ ଝାରବନ୍ଧ ପଞ୍ଚାୟତର ଝାରବନ୍ଧ, ତିଲେଇମାଲ ଓ ନାଗଝର ଗ୍ରାମ କେନ୍ଦୁମୁଣ୍ଡା ସେବା ସମବାୟ ସମିତି ଅଧୀନ ରେ ରହିଥିବା ବେଳେ ଅନ୍ୟ ଗ୍ରାମ ଗୁଡିକ ସିନାପାଲି ପ୍ୟାକ୍ସ ଅର୍ନ୍ତଭୁକ୍ତ ରହିଛି। ବିଜ୍ଞପ୍ତିର ନିୟମାବଳୀକୁ ଜିଲ୍ଲା ଚୟନ କମିଟି ଉଲ୍ଲଙ୍ଘନ କରି ଅନ୍ୟ ପ୍ୟାକ୍ସର ଜଣେ ପ୍ରାର୍ଥିଙ୍କୁ ତାଲିକା ଭୁକ୍ତ କରି କେନ୍ଦୁମୁଣ୍ଡା ପ୍ୟାକ୍ସ ବୋର୍ଡ କମିଟିକୁ ନିଯୁକ୍ତି ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶକୁ ଆଧାର କରି କେନ୍ଦୁମୁଣ୍ଡା ପ୍ୟାକ୍ସ ବୋର୍ଡ କମିଟି ଦେଖିଲା ଯେ ଜିଲ୍ଲା ଚୟନ କମିଟି ଏକ ନମ୍ବର କରିଥିବା ପ୍ରାର୍ଥି କେନ୍ଦୁମୁଣ୍ଡା ପ୍ୟାକ୍ସ ପରିସରରେ ନାହିଁ। ସେନେଇ ୧୪ ଏପ୍ରିଲ ୨୦୨୫ରେ କେନ୍ଦୁମୁଣ୍ଡା ପ୍ୟାକ୍ସ ବୋର୍ଡ କମିଟି ଏକ ବୈଠକ ବସି ତୁମ୍ଭକ ବହିର ଏକକିତା ନକଲ ଏହାର ସୁବିଚାର କରିବାକୁ ଉପନିବନ୍ଧକଙ୍କୁ ପ୍ରେରଣା କରିଥିଲା। କିନ୍ତୁ ତାହାକୁ ଜିଲ୍ଲା ଚୟନ କମିଟି ବିରୋଧ କରି ଉପରିସ୍ଥ ଅଧିକାରୀ ଚାପ ପକାଇ ପରିସର ବାହାରେ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତି ଦେବାକୁ ପୁନର୍ବାର ଚିଠି କରିଥିଲା।ଯାହା ଯୋଗୁଁ ନିଯୁକ୍ତିରେ ଅନିୟମିତତା ହୋଇଥିବା ଆବେଦନ ପ୍ରାର୍ଥି ଘନେନ୍ଦ୍ର ସା ଅଭିଯୋଗ କରିଛନ୍ତି।

**ଅନ୍ୟ ପାକ୍ସର ପ୍ରାର୍ଥୀଙ୍କୁ ନିଯୁକ୍ତି**

ପ୍ରକାଶ ଯେ ନିଯୁକ୍ତିରେ ଜିଲ୍ଲା ଚୟନ କମିଟି ନିଜର ମନମୁଖି କରି ଅନ୍ୟ ଏକ ପ୍ୟାକ୍ସର ପ୍ରାର୍ଥି ସହ ସଲାସୁତୁରା କରି ତାଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ବେଳେ ସିଧାସଳଖ ଭାବେ ସରକାରୀ ଆଇନର ଅପବ୍ୟବହାର କରାଯାଇଥିବା ବୁଦ୍ଧିଜୀବୀ ମହଲରେ ଅସନ୍ତୁଷ୍ଟ ପ୍ରକାଶ ପାଉଛି। ପ୍ରାପ୍ତ ଖବର ଅନୁସାରେ ଗତ ୨୦୨୩ ମସିହାରେ ନୂଆପଡ଼ା ଜିଲ୍ଲା ବିଭାଗୀୟଅଧିକାରୀଙ୍କ ଏକ ଚିଠି ଅନୁସାରେ ସିଙ୍ଗଝର ସୋସାଇଟିରେ ଝାରବନ୍ଧ ପଞ୍ଚାୟତର ଝାରବନ୍ଧ, କନ୍ଧାମୁଣ୍ଡା, ମାଲପଡ଼ା, ତିଲେଇମାଲ, ଝୁଲେନବର ଓ ନାଗଝର ଗ୍ରାମ ଉଲ୍ଲେଖ ରହିଛି। ହେଲେ ବିଭାଗୀୟ କିଛି ଅସାଧୁ ଅଧିକାରୀ କର୍ମଚାରୀ ସଲାସୁତୁରା କରି ପଦବିର ମାନ ମର୍ଯ୍ୟାଦା ଭୁଲି ଅଯୋଗ୍ୟ ପ୍ରାର୍ଥିଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ବେଳେ ତାର ଜାଲ ସାର୍ଟିଫିକେଟ ନେଇ ସନ୍ଦେହ କରୁଥିବା ଶ୍ରୀ ସାଙ୍କ ଅଭିଯୋଗ ହୋଇଛି। ନୂଆପଡ଼ା ଜିଲ୍ଲାପାଳ ଦୃଷ୍ଟିଦେଇ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।ନୂଆପଡ଼ା ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ତଦନ୍ତ କରି ତୁରନ୍ତ ସତ୍ୟା ସତ୍ୟ ରିପୋର୍ଟ ପ୍ରଦାନ କରିବା ପାଇଁ ଉପ ନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହାର କେତେଦୂର ସତ୍ୟତା ରିପୋର୍ଟ ପ୍ରଦାନ କରାଯାଉଛି ଓ ପରିସରଭୂକ୍ତ ନ ଥାଇ ସମ୍ପାଦକ ପଦବୀ ହାତେଇଛନ୍ତି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି କିଭଳି ଭାବରେ ଏଭଳି ନିଷ୍ପତ୍ତି ନେଇ ସମ୍ପାଦକ ପଦବୀରେ ନିଯୁକ୍ତି ଦିଆଯାଇଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବନାଗ୍ନି ନିୟନ୍ତ୍ରଣ ସଚେତନତା କର୍ମଶାଳା



**ବଣାଇଁ, ୨୧।୨(ସମିସ):** ବଣାଇଁ ବନଖଣ୍ଡକୁ ବନାଗ୍ନି କବଳରୁ ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ଆରମ୍ଭ କରାଯାଇଛି। ଅକ୍ଟୋବର ଶେଷ ସପ୍ତାହରୁ ବର୍ଷା ବନ୍ଦ ହୋଇଯାଇ ଥିବା ବେଳେ ଶୁଷ୍କତା ସାଙ୍ଗକୁ ପର୍ଣ୍ଣମୋଚୀ ଜଙ୍ଗଲରେ ପତ୍ରଝଡା ଯୋଗୁଁ ବନାଗ୍ନି ଭୟ ଘାରିଛି। ସୁତରାଂ ମନୁଷ୍ୟକୃତ ବନାଗ୍ନି ଉପରେ ୱାଚଟାୱାର ଓ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ବନାଗ୍ନି ନିୟନ୍ତ୍ରଣ ପାଇଁ ବିଭାଗ ନଜର ରଖିବା ସହ ବ୍ୟାପକ ସଚେତନତା ଓ ମୁକାବିଲା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛି। ଏନେଇ ବଣାଇଁ ବନଖଣ୍ଡ ପକ୍ଷରୁ ବନାଗ୍ନି ନିୟନ୍ତ୍ରଣ ଓ ସଚେତନତା କର୍ମଶାଳା ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଣାଇଁ ବନଖଣ୍ଡ ଅନ୍ତର୍ଗତ ୭ଟି ରେଞ୍ଜରୁ ୨୦୦ ରୁ ଉର୍ଦ୍ଧ୍ୱ ନିଆଁ ଲିଭା କର୍ମଚାରୀ, ବିଭାଗୀୟ କ୍ଷେତ୍ର କର୍ମଚାରୀଙ୍କ ସମେତ ସମସ୍ତ ରେଞ୍ଜ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ବଣାଇଁ ବନଖଣ୍ଡ ୭ ଟି ରେଞ୍ଜରେ ମୋଟ ୧୬୦୦ କିମିରୁ ଅଧିକ ଫାୟର ଲାଇନ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୪୦୦ କିମି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ୧୯୦ ଜଣ କର୍ମଚାରୀଙ୍କୁ ନେଇ ୧୫ /୨୦ ଟି ଫାୟାର ସ୍କ୍ୱାଡ୍ ଗଠନ କରାଯାଇ ପର୍ଯ୍ୟାୟକ୍ରମେ ପ୍ରତ୍ୟେକ ରେଞ୍ଜରେ କର୍ମଶାଳା ଆୟୋଜନ କରାଯାଉଛି। ତା' ସହିତ ଜଙ୍ଗଲ ସଂଲଗ୍ନ ବିଭିନ୍ନ ଗ୍ରାମରେ ପାଲା, କ୍ଷୁଦ୍ର ନାଟକ ମାଧ୍ୟମରେ ମଧ୍ୟ ଜନସାଧାରଣଙ୍କୁ ସଚେତନ କରାଯାଉଛି। ସଚେତନତା କାର୍ଯ୍ୟକ୍ରମକୁ ପୂର୍ବ ବର୍ଷ ଅପେକ୍ଷା ଅଧିକ କରିବାର ଲକ୍ଷ୍ୟ ରଖାଯାଇଛି। ତେବେ ବିଗତ ବର୍ଷରେ ବନାଗ୍ନିର ମୁକାବିଲା ପାଇଁ ବୈଷୟିକ ଜ୍ଞାନକୌଶଳ ମଧ୍ୟ ପ୍ରୟୋଗ କରାଯାଉଛି। ପ୍ରଥମଥର ଏଆଇ କ୍ୟାମେରା ସହ ଡ୍ରୋନ ବ୍ୟବହାର ଫଳପ୍ରଦ ହେବା ପରେ ଏହି ଡ୍ରୋନ୍ ବ୍ୟବହାରକୁ ବନ ବିଭାଗ ଗୁରୁତ୍ୱ ଦେଇଛି। ଏଆଇ କ୍ୟାମେରା ସହ ଡ୍ରୋନ କ୍ୟାମେରା ଚିତ୍ର ଦେଖି ବନ ବିଭାଗ ତୁରନ୍ତ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରି ପାରୁଛି। ସେହିପରି ବନାଗ୍ନିକୁ ନିୟନ୍ତ୍ରଣ କରିବାରେ ୱାଚ୍‌ଟାୱାରର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ଥିବାରୁ ୱାଚ୍‌ଟାୱାର ସହାୟତାରେ ବନାଗ୍ନି ଉପରେ ନଜର ରଖି ସଫଳ ମୁକାବିଲା କରାଯିବ ବୋଲି ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ରବିକାନ୍ତ ମୀନା, ଦୁର୍ଯ୍ୟୋଧନ ଜେରେଇ, ନଳିନୀକାନ୍ତ ବେହେରା, ବଣାଇଁ ଥାନା ଅଧିକାରୀ ପିଙ୍କି ମୁର୍ମୁଙ୍କ ସମେତ ବନପାଳ ଓ ବନରକ୍ଷୀ ଉପସ୍ଥିତ ଥିଲେ।

ଲୁହାପଥର ଚୋରା ଚାଲାଣ

# ଦୁଇଟି ୧୬ ଚକିଆ ଓ ଜେସିବି ଜବତ

**କୋଇଡ଼ା, ୨୧।୨(ସମିସ):** ମାଙ୍ଗାନିଜ୍ ମାଫିଆଙ୍କ ଗଡ଼ ବୋଲାଉଥିବା କୋଇଡ଼ା ଖଣି ଅଞ୍ଚଳରେ ଦୀର୍ଘ ଦିନର ବ୍ୟବଧାନ ପରେ ବେଆଇନ ଖଣି କାର୍ଯ୍ୟକଳାପ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବନ ବିଭାଗ। ଶୁକ୍ରବାର ରାତିରେ କୋଇଡା ବନାଞ୍ଚଳ ମେଣ୍ଢାମାରୁଣି ପିଆରଏଫ ଅଞ୍ଚଳ ମଧ୍ୟରେ ବେଆଇନ ଲୁହାପଥର ପରିବହନରେ ଜଡ଼ିତ ଦୁଇଟି ୧୬ ଚକିଆ ଟ୍ରକ୍ ଏବଂ ଗୋଟିଏ ଜେସିବି ମେସିନ୍ ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜବତ କରିଛନ୍ତି। ପାଟ୍ରୋଲିଂ ସମୟରେ ଯାନଗୁଡ଼ିକୁ ଅଟକାଯାଇଥିଲା ଏବଂ ପରେ ଏହି ମାମଲାରେ ଅଟକ ଥିବା ଜଣେ ଅଭିଯୁକ୍ତ ସହିତ ରେଞ୍ଜ ଅଫିସ୍ କ୍ୟାମ୍ପସକୁ ଅଣାଯାଇଥିଲା।

୧୭ ଲକ୍ଷ ଟଙ୍କାର ୮୫ ମୋବାଇଲ ଫୋନ ଉଦ୍ଧାର

# ୧୦୦ରୁ ଅଧିକ ମ୍ୟୁଲ୍ ଆକାଉଣ୍ଟ ଜବତ; ୭ ଗିରଫ

ରାଉରକେଲା, ୨୧।୨(ସମିସ)

ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ସାଇବର ପୁଲିସ ଦଳ ଏବଂ ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ସମସ୍ତ ଥାନା ଦ୍ୱାରା ହଜିଥିବା ତଥା ଚୋରୀ ହୋଇଥିବା ୮୫ ଟି ମୋବାଇଲ ଫୋନକୁ ସଫଳତାର ସହ ଉଦ୍ଧାର କରିଛି। ଉଦ୍ଧାର ହୋଇଥିବା ମୋବାଇଲ ହ୍ୟାଣ୍ଡସେଟର ଆନୁମାନିକ ମୂଲ୍ୟ ୧୭ ଲକ୍ଷ ଟଙ୍କା ହେବ ବୋଲି ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌର କହିଛନ୍ତି। ଏହାବ୍ୟତୀତ ୧୦୦ ରୁ ଅଧିକ ମ୍ୟୁଲ୍ ଆକାଉଣ୍ଟ୍ ଜବତ କରାଯିବା ସହ ଏହି ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଛି। ଆଜି ସୁନ୍ଦରଗଡ଼ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୁନ୍ଦରଗଡ଼ର ଏସ୍‌ପି ଅମ୍ରିତପାଲ କୌର ସୂଚନା ଦେଇ କହିଲେ ଯେ ସାଇବର ଅପରାଧକୁ ରୋକିବା ଏବଂ ନାଗରିକଙ୍କ ପାଇଁ ହଜିଯାଇଥିବା ସମ୍ପତ୍ତି ପୁନରୁଦ୍ଧାର କରିବା ପାଇଁ ସୁନ୍ଦରଗଡ଼ ପୁଲିସ ପ୍ରଯୁକ୍ତିବିଦ୍ୟା ଏବଂ ବୃତ୍ତିଗତ ତଦନ୍ତ ବ୍ୟବହାର କରିବାକୁ ପ୍ରତିବଦ୍ଧ। ଗତ କିଛିଦିନ ହେବ ବିଭିନ୍ନ ଥାନା ଅଞ୍ଚଳରେ ମୋବାଇଲ ଫୋନ ହ୍ୟାଣ୍ଡସେଟ ଚୋରି ହେବା ଏବଂ ହଜି ଯାଇଥିବା ନେଇ ରିପୋର୍ଟ ହୋଇଥିଲା। ଜିଲ୍ଲାର ସାଇବର ଥାନା ପୁଲିସ ଏବଂ ସମ୍ପୃକ୍ତ ଅଞ୍ଚଳର ଥାନା ଅଧିକାରୀଙ୍କ ପ୍ରଚେଷ୍ଟାରେ ଆଇଏମ୍‌ଇଆଇ ନମ୍ବର ଟ୍ରାକିଂ ଜରିଆରେ ଏହି ୮୫ଟି ମୋବାଇଲ ଫୋନ ସେଟ୍ ଉଦ୍ଧାର କରାଯାଇ ପାରିଛି। ଏହାପରେ ଜବତ ଉକ୍ତ ସମସ୍ତ ମୋବାଇଲ ଫୋନଗୁଡିକୁ ସେମାନଙ୍କ ମାଲିକଙ୍କୁ ଫେରସ୍ତ କରି ଦିଆଯାଇଥିଲା। ମୋବାଇଲ ଫୋନ ମାଲିକମାନେ ସୁନ୍ଦରଗଡ଼ ପୁଲିସ ପ୍ରତି ଖୁସି ହେବା ସହ କୃତଜ୍ଞତା ପ୍ରକାଶ କରିଛନ୍ତି। ମୋବାଇଲ୍ ଫୋନ୍ ହଜିବା କିମ୍ବା ଚୋରି ହେବା ମାତ୍ରେ ଏ ବିଷୟରେ ତୁରନ୍ତ ନିକଟସ୍ଥ ପୁଲିସ ଷ୍ଟେସନରେ କିମ୍ବା ସିଇଆଇଆର ପୋର୍ଟାଲ୍ ମାଧ୍ୟମରେ ରିପୋର୍ଟ କରିବାକୁ ଏସପି ଶ୍ରୀମତୀ କୌର ଅନୁରୋଧ କରିଛନ୍ତି। ମୋବାଇଲ ଫୋନ ସେଟର ସେମାନଙ୍କ ମୋବାଇଲ୍ ଫୋନ୍‌ର ଆଇଏମଇଆଇ ନମ୍ବର ରେକର୍ଡ କରିବା ସହ ଉପଯୁକ୍ତ କାଗଜପତ୍ର ସାଇତି ରଖିବାକୁ ଜନତାଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ, ସୁନ୍ଦରଗଡ଼ ଜିଲ୍ଲା ପୁଲିସ ଅପରେସନ୍ ସାଇବର କବଚ୍ ଅଧୀନରେ ଜିଲ୍ଲା ସାରା କାର୍ଯ୍ୟ କରୁଥିବା ମ୍ୟୁଲ୍ ଆକାଉଣ୍ଟ୍ ନେଟୱାର୍କଗୁଡ଼ିକୁ ଖୋଳତାଡ଼ କରି ସଂଗଠିତ ସାଇବର ଅପରାଧ ବିରୋଧରେ ଏକ ବଡ଼ ସଫଳତା ହାସଲ କରିଛି ବୋଲି ଏସପି ଶ୍ରୀମତୀ କୌର କହିଛନ୍ତି। ଅପରେସନ୍ 'ସାଇବର କବଚ' ଅଧୀନରେ ବର୍ତ୍ତମାନ ସୁଦ୍ଧା ସୁନ୍ଦରଗଡ଼ ପୁଲିସ ୧୦୦ ରୁ ଅଧିକ ମ୍ୟୁଲ୍ ଆକାଉଣ୍ଟ୍ ଯାଞ୍ଚ କରାଯାଇଥିଲା। ଏହି ଘଟଣାରେ ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଅଧୀନ ଭସ୍ମା ଥାନା, ଧାରୁଆଡିହି ଥାନା, ରାଜଗାଙ୍ଗପୁର ଥାନା, ସୁନ୍ଦରଗଡ଼ ଟାଉନ୍ ଥାନା, ବୀରମିତ୍ରପୁର ଥାନା ଏବଂ କୁତ୍ରା ଥାନାରେ ୭ ଟି ମାମଲା ପଞ୍ଜିକୃତ କରାଯାଇଛି। ମ୍ୟୁଲ୍ ଆକାଉଣ୍ଟ, ଚେକ୍ ଉଠାଣ, ନଗଦ ଉଠାଣ ମାମଲାରେ ୭ ଜଣଙ୍କୁ ଗିରଫ କରାଯାଇଛି ଏବଂ ୭ କୋଟିରୁ ଅଧିକ ଟଙ୍କାର କାରବାର ସହିତ ଜଡିତ ୮ ଜଣଙ୍କୁ ଧାରା ୩୫(୩) ବିଏନ୍‌ଏସ୍ ନୋଟିସ ଜାରି କରାଯାଇଛି। ଆହୁରି ମଧ୍ୟ ସୁନ୍ଦରଗଡ଼ ପୁଲିସ ଜନସାଧାରଣଙ୍କୁ ଠକମାନଙ୍କୁ ବ୍ୟାଙ୍କ ଆକାଉଣ୍ଟ ବିବରଣୀ, ସିମ୍ କାର୍ଡ, ଏଟିଏମ କାର୍ଡ ଭଡାରେ ନଦେବା କିମ୍ବା ସେୟାର ନକରିବାକୁ ଅନୁରୋଧ କରାଯାଇଛି। ଏହିପରି କାର୍ଯ୍ୟ ଗମ୍ଭୀର ଫୌଜଦାରୀ ଅପରାଧ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।



# ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୨୧।୨(ସମିସ):** ସୁନ୍ଦରଗଡ଼ ପୁଲିସ ଜିଲ୍ଲାର ବଡଗାଁ ଥାନା ଅନ୍ତର୍ଗତ ଏକମା ଗ୍ରାମ ଠାରେ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ଼ ପୁଲିସ ପକ୍ଷରୁ ମହିଳା ଏବଂ ଶିଶୁ ବିରୋଧୀ ଅପରାଧ ରୋକିବା ଏବଂ ଏହାର ବିଭିନ୍ନ ଦିଗ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇୟୁସିଏବ୍ଲ୍ୟୁ ୟୁନିଟ୍ ଏବଂ ବଡଗାଁ ଥାନାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ ଜଣ ସ୍ଥାନୀୟ ମହିଳା, ଆଶା ଏବଂ ଅଙ୍ଗନୱାଡି କର୍ମୀ, ସାକ୍ଷୀର ସଦସ୍ୟ, ସ୍ଥାନୀୟ ସରପଞ୍ଚ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ବୈଠକ ବରଗାଁ ଥାନା ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିବା ବେଳେ ସୁନ୍ଦରଗଡ଼ର ଅତିରିକ୍ତ ଏସପି ସାନ୍ତା ନୁତନ ସାମଦ, ସୁନ୍ଦରଗଡ଼ର ଅତିରିକ୍ତ ଏସପି (ଆଇୟୁସିଏବ୍ଲ୍ୟୁ) କେ.ପି ମିଶ୍ର ଏବଂ ରାଜଗାଙ୍ଗପୁରର ଏସଡିପିଓ ବିଭୁତିଭୁଷଣ ଭୋଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଅଂଶଗ୍ରହଣକାରୀମାନଙ୍କୁ ମହିଳା ଏବଂ ଶିଶୁ ସମ୍ପର୍କିତ ବିଭିନ୍ନ ଆଇନ, ବାଲ୍ୟବିବାହ ରୋକିବା, ଆଇନଗତ ଏବଂ ସରକାରୀ ସହାୟତା ବ୍ୟବସ୍ଥାର ବ୍ୟବହାର, ଏକ ସୁସ୍ଥ ସମାଜ ଗଠନର ଗୁରୁତ୍ୱ, ଅଭିଭାବକଙ୍କ ସତର୍କତା, ସାମାଜିକ ଗଣମାଧ୍ୟମ ସହିତ ଜଡିତ ବିପଦ ଏବଂ ସାଇବର ସୁରକ୍ଷା ବିଷୟରେ ସଚେତନ କରାଯାଇଥିଲା। ଏକ କୁଇଜ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା ଏବଂ ସଫଳ ଅଂଶଗ୍ରହଣକାରୀମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣକାରୀମାନେ ଏପରି ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଖୁସି ଏବଂ କୃତଜ୍ଞତା ପ୍ରକାଶ କରିଥିଲେ।

# ପୃଥକ୍ ପୃଥକ୍ ସ୍ଥାନରେ ଦୁର୍ଘଟଣା; ୪ ଗୁରୁତର

**ଲହୁଣିପଡ଼ା, ୨୧।୨(ସମିସ):** ଲହୁଣିପଡ଼ା ଥାନା ଅଧୀନ ରାଜ୍ୟ ରାଜପଥ ୧୦(କ) ରାସ୍ତାର ପୃଥକ୍ ପୃଥକ୍ ସ୍ଥାନରେ ବାଇକ୍ ଦୁର୍ଘଟଣାରେ ୪ ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ବାଇକରେ କେନ୍ଦୁଝରର କୁଶକଳା ନୂଆସାହିର ସାନିକା ଧନୁଆର(୨୦) ଏବଂ ସୁଜିତ ଧନୁଆର (୨୬) ଏକ ବାଇକରେ କୌଣସି କାର୍ଯ୍ୟରେ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ବଣାଇଁ ପୋଇଗା ନିକଟରେ ଥିବା ମତୁଆଳି ପୋଲରେ ଭାରସାମ୍ୟ ହରାଇ ପୋଲ ବାଡ଼ରେ ବାଡେଇ ହୋଇଥିଲେ। ଫଳରେ ଉଭୟ ବାଇକରୁ ରାସ୍ତା ଉପରେ ଛିଟିକି ପଡ଼ିଥିବା ବେଳେ ଘଟଣାସ୍ଥଳରେ ଜଣକ ଗୋଡ଼ ଭାଙ୍ଗି ଯାଇ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିବାରୁ ସ୍ଥାନୀୟଲୋକେ ଏହା ଦେଖି ତାଙ୍କୁ ଉଦ୍ଧାର ଆମ୍ବୁଲାନ୍ସ ଯୋଗେ ବଣାଇଁ ଡାକ୍ତରଖାନାରେ ଭର୍ତ୍ତିକରି ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସେହିପରି ବେଲକୁଦର ନିକଟରେ ସହଦେବ ମୁଣ୍ଡା ସାଇକେଲ ଯୋଗେ ଲଲେଇ ଆଡକୁ ଆସୁଥିବା ବେଳେ ସମ୍ମୁଖ ଭାଗ ପଟୁ ଏକ ବାଇକ ଯୋଗେ ଦୁଇ ଜଣ ଯୁବକ ବୁଧୁରାମ ମୁଣ୍ଡା ଓ ବେଲଗାସି ମୁଣ୍ଡା ଫୁଲଝର ନଗରିଆ ଗାଁକୁ ଯାଉଥିବା ବେଳେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଥିଲେ। ଫଳରେ ବାଇକ୍ ଆରୋହୀ ଓ ସାଇକଲ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଫଳରେ ସ୍ଥାନୀୟ ଲୋକେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ଭର୍ତ୍ତି କରିଥିଲେ। ତେବେ ଉଭୟ ଦୁର୍ଘଟଣା ଘଟି ଥିବା ଯୁବକମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ୪ ଜଣ ଯୁବକ ଅଧିକ ଚିକିତ୍ସା ନିମନ୍ତେ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଲହୁଣିପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# କୋକ୍ ଓଭେନ୍ ବ୍ୟାଟେରୀ - ୭ର କୋକ୍ ଡ୍ରାଏ କୁଲିଂ ପ୍ଲାଣ୍ଟ ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ



**ରାଉରକେଲା, ୨୧।୨(ସମିସ):** ରାଉରକେଲା ଇସ୍ପାତ କାରଖାନା କୋକ୍ ଓଭେନ୍ ବ୍ୟାଟେରୀ ନମ୍ବର - ୭ (ସି ଓ ବି -୭) ର 'ବିପିଟିଜି, ବଏଲର୍ ଏବଂ ଡିଏମ୍ ୱାଟରପ୍ଲାଣ୍ଟ (ପ୍ୟାକେଜ୍-୩) ସମେତ କୋକ୍‌ଡ୍ରାଏ କୁଲିଂ ପ୍ଲାଣ୍ଟ' ପାଇଁ ଟର୍ନକି ଆଧାରରେ ଲାର୍ସନ୍ ଆଣ୍ଡ ଟୁବ୍ରୋ ଲିମିଟେଡ୍ (କନସୋର୍ସିୟମ୍ ଲିଡର) ଏବଂ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡିଜାଇନିଂ ଏଣ୍ଟରପ୍ରାଇଜେସ୍ ଅଫ୍ କୋକ୍ ଓଭେନ୍ ଆଣ୍ଡ ବାଇ-ପ୍ରଡକ୍ଟ ପ୍ଲାଣ୍ଟ ସହିତ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତିନାମା ଫେବୃଆରୀ ୨୦ରେ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ପ୍ରକଳ୍ପ ବିଭାଗର ସିଜିଏମ ଡି.କେ. ସାହୁ, ସିଜିଏମ୍ ରାହୁଲ ଅଗ୍ରୱାଲ, ପ୍ରୋଜେକ୍ଟ କମର୍ସିଆଲ ବିଭାଗର ସିଜିଏମ ଏ.କେ.ସାହୁଙ୍କ ଉପସ୍ଥିତିରେ କନସୋର୍ସିୟମ୍‌ର ବରିଷ୍ଠ ଅଧିକାରୀଙ୍କ ସହିତ ସ୍ୱାକ୍ଷରିତ ହୋଇଥିଲା। ଆର୍‌ଏସ୍‌ପି ଏବଂ କନ୍‌ସୋର୍ସିୟମର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭିପିଆଣ୍ଡ ହେଡ୍ (ଏଫ୍ ବି) ଏବି ଦାସ ମେସର୍ସ ଏଲଆଣ୍ଡଟି ଦଳର ନେତୃତ୍ୱ ନେଇଥିଲେ ଏବଂ ମେସର୍ସ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଡିଜାଇନିଂ ଏଣ୍ଟରପ୍ରାଇଜେସ୍ ଅଫ୍ କୋକ୍ ଓଭେନ୍ ଆଣ୍ଡ ବାଇ-ପ୍ରଡକ୍ଟ ପ୍ଲାଣ୍ଟର ପ୍ରତିନିଧିତ୍ୱ ଡେପୁଟି ଡାଇରେକ୍ଟର ଏକେ କତୁରା କରିଥିଲେ। ପ୍ରୋଜେକ୍ଟ ବିଭାଗର ଜିଏମ ସୂର୍ଯ୍ୟକୁମାର ଦାଶ ଏହି ପ୍ରକଳ୍ପର ପ୍ରକଳ୍ପ ପ୍ରବନ୍ଧକ ରହିଛନ୍ତି। ଏହି ପ୍ରକଳ୍ପରେ ଏକ ଅତ୍ୟାଧୁନିକ କୋକ୍ ଡ୍ରାଏ କୁଲିଂ ପ୍ଲାଣ୍ଟ (ସିଡିସିପି) ସ୍ଥାପନ କରାଯିବା ସହିତ ଏକ ବ୍ୟାକ୍ ପ୍ରେସର୍ ଟର୍ବାଇନ୍ ଜେନେରେଟର (ବିପିଟିଜି), ବଏଲର୍ ଏବଂ ଡିଏମ୍‌ୱାଟର ପ୍ଲାଣ୍ଟ ସ୍ଥାପନାର ଯୋଜନା ରହିଛି। ଏଥିରେ ସିଓବି-୭ରୁ ଉତ୍ପାଦିତ ହଟ୍ କୋକ୍‌କୁ ଥଣ୍ଡା କରିବା ପାଇଁ ୫୫ ଟିପିଏଚର ତିନୋଟି କୋକ୍ କୁଲିଂ ଚାମ୍ବର ରହିବ। ଡ୍ରାଏ କୁଲିଂ ପ୍ରଯୁକ୍ତିବିଦ୍ୟା ବିପିଟିଜି ମାଧ୍ୟମରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ଅପବ୍ୟବସ୍ଥ ତାପ ପୁନରୁଦ୍ଧାରକୁ ସକ୍ଷମ କରିବ, ଯାହା ଦ୍ୱାରା ଶକ୍ତି ଦକ୍ଷତାରେ ଉଲ୍ଲେଖନୀୟ ଉନ୍ନତି ଆସିବ। ଏଥିସହ ପରିବେଶଗତ ନିର୍ଗମନ ହ୍ରାସ ହେବ ଏବଂ କୋକ୍ ଓଭନ୍ କାର୍ଯ୍ୟର ସାମଗ୍ରିକ ସ୍ଥାୟୀତ୍ୱ ମଧ୍ୟ ବୃଦ୍ଧି ପାଇବ। ଚୁକ୍ତିନାମା କାର୍ଯ୍ୟକାରୀ ହେବା ତାରିଖ ଠାରୁ ୩୦ ମାସର ପ୍ରକଳ୍ପ ଅବଧି ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାର ଯୋଜନା କରାଯାଇଛି। କୋକ୍ ଡ୍ରାଏ ସ୍ଥାପନ ଆରଏସପିରେ ଆଗାମୀ ସିଓବି -୭ ର କାର୍ଯ୍ୟ ଆରମ୍ଭ ପାଇଁ କୁଲିଂ ପ୍ଲାଣ୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ରଣନୈତିକ ସହଯୋଗ ଦକ୍ଷ ଶକ୍ତି ପରିଚାଳନାରେ ସାହାଯ୍ୟ କରିବା ସହିତ ପରିବେଶଗତ ଭାବରେ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଏହାର ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଦୀର୍ଘକାଳୀନ କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ମଧ୍ୟ ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି।

ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ଚାଲିଥିଲା ନକଲି ମଦ ପ୍ରସ୍ତୁତି

# ନକଲି ମଦ, ଠିପି ଓ ବ୍ରାଣ୍ଡେଡ୍ ଲେବୁଲ ଜବତ: ୩ ଗିରଫ



ରାଉରକେଲା, ୨୧।୨(ସମିସ)

ରାଉରକେଲା ସହରର ମଧ୍ୟଭାଗରେ ଥିବା ଟ୍ରାଫିକ ମାର୍କେଟ ଠାରେ ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନରେ ପ୍ରସ୍ତୁତ ହେଉଥିଲା ନକଲି ବିଦେଶୀ ମଦ। ନକଲି ବିଦେଶୀ ମଦକୁ ଅସଲି ଲେବୁଲ ଦେଇ କରାଯାଉଥିଲା ବଟଲିଂ। ଖବର ପାଇ ଅବକାରୀ ବିଭାଗ ପହଞ୍ଚି ଚଢ଼ଉ କରି ବିପୁଳ ପରିମାଣରେ ନକଲି ବିଦେଶୀ ମଦ ସହ ବୋତଲର ବିଭିନ୍ନ ପ୍ରକାରର ଠିପି, ଲେବୁଲ ଆଦିକୁ ଜବତ କରିବା ସହ ଏହି ଘଟଣାରେ ୩ ଜଣ କର୍ମଚାରୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ଗିରଫ ୩ ଜଣ କର୍ମଚାରୀ ହେଉଛନ୍ତି ଗାନ୍ଧୀ ରୋଡ ଅଞ୍ଚଳର ସନ୍ଦୀପ ଗୁପ୍ତା (୪୪), ଗୁରୁଦ୍ୱାର ରୋଡ ଅଞ୍ଚଳର ଜୟ ପ୍ରକାଶ ଗୁପ୍ତା (୪୫) ଓ ଶିବସିଂ ଗଣ୍ଡ (୩୪)। ତେବେ କେବେ ଠାରୁ ଏହି ବେଆଇନ ବଟଲିଂ କାରବାର ଚାଲୁଥିଲା ତାର ସ୍ପଷ୍ଟ ସୂଚନା ଅବକାରୀ ବିଭାଗ ଦେଉନଥିବା ବେଳେ ଏହି ବେଆଇନ କାରବାର ପଛରେ ନିଶ୍ଚିତ ଭାବେ ଅବକାରୀ ବିଭାଗର ସମ୍ପୃକ୍ତି ରହିଥିଲା ବୋଲି ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଟ୍ରାଫିକ ମାର୍କେଟ ସ୍ଥିତ ବିଦେଶୀ ମଦ ଦୋକାନରେ ଏହି ବେଆଇନ ମଦ ବଟଲିଂ ହେଉଥିଲା ବୋଲି ଅବକାରୀ ବିଭାଗ ନିକଟରେ ଗତକାଲି ସୂଚନା ପହଞ୍ଚି ଥିଲା ବୋଲି ଅବକାରୀ ଅଧିକ୍ଷକ ଝଶକେତନ ବରିହା କରିଛନ୍ତି। କର୍ମଚାରୀମାନେ ସମ୍ବଲପୁରରୁ ମଦ ବୋତଲ, ମଦ ବୋତଲ ଠିପି, ଲେବୁଲ ସମେତ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହକରି ଏହି ନକଲି ବିଦେଶୀ ମଦ ବଟଲିଂ କରୁଥିଲେ ବୋଲି ଅବକାରୀ ଅଧିକ୍ଷକ

**ସନ୍ଦେହ ଘେରରେ ରାଉରକେଲା ଅବକାରୀ ବିଭାଗ**

ଶ୍ରୀ ବରିହା କହିଛନ୍ତି। ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ସମ୍ବଲପୁରକୁ ସୂଚନା ଦେବା ପରେ ସେଠାରେ ମଧ୍ୟ ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏଠାରେ ଏହି ନକଲି ବିଦେଶୀ ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ହୋଟେଲ, ଢାବା ସମେତ ଗ୍ରାମାଞ୍ଚଳରେ ଥିବା ହୋଟେଲ ଗୁଡ଼ିକୁ ଚାଲାଣ କରୁଥିଲା ବୋଲି ସୂଚନା ମିଳିଛି। ଜବତ କରାଯାଇଥିବା ମୋଟ ୪୨ ଲିଟର ମଦ ଜବତ ହୋଇଥିବା ବେଳେ ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଅଧିକ୍ଷକ ଶ୍ରୀ ବରିହା କହିଛନ୍ତି। ଏନେଇ ଅଧିକ ତଦନ୍ତ ଜାରି ରହିଛି।




ସୃଜନିକା

ସକାଳ THE SAKALA
www.sakalaepaper.com



# ପଥରର ଆଖି



ମୂଳ ହିନ୍ଦୀ : କମଳେଶ୍ୱର
ଅନୁବାଦ: ନୀହାରିକା ମଲ୍ଲିକ

ଏହା ଦୁଇବନ୍ଧୁଙ୍କର କାହାଣୀ ଅଟେ। ଜଣେ ବନ୍ଧୁ ଆମେରିକା ଚାଲିଗଲା। କୋଡ଼ିଏ ବାଇଶି ବର୍ଷ ପରେ ସେ ଟଙ୍କା ରୋଜଗାର କରି ଭାରତ ଫେରି ଆସିଲା। ଦ୍ୱିତୀୟ ଜଣକ ଭାରତରେ ହିଁ ରହିଲା। ସେ ଗରିବରୁ ଆହୁରି ଗରିବ ହୋଇଯାଇଥାଏ। ଧନୀ ସାଙ୍ଗଟି ବହୁତ ବଡ଼ କୋଠା ତିଆରି କଲା। ନିଜର ପୁରୁଣା ସାଙ୍ଗମାନଙ୍କୁ ମଧ୍ୟ ମନେ ପକେଇଲା। ଗରିବ ସାଙ୍ଗଟି ଦେଖା କରିବାକୁ ଆସିଲା। ଦୁହେଁ ଦୁଃଖସୁଖ ହେବାକୁ ଲାଗିଲେ।

ଗରିବ ଜଣକ କହିଲା-"ତୁମେ ବହୁତ ଭଲ କଲ ବନ୍ଧୁ, ଆମେରିକା ସାରା ଦୁନିଆର ଗରିବଙ୍କୁ ଲୁଟି ଚାଲିଛି, ତୁମେ ଆମେରିକାକୁ ହିଁ ଲୁଟି ଚାଲିଆସିଲ।" ଧନୀ ସାଙ୍ଗ ଜଣକ ଏକଥା ଶୁଣି ଖୁସି ହେଲା।

ବହୁତ ଦିନ ବିତିଗଲା। ଗରିବ ସାଙ୍ଗର ଦିନ ବହୁତ ସମସ୍ୟା ଭିତରେ କଟୁଥାଏ । ସେ କିଛି ସାହାଯ୍ୟ ସହାନୁଭୂତି ଆଶାରେ ଧନୀସାଙ୍ଗକୁ ଦେଖା କରିବାକୁ ଚାହୁଁଥିଲା। ୟା'ଭିତରେ ଧନୀ ସାଙ୍ଗର ପତ୍ନୀଙ୍କର ଆମେରିକାରେ ଦେହାନ୍ତ ହୋଇଗଲା। ସେ ନିଜ ସ୍ୱାମୀଙ୍କ ସହ ଭାରତ ଫେରି ନଥିଲେ। ସେ ଭାରତରେ ରହିବାକୁ ଚାହୁଁ ନଥିଲେ। ବନ୍ଧୁପତ୍ନୀଙ୍କ ସ୍ୱର୍ଗବାସର ଖବର ପାଇ ଗରିବ ଜଣକ ସମବେଦନା ଜଣେଇବାକୁ ଗଲା। ସେ ଗଭୀର ଶୋକ ସମ୍ବେଦନା ପ୍ରକଟ କଲା। ଧନୀ ଜଣକ କହିଲା- "ଏମିତି ବି ଏତେ ଶୋକପ୍ରକଟ କରିବାର କୌଣସି ଆବଶ୍ୟକତା ନାହିଁ ବନ୍ଧୁ, କାରଣ ସେ ଆମେରିକାରେ ବହୁତ ଖୁସିରେ ଥିଲା। ସେଇ ଖୁସି ଭିତରେ ଥାଇ ଶେଷ ନିଃଶ୍ୱାସ ତ୍ୟାଗ କଲା। ଯଦି ସେ ଏଠିକି ଆସିଯାଇଥାନ୍ତା ଆଉ ଏଇଠି ହିଁ ତା'ର ମୃତ୍ୟୁ ହୋଇଥାନ୍ତା,ତେବେ ମୋତେ ବହୁତ ଦୁଃଖ ଲାଗିଥାନ୍ତା, କାରଣ ସେ ଦୁଃଖରେ ମରିଥାନ୍ତା । କିନ୍ତୁ ଯେହେତୁ ସେ ମୋ ପତ୍ନୀ ଥିଲା, ସେଥିପାଇଁ ଆଖିକୁ ଲୁହ ଚାଲିଆସୁଛି।" ଏତିକି କହି ସେ ଲୁହ ପୋଛିଲା।

ଗରିବ ସାଙ୍ଗକୁ ଦୁଃଖର ଏହି କମ୍-ବେଶିର କଥା କିଛି ବୁଝାପଡ଼ିଲାନି। ସେ ଚୁପ୍ ରହିଲା।

- ଆଉ ତୁମ ଖବର କ'ଣ? ଧନୀ ଜଣକ ପଚାରିଲା।
- ଅବସ୍ଥା କିଛି ଭଲ ନାହିଁ!
- କାହିଁ! କ'ଣ ହୋଇଛି?
- କ'ଣ ଆଉ କହିବି! ଏଇଟା ବି ଉପଯୁକ୍ତ ସମୟ ନୁହଁ!
- କୁହ,କୁହ ...ଏମିତି କ'ଣ ହୋଇଛି?
-ନାଁ, ଥାଉ...
-ଆରେ, କୁହ!
-ସାଙ୍ଗ, କଥା କ'ଣ କି ମୋତେ ପାଞ୍ଚ ହଜାର ଟଙ୍କା ନିହାତି ଦରକାର।

ଧନୀ ଜଣକ କିଛି ସମୟ ପାଇଁ ଚୁପ୍ ହୋଇଗଲା। ଗରିବ ସାଙ୍ଗ ନିଜ ଭୁଲ୍ ବୁଝିପାରି କହିଲା- "କ୍ଷମା ଚାହୁଁଛି... କଥା କହିବାର ଉଚିତ ସମୟ ନଥିଲା ।"

ଧନୀ ଜଣକ ତାକୁ କଥା ପୂରା କରିବାକୁ ନଦେଇ କହିଲା- "ନାଁ ନାଁ, ସେକଥା ନୁହଁ, ମୁଁ ଅନ୍ୟ କିଛି ଭାବୁଥିଲି।"

-କ'ଣ?

-ଏଇଆ ଯେ, ତୁମର ଯଦି କିଛି ମାଗିବାର ଥିଲା, ତେବେ ମୋ ପ୍ରତିଷ୍ଠା, ସମ୍ମାନକୁ ଚାହିଁ ମାଗିଥାନ୍ତ!

ଗରିବ ସାଙ୍ଗକୁ କଥାଟି ବାଧିଗଲା। ସେ ଟିକେ ବିରକ୍ତ ହୋଇ କହିଲା- "ତା' ହେଲେ ପଚାଶ ହଜାର ଟଙ୍କା ଦେଇଦିଅ!"

- ତାହେଲେ ଭଲ ହୋଇଥାନ୍ତା ତୁମେ ନିଜ ସାମର୍ଥ୍ୟ ଦେଖି ମାଗିଥାନ୍ତ!

ସେ ଏକଥା କହିଦେଲା ସିନା, କିନ୍ତୁ ନିଜ କଟୁ ବ୍ୟବହାରକୁ ସୁଧାରିବା ପାଇଁ କହିଲା- "ସାଙ୍ଗ, ଯଦି ଗୋଟେ କଥା କହିଦେବ, ତାହେଲେ ମୁଁ ପଚାଶ ହଜାର ବି ଦେଇଦେବି!"

- କୋଉ କଥା?

- ଦେଖ ମୋ' ଆଖିକୁ। ମୋର ଗୋଟିଏ ଆଖି ପଥରରେ ତିଆରି। ମୁଁ ଆମେରିକାରେ ଲଗାଇଥିଲି...ଯଦି ମୋର କୋଉ ଆଖି ପଥରର ତୁମେ କହିଦେଇପାରିବ, ତାହେଲେ ମୁଁ ପଚାଶ ହଜାର ଟଙ୍କା ଏଇ ବର୍ତ୍ତମାନ ଦେଇଦେବି।

- ତୁମ ଡାହାଣ ଆଖି ପଥରର।
- ତୁମେ କେମିତି ଜାଣିଲ?
- ବର୍ତ୍ତମାନ ଦୁଇମିନିଟ୍ ପୂର୍ବରୁ ତୁମ ଡାହାଣ ଆଖିରେ ଲୁହ ଆସିଯାଇଥିଲା। ଆଜିକାଲିର ଦୁନିଆରେ ସତସତିକା ଆଖିରେ ଲୁହ ଆସେନି। ପଥର ଆଖିରେ ହିଁ ଆସିପାରିବ। ■

ବିନାୟକ ନଗର
ନବରଙ୍ଗପୁର

## ବାପା ଥିଲେ ...



ମୂଳ ହିନ୍ଦୀ: ଡକ୍ଟର ଭରତ ପ୍ରସାଦ
ଅନୁବାଦ: ଇପ୍‌ସିତା ଷଡ଼ଙ୍ଗୀ

ବାପାଙ୍କ ଶ୍ୟାମଳ ରଙ୍ଗର ଚେହେରା
ବେଉଷଣ ହୋଇପାରି ନଥିବା କ୍ଷେତ ପରି ଥିଲା,
ଉର୍ବର କିନ୍ତୁ ଆବୁଡ଼ଖାବୁଡ଼ା
ଏପଟସେପଟ ପଡୁଥିବା ଲଙ୍ଗଳା ଖାଲିପାଦ
ମନେହୁଏ ପୃଥିବୀର ମୋହମାୟାରେ ବୁଡ଼ି ରହିଛି
ତାଙ୍କ ଶରୀରର ପ୍ରତ୍ୟେକ ଅଂଶରେ
ପରିବ୍ୟାପ୍ତ ଶିରାଗୁଡ଼ିକ
ପରିବାରକୁ ନିଜ ରକ୍ତ ଦେଇ
ପୋଷଣ ଦେବା ପାଇଁ ଚେର ପରି ବିସ୍ତାରିତ।

ତାଙ୍କ ଅନ୍ତରାତ୍ମାରେ ପ୍ରବେଶ ନକରି
ତାଙ୍କ ଉଚ୍ଚତାର ବିଶାଳତା ବୁଝିବା ଅସମ୍ଭବ।

ବାପାଙ୍କ ଦେହରୁ ଅଦ୍ଭୁତ ଏକ ସୁଗନ୍ଧ ଝରେ
ଯାହା ଗଛର ଛାଲିରେ, ଜଙ୍ଗଲୀ ଝରଣା ପାଣିରେ
ଅବା ପାଚିଲା ଫସଲର ସୁଗନ୍ଧ-ଭରା ମାଟିରେ ମିଳିଥାଏ।

ଜୀବନକାଳ ମଧ୍ୟରେ ମୁଁ ବୁଝିପାରିଲି ନାହିଁ ଯେ
ବାପା କେତେ ପ୍ରଶସ୍ତ, କେତେ ସୁଖକର ଓ
ସଳଖ ରାସ୍ତା ଗୋଟେ !
ବାପାଙ୍କୁ ହରାଇବା ପରେ, ପ୍ରତିଦିନ ମୋ ଭିତରେ
ବାପାଙ୍କ ନୂଆ ଅର୍ଥ ଏବେ ମୁଁ ଖୋଜି ପାଏ।

ଅନ୍ଧାର ସହିତ ଲଢୁଥିବା ଦୀପରେ,
ସବୁଜରୁ ହଳଦିଆ ହେଉଥିବା ଫସଲରେ,
ଝିଅକୁ ବିଦାୟ ଦେବା ପରେ ଶବ୍ଦହୀନ
ଅଗଣିତ କ୍ରନ୍ଦନରେ,
ଶୁଖିଲା ପୋଖରୀର ଫାଟିଯାଇଥିବା ପାଦରେ,
ଭୋର ଆସିବା ପୂର୍ବରୁ
ନିଦରୁ ଉଠିପଡ଼ିଥିବା ଆକାଶରେ
ପକ୍ଷୀମାନଙ୍କ ଉଡ଼ାଣରେ,
ମୁଁ ପିତା ହେବାର ଠିକଣା ଖୋଜି ପାଏ। ■



## ଇଟା ଗଢୁଥିବା ଝିଅ



ପେଟ ଭରିବାର ସ୍ୱପ୍ନ
ମୃଗ ମରୀଚିକା ପରି ନାଚେ;
କଅଁଳ ହାଡ଼ ସବୁ କଷଣ ସହିସହି
ମଜବୁତ ଯେମିତି ଅକାଳରେ ।

ଆଖିରେ ନା ଅଛି ପିଲାଦିନ
ବଞ୍ଚିବାର ଇଚ୍ଛା, ନା ଅଛି ପ୍ରେମ ଆଉ ସ୍ନେହର ତୃଷା,
ନା ଅଛି ଲୁହ- ବାପାମାଆଙ୍କୁ ହରାଇସାରିବା ପରର !
ଖାଲି ଯା ବାକି ଅଛି
ଭୋକ ସହ ଲଢ଼ିବାର ପାଗଳାମୀ,
ନିଜ ସମ୍ମାନକୁ ବଞ୍ଚାଇବାର ଚିନ୍ତା,
ଏକାକୀ ବଞ୍ଚିବା ଓ ମରିବା ଭିତରର ସଂଘର୍ଷ
ଆଉ ଯାବତୀୟ ପ୍ରତିଘାତ ସତ୍ତ୍ୱେ
ଏବେ ବି ନ ମରିବାର ତୃଷ୍ଣା।

ଶରୀର ଯେ ଗଛ ପରି ନାଚେ,
ଗୋଡ଼ ଦୁଇଟି ଯେମିତି କାଠର କଣ୍ଢେଇ
ଘୂରୁଥାଏ ଯେ ଘୂରୁଥାଏ କ୍ଲାନ୍ତି କ'ଣ ଜାଣେ ନାହିଁ।
ହାତଗୁଡ଼ିକ ଡାଳ ପରି
କାମ ଆଗରେ କେବେ
ମୁଣ୍ଡ ନୁଆଁଇବା ଶିଖି ହିଁ ନାହିଁ।

ଝିଅ ହୋଇ ଜନ୍ମ ହୋଇଥିଲା ସିନା
ଦାରିଦ୍ର୍ୟ ତାକୁ ପୁଅ କରିଦେଲା
ଝିଅଟିଏ ଭଳି ବଞ୍ଚି ରହିବା ତା'ଭାଗ୍ୟରେ ଏବେ କାହିଁ ?

ଶରୀରର ପ୍ରତ୍ୟେକ ଅଂଶରୁ
ନିରୀହତାର ରଙ୍ଗ ଉଭାନ ଏବେ,
ବିବଶତାର ଶିକାର ହୋଇ
ପିଲାଦିନ ତା'ର ମରି ସାରିଛି କାହିଁ କେତେ କାଲୁ,
ନାରୀଟିଏ ପରି ଜୀଇଁବାର ସ୍ୱପ୍ନ ଦେଖିବା
ତା' ପାଇଁ ନିଷିଦ୍ଧ ଯେମିତି!
ଆକାଶ ଓ ପାତାଳ ମଧ୍ୟରେ
କାହାକୁ ବା ବିଶ୍ୱାସ କରିବ ସିଏ
କିଛି ବୁଝାପଡ଼େ ନାହିଁ
ତା' ଦେହର କେଉଁ କୋଣରୁ
ମୁକ୍ତ ପକ୍ଷୀ ପରି ଉଡ଼ିବାର ଇଚ୍ଛା ଜାଗ୍ରତ ହୁଏ
କିଏ ଅବା ଆଉ ଜାଣେ?

ଲୋକଙ୍କ ମୁହଁରୁ ହଜିଯାଇଛି ତା'ର ପ୍ରକୃତ ନାଁ,
ସେ ଏତେ ବେଶି ଖାଲି ଗୋଟେ ଶ୍ରମିକ ଯେ
ଜୀବିତ ରହିବାର ପରିଚୟ ବି ହଜେଇ ସାରିଛି।
ମାନସମ୍ମାନ ଓ ଇଜ୍ଜତ-ମହତ ସବୁ ହରାଇବା ପରେ
ବାକି ରହିଯାଇଛି ରଂଗବେରଂଗ ଚୁଡ଼ି କିଛି ତା' କଚଟିରେ
ଯାହାକୁ ତା' ମା' ପିନ୍ଧେଇ ଦେଇଥିଲା ନିଜ ହାତରେ। ■

ଅଧ୍ୟାପିକା, ଇଂରାଜୀ ବିଭାଗ
ନିଆଳି କଲେଜ, ନିଆଳି, କଟକ
ମୋ: ୯ ୯୩୮ ୩୭୦୨୮ ୯

# ରବୀନ୍ଦ୍ରନାଥଙ୍କ କବିତାରେ ରହସ୍ୟବାଦୀ ଚେତନା



ଡକ୍ଟର ଶ୍ରୀକାନ୍ତ କୁମାର ବାରିକ

ଇନ୍ଦ୍ରିୟଗ୍ରାହ୍ୟ ଏହି ଦୃଶ୍ୟମାନ ଜଗତର ଊର୍ଦ୍ଧ୍ୱରେ ଏକ ଅସୀମ ଅତିନ୍ଦ୍ରୀୟ ଅଲୌକିକ ଜଗତ ବିଦ୍ୟମାନ। କବିଟିଏ ତା'ର ସର୍ଜନା ବଳରେ ସେହି ରହସ୍ୟମୟ ସୂକ୍ଷ୍ମ ଜଗତକୁ ଦେଖିଥାଏ। ଅନ୍ତିମ ସତ୍ୟ ସହିତ ଏକାତ୍ମ ହୋଇଯାଏ। ଦିବ୍ୟସତ୍ତାର ଅପୂର୍ବ ଅନୁଭୂତିରେ ଶିହରୀ ଉଠେ। କବି ବ୍ଲେକ୍‌ଙ୍କ ଭାଷାରେ - "ଗୋଟିଏ ଧୂଳିକଣାରେ ସେ ସମଗ୍ର ବସୁଧାକୁ ଦେଖିପାରେ" (To see the World in a grain of sand)। ରହସ୍ୟବାଦ କବି ଚିନ୍ତନ ପ୍ରକ୍ରିୟାର ଏକ ସଚେତନ ଅଭିବ୍ୟକ୍ତି, ଏକ ଊର୍ଦ୍ଧ୍ୱ ଚେତନାର ଉତ୍ତରିତ ମାର୍ଗ। ପାଶ୍ଚାତ୍ୟ ଜଗତର ବିଶିଷ୍ଟ କବି ରିଲ୍‌କେ କବିତା ସମ୍ପର୍କରେ ବିଶ୍ଳେଷଣ କରିବାକୁ ଯାଇ ପିରାମିଡ୍ ତତ୍ତ୍ୱ (Poetic Pyramid Theory) ସମ୍ପର୍କରେ ବିଶ୍ଳେଷଣ କରିଛନ୍ତି। ଏହି ପିରାମିଡ଼ ଏକ ତ୍ରିଭୂଜ ପରି। ଏହାର ମାଟି ସଂଲଗ୍ନ ବିନ୍ଦୁ ଦୁଇଟି ଯଥାକ୍ରମେ ରୋମାଣ୍ଟିସିଜିମ୍ ଓ ରିଏଲିଜିମ୍ ହୋଇଥିବାବେଳେ ଶୀର୍ଷ ବିନ୍ଦୁଟି ମିଷ୍ଟିସିଜିମ୍ ବା ରହସ୍ୟବାଦ। ତାଙ୍କ ମତରେ ଏହି ଧରଣର କବିତା ଶ୍ରେଷ୍ଠ କବିତା। ସମଗ୍ର ଜୀବନ ଯନ୍ତ୍ରଣା ଓ ଦୁଃସ୍ଥିତିରୁ ମଣିଷକୁ ଏହା ମୁକ୍ତିଆଡ଼କୁ ନେଇଯାଏ। ଚେତନାର ବର୍ଗୀକରଣ ନୁହେଁ, ଏକତ୍ରୀକରଣ ହିଁ ଏହି କାବ୍ୟ ଅବବୋଧର ମୂଳକଥା। ଅପୂର୍ବ ଅନୁଭବୀ ଦିଗନ୍ତର ପ୍ରସାରଣ ହିଁ ଏହାର ଅଭିଲକ୍ଷ୍ୟ। ଇଂରାଜୀରେ ଏହି ଚେତନାକୁ ମିଷ୍ଟିସିଜମ୍ କୁହାଯାଏ। ଶ୍ରୀଅରବିନ୍ଦ ତାଙ୍କର 'The Future Poetry' ଗ୍ରନ୍ଥରେ କହିଛନ୍ତି ରହସ୍ୟବାଦୀ କବିତାର ଅର୍ଥ ସଂପୂର୍ଣ୍ଣ ସ୍ୱଷ୍ଟ ଏବଂ ଦୃଶ୍ୟମାନ ଥାଏ, ଯାହା ପ୍ରୟୋଗବାଦୀ ବୌଦ୍ଧିକ କବିତାଠାରୁ ଅଧିକ ଭାବଗର୍ଭକ, କାରଣ ପ୍ରୟୋଗବାଦୀ କବିତା ଅଧିକ ଅମୂର୍ତ୍ତ ଥାଏ। ରହସ୍ୟବାଦୀ କବିତା ଅନ୍ତର୍ଦୃଷ୍ଟି ସମ୍ପନ୍ନ ଓ ଜୀବନାଭୂତିର ନିଗୂଢ଼ ସମ୍ବାଦ ଏଥିରେ ପ୍ରକାଶ ପାଇଥାଏ।

ଆଧୁନିକ ଭାରତୀୟ କବିତା କ୍ଷେତ୍ରରେ ରହସ୍ୟବାଦୀ ଭାବସମ୍ବେଗର ଶ୍ରେଷ୍ଠ ରୂପକାର ହେଉଛନ୍ତି ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର। ତାଙ୍କ କବିତାରେ ଭାରତୀୟ ଆତ୍ମାର ଛନ୍ଦ ବାଜି ଉଠେ। ପାଶ୍ଚାତ୍ୟ ମିଷ୍ଟିକ୍ ଚେତନା ଓ ରୋମାଣ୍ଟିକ ଅବବୋଧ ସହିତ ପ୍ରାଚ୍ୟ ପ୍ରେମ, ଭକ୍ତି, ଜ୍ଞାନ ଓ ଆଧ୍ୟାତ୍ମଦର୍ଶନର ନିର୍ମଳ ସଂଯୋଗରେ ରବୀନ୍ଦ୍ରିୟ କବିତା ଅଭିଷିକ୍ତ ହୋଇ ନୂତନ ଭାବଦ୍ୟୋତନା ସୃଷ୍ଟି କରିଛି। ତାଙ୍କର ଏହି କାବ୍ୟ ଚେତନା କୌଣସି ଧର୍ମ, ସମ୍ପ୍ରଦାୟ ବା ଗୋଷ୍ଠୀରେ ଆବଦ୍ଧ ନୁହେଁ, ବରଂ ମାନବବାଦର ଏକ ଅଭୂତପୂର୍ବ ଉତ୍ତରଣ।

ଏଥିରେ ସ୍ୱୟଂଭୂ ପରିଭୂ ଶାଶ୍ୱତକୁ ଆତ୍ମବୀକ୍ଷଣ ଓ ବିଶ୍ୱଦର୍ଶନ ମାର୍ଗରେ ଏକକାଳୀନ ଅବବୋଧ କରିହୁଏ। ରୂପ ବୈଚିତ୍ର୍ୟ ଓ ଭିନ୍ନତା ସତ୍ତ୍ୱେ ମୂଳସତ୍ତାର ଐକ୍ୟଭାବ ଏଠାରେ ବିଦ୍ୟମାନ। ନିଜେ ବିଶ୍ୱକବି ରବୀନ୍ଦ୍ରନାଥ ତାଙ୍କ 'ଜୀବନସ୍ମୃତି'ରେ କୁହନ୍ତି- "ଆମାର ତୋ ମନେହୟ, ଆମାର୍ କାବ୍ୟରଚନାର ଏଇ ଏକଟି ମାତ୍ର ପାଲା; ସେ ପାଲାର ନାମ ଦେଓୟା ଜାଇତେପାରେ ସୀମାର୍ ମଧ୍ୟେଇ ଅସୀମେର୍ ସହିତ ମିଲନ୍ ସାଧନେର୍ ପାଲା।" ପୁଣି ସେ ପ୍ରକାଶ କରନ୍ତି- "ଅପରୂପକେ ଦେଖେଗେଲାମ୍ ଦୁଟି ନୟନ ମେଲେ। " - (ଯାବାରଦିନ –ସଞ୍ଚୟିତା)

'ଗୀତାଞ୍ଜଳି'ରେ ଏ ସ୍ୱର ଖୁବ୍ ସ୍ୱଷ୍ଟ ଓ ପ୍ରାଣସ୍ପର୍ଶୀ। ବହିର୍ମୁଖୀ ରହସ୍ୟୋପଲବ୍ଧି ବିଶ୍ୱାୟିତ ଐକ୍ୟଚେତନାକୁ ଏକ ସ୍ୱରୂପରେ ପ୍ରକାଶ କରିବା ଅନ୍ତର୍ମୁଖୀ ରହସ୍ୟବାଦର ବୈଶିଷ୍ଟ୍ୟ ଯାହା ଗୀତାଞ୍ଜଳିର ପ୍ରତି ଛତ୍ରେ ଛତ୍ରେ, ଅନୁଭୂତ ହୋଇଥାଏ। ଏହି ମହା ସୌନ୍ଦର୍ଯ୍ୟକୁ ଏକ ପଂକ୍ତିରେ ଲକ୍ଷ୍ୟ କରାଯାଇପାରେ-

ଅନ୍ତରମମ ବିକଶିତ କର ଅନ୍ତରତମ ହେ
ନିର୍ମଳକର ଉଜ୍ଜ୍ୱଳ କର ସୁନ୍ଦର କର ହେ
ଜାଗ୍ରତ କର ଉଦ୍ୟତ କର ନିର୍ଭୟ କର ହେ
ଅନ୍ତରମମ ବିକଶିତ କର ଅନ୍ତରତମ ହେ
ନିଖିଳ ଜୀବନେ ଯୁକ୍ତକର ହେ ମୁକ୍ତକର ହେ ବନ୍ଧ
ସକଳ କରମେ ସଞ୍ଚାର କର ଶାନ୍ତ ତୁମର ଛନ୍ଦ
ଚରଣ ପଦ୍ମେ ଚିତ୍ତକୁ ମମ ସ୍ପନ୍ଦିତ କର ହେ
ନନ୍ଦିତ କର ନନ୍ଦିତ କର ନନ୍ଦିତ କର ହେ
ଅନ୍ତରମମ ବିକଶିତ କର ଅନ୍ତରତମ ହେ। (ଗୀତାଞ୍ଜଳି)


ଦିବ୍ୟସତ୍ତା ସହ କବିସତ୍ତାର ଏହି ଭାବସମ୍ବାଦ ଏକ ଅପୂର୍ବ ଶିହରଣ ସୃଷ୍ଟି କରେ ପାଠକ ଭିତରେ। ଜୀବ ଓ ପରମ ମଧ୍ୟରେ ଏକ ରାଗାନୁଗା ପ୍ରୀତିଭାବ ସସୀମ ପ୍ରତି ଅସୀମର ଅପୂର୍ବ ମିଳନ ସବୁ ଯୁଗର, ସବୁ ଦେଶର ରହସ୍ୟବାଦୀ କବିତାର ମୂଳଧର୍ମ। କବିଆତ୍ମା ବେଳେ ବେଳେ ନିର୍ଦ୍ଦିଷ୍ଟ ସୀମାବୋଧ ଅତିକ୍ରମ କରି ବିଶ୍ୱଆତ୍ମା ସହିତ ଏକୀଭୂତ ହୋଇଯାଏ। ତେଣୁ କବିଙ୍କ କଣ୍ଠରୁ ଝରିଯାଏ –"ହେ ପୂଷନ! ଏବାର ପ୍ରକାଶ କର ତୋମାର୍ କଲ୍ୟାଣତମ ରୂପ। ଦେଖି ତାରେ, ଯେ ପୁରୁଷ ତୋମାର ଆମାର୍ ମାଝେ ଏକ।" ଏଠି କବିସତ୍ତା ବ୍ରହ୍ମ ସତ୍ତାରେ ଲୀନ ହୋଇଯାଏ। ସର୍ବତ୍ର ଅନ୍ତରର ପ୍ରାଣ ପୁରୁଷ ସହ ଏକାତ୍ମ ହୋଇଯାଏ। ସର୍ବତ୍ର ମଧୁଧାରା ପ୍ଳାବିତ ହୁଏ। ସମସ୍ତ ରାଗରୁଷା ଅହଂକାରକୁ ଧୋଇ ଦେବା ପାଇଁ କବି ପ୍ରାର୍ଥନା କରେ ଏବଂ କହେ- "ଆମାର୍ ମଥାନତ କରେ ଦାଓ ହେ ତୋମାର୍ ଚରଣ ଧୂଳାର ତଳେ/ ସକଳ ଅହଂକାର ହେ ଆମାର୍ ଡୁବାଓ ଚୋଖେର ଜଳେ।" ଏହା ହିଁ ଅପୂର୍ବ ଉପଲବ୍ଧି। ଜୀବର ପରମପ୍ରାପ୍ତି। ଏହି କାବ୍ୟ ଆବେଦନ ଖୁବ୍ ସଞ୍ଚରଣଶୀଳ। ଏଭଳି ରାଶି ରାଶି କବିତା ଅଛି ଯେଉଁଥିରେ କବି ରବୀନ୍ଦ୍ରନାଥ ରହସ୍ୟବାଦୀ ଅତିନ୍ଦ୍ରୀୟ ଚେତନାର କଥା କହିଛନ୍ତି। ପରିଶେଷରେ ଏତିକି କୁହାଯାଇପାରେ ସେ ଯୁଦ୍ଧ ହେଉ କି ପ୍ରେମ, ସ୍ୱପ୍ନ ହେଉ କି ବାସ୍ତବତା, ମୋହ ହେଉ କି ମୁକ୍ତି, ଅସୀମ ହେଉ କି ସସୀମ, ଦୃଶ୍ୟ ହେଉ କି ଅଦୃଶ୍ୟ- ଏସବୁର ନିର୍ମମ ବାସ୍ତବତାକୁ ଯେଉଁ କବି ନିଜେ ବୁଝି ଅନ୍ୟକୁ ବୁଝେଇଦିଏ ତା'ର ଶବ୍ଦ ଶକ୍ତିରେ ଏବଂ ଏକ ସର୍ବକାଳିନ ସତ୍ୟର ପ୍ରତିଷ୍ଠା ଦିଏ, ତାକୁ କାଳଜୟୀ କବି କୁହାଯାଏ। ଏହି ଦୃଷ୍ଟିରୁ କବି ରବୀନ୍ଦ୍ରନାଥ ସମଗ୍ର ବିଶ୍ୱର ଆଧୁନିକ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ। ■

ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ ବଲାଙ୍ଗିର
ମୋ ୯ ୯୩୭୪୬୫୩୬୯

## ପତ୍ରିକା ପରିଚୟ

### ରେବତୀ

ସଂପାଦିକା: ସୁବାସିନୀ ଜେନା





ଓ.ଟି. ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ସାହିତ୍ୟ ଓ ଫିଚର୍ ଧର୍ମୀ ପତ୍ରିକା 'ରେବତୀ'ର ଫେବୃଆରୀ ୨୦୨୬ ସଂଖ୍ୟା ପ୍ରକାଶ ପାଇଛି। ଏହି ସଂଖ୍ୟାରେ ବିଜୟ କୁମାର ନାୟକଙ୍କ 'ନିପୁଣ ନେତୃତ୍ୱର ମହାନାୟିକା', ରାମଚନ୍ଦ୍ର ବେହେରାଙ୍କ 'ମୁକ୍ତିର ମାର୍ଗ', ସବ୍ୟସାଚୀ ବିଷୋୟୀଙ୍କ 'ଜନଜାତିଙ୍କ ଚଳନ୍ତି ପ୍ରତିମା', ଡକ୍ଟର ରାଜେନ୍ଦ୍ର ପାଢ଼ୀଙ୍କ 'ହାଟରେ ହୁଏ ଭେଟ', ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁଙ୍କ 'ସୁରୁଡ଼ିର ସୁରେ', ଆନ୍‌ପା ମାର୍ଣ୍ଡିଙ୍କ 'ସାନ୍ତାଳୀ ସାହିତ୍ୟର ସୃଜନିକା', ସଞ୍ଜୟ କୁମାର ବାଗଙ୍କ 'ଜନଜାତିଙ୍କ ଅମୂଲ୍ୟ ଗ୍ରନ୍ଥ' ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ଭାବଗର୍ଭକ ହୋଇଛି। ସେହିପରି ବିପିନ ନାୟକ, ଡକ୍ଟର ହରିଶ୍ଚନ୍ଦ୍ର ବେହେରା, ସୌଭାଗ୍ୟବନ୍ତ ମହାରଣା, ରସାନନ୍ଦ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ରମାକାନ୍ତ ଜେନା ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ସେଭଳି ଯାଜ୍ଞସେନୀ ସାହା, ସରୋଜ ଦାସ, ରେବା ପଟ୍ଟନାୟକ ପ୍ରମୁଖଙ୍କ ଗପଗୁଡ଼ିକ ମନଛୁଆଁ ହୋଇଛି। ସଂପାଦକୀୟଠାରୁ ଆରମ୍ଭ କରି ଧାରାବାହିକ କାବ୍ୟ, ଆତ୍ମଜୀବନୀ, ରୋଷେଇଶାଳ, ଶେଷପୃଷ୍ଠା ପର୍ଯ୍ୟନ୍ତ 'ରେବତୀ'ର ପ୍ରତିଟି ବିଭାଗର ଲେଖାଗୁଡ଼ିକ ଆକର୍ଷଣୀୟ ଓ ଭାବ ଉଦ୍ରେକକାରୀ ହୋଇଛି। ■

### ଶୋଭନା

ସଂପାଦକ: ବିଧୁଭୂଷଣ ପଟ୍ଟନାୟକ





କ୍ୱାର୍ଟର ନଂ: ୨ଆର୍. ଏ-୬୦, ରୋଡ୍-୭
ୟୁନିଟ୍- ୯, ଭୁବନେଶ୍ୱର-୨୨
ମୂଲ୍ୟ: ୪୦ ଟଙ୍କା

'ଶୋଭନା'ର ଫେବୃଆରୀ ୨୦୨୬ ସଂଖ୍ୟା ଅନୁବାଦ ବିଶେଷ ଭାବେ ପ୍ରକାଶ ପାଇଛି। ହିନ୍ଦୀ, ଉର୍ଦ୍ଦୁ, ଅସମୀୟା, ବଙ୍ଗଳା, ରାଜସ୍ଥାନୀ ଆଦି ବିଭିନ୍ନ ଭାଷାର ପ୍ରତିଷ୍ଠିତ ଗାଳ୍ପିକମାନଙ୍କ ଗପର ଓଡ଼ିଆ ଅନୁବାଦ ପ୍ରକାଶ ପାଉଛି। ଏହି ସଂଖ୍ୟାରେ ମନୁ ଭଣ୍ଡାରୀଙ୍କ 'ତ୍ରିଶଙ୍କୁ'କୁ ସୁଭାଷ ଶତପଥୀ,ରୀନା ମେନାରିୟାଙ୍କ 'ହାତରେ ପେଟ'କୁ ବିଜୟ କୁମାର ପ୍ରଧାନ, ନିଗାର ଅଜୀମଙ୍କ 'ରୁପେଲି ପ୍ରଜାପତି'କୁ ସୁକୋମଳ ଦାଶ, ଉଷା ପ୍ରିୟମ୍ବଦାଙ୍କ 'ଲେଉଟାଣି'କୁ ନିହାରୀକା ମଲ୍ଲିକ ଅନୁବାଦ କରିଛନ୍ତି। ଏହି ଗପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷ ସଂଘର୍ଷ ଓ ଦ୍ୱନ୍ଦ୍ୱର କଥା ବଳିଷ୍ଠ ଭାବେ ଚିତ୍ରିତ ହୋଇଛି। ସେଭଳି ଡକ୍ଟର ମଦନ ମୋହନ ପାଢ଼ୀଙ୍କ 'ପ୍ରକୃତି ଅନୁସାରେ ଆହାର ବିହାର: ସ୍ୱାସ୍ଥ୍ୟର ମୂଳମନ୍ତ୍ର' ଓ ଡକ୍ଟର ଗୁରୁ ପ୍ରସାଦ ମହାପାତ୍ରଙ୍କ 'ମାନବୀୟ ସହଜାତ ପ୍ରବୃତ୍ତି ଏବଂ ଆତ୍ମାନୁଶୀଳନ' ଦୁଇଟି ଉପାଦେୟ ପ୍ରବନ୍ଧ। 'ଶୋଭନା'ର ଅନୁବାଦ ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଆସର

ସଂପାଦନା: ଡକ୍ଟର ପ୍ରଦୀପ କୁମାର ବାରିକ




ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ
୪୭, ଭିଆଇପି ଏରିଆ, ଆଇଆର୍‌ସି ଭିଲେଜ
ନୟାପଲ୍ଲୀ, ଭୁବନେଶ୍ୱର-୧୫

ଭୁବନେଶ୍ୱର ସାହିତ୍ୟ ପର୍ବ ଅବସରରେ ପ୍ରକାଶ ପାଇଛି ସ୍ମରଣିକା 'ଆସର'। ଏହି ସ୍ମରଣିକାରେ ମଧୁସୂଦନ ରାଓଙ୍କ 'ଓଡ଼ିୟା ଭାଷା', ନୀଳକଣ୍ଠ ଦାସଙ୍କ 'ଓଡ଼ିଆ ବର୍ଣ୍ଣ ବିଚାରର ସଂକ୍ଷିପ୍ତ ସୂଚନା', ଗୋପବନ୍ଧୁ ଦାସଙ୍କ 'ଓଡ଼ିଆ ଭାଷା', ଗୋପୀନାଥ ନନ୍ଦଶର୍ମାଙ୍କ 'ଓଡ଼ିଆ ଶବ୍ଦସନ୍ଦର୍ଭ', ଶଶୀ ଭୂଷଣ ରାୟଙ୍କ 'ଜାତୀୟ ଭାଷା', ଗୋଲୋକ ବିହାରୀ ଧଳଙ୍କ 'ଭାଷା', ବିଶ୍ୱନାଥ କରଙ୍କ 'ଭାଷା ଚର୍ଚ୍ଚା', ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ 'ଓଡ଼ିଆ ଭାଷା ବ୍ୟବହାରରେ ସ୍ୱାଧୀନତା', ଜଗବନ୍ଧୁ ସିଂହଙ୍କ 'ଓଡ଼ିଆ ଭାଷା' ଆଦି ପ୍ରବନ୍ଧଗୁଡ଼ିକରେ ଓଡ଼ିଆ ଭାଷାର ପ୍ରାଚୀନତା, ଶବ୍ଦ ପ୍ରୟୋଗ, ଉଚ୍ଚାରଣଗତ ଶୁଦ୍ଧି ଓ ଅଶୁଦ୍ଧି ସଂପର୍କରେ ଆଲୋଚନା କରାଯାଇଛି। ସେହିପରି ଡକ୍ଟର ଅଭୟ ନାରାୟଣ ନାୟକଙ୍କ 'ଭାଷା ଓ ଜନଗଣନା: ଭିତ୍ତି ଓ ସ୍ଥିତିର ପ୍ରାସଙ୍ଗିକତା'ରେ ୨୦୧୧ ଜଗଗଣନାରେ ଭାଷାର ପରିସଂଖ୍ୟାନକୁ ନେଇ ଆଲୋଚନା କରାଯାଇଛି। ସେଭଳି ଡ. ପ୍ରଦୀପ୍ତ କୁମାର ବାରିକଙ୍କ 'ଭାବ-ଭାଷା-ସାହିତ୍ୟ' ଓ ନନ୍ଦ କିଶୋର ବିଶ୍ୱାଳଙ୍କ 'ଶେଷ ପୃଷ୍ଠା'ରେ ସାହିତ୍ୟ ଓ ସାହିତ୍ୟ ସଂଗଠନ ସଂପର୍କରେ ଆଲୋଚନା କରାଯାଇଛି। 'ଆସର'ରେ ଭାଷା ଉପରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତ-ଦକ୍ଷିଣ ଆଫ୍ରିକା...

ଭାରତରେ ଅନୁଷ୍ଠିତ ଟି-୨୦ ସିରିଜ୍ ପରାଜୟର ପ୍ରତିଶୋଧ ନେବାକୁ ଦକ୍ଷିଣ ଆଫ୍ରିକା ତାହାର ସମସ୍ତ ଦକ୍ଷତା ବାଜିରେ ଲଗାଇଦେବ। ଆସନ୍ତାକାଲିର ସୁପର ଏଇଟ୍ସ ମୁକାବିଲା ବେଶ ରୋମାଞ୍ଚକ ହେବ ବୋଲି ଆଶା କରାଯାଇଛି। ଆସନ୍ତାକାଲି ଅହମ୍ମଦାବାଦ୍‌ରେ ରାତି ୭ଟାରୁ ଏହି ମୁକାବିଲା ଆରମ୍ଭ ହେବ ବୋଲି ଜଣାଯାଇଛି। ଏହା ପୂର୍ବରୁ ଶ୍ରୀଲଙ୍କାର ପାଲେକେଲେଠାରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ସୁପର ଏଇଟ୍‌ର ଦ୍ୱିତୀୟ ମୁକାବିଲା ଅନୁଷ୍ଠିତ ହେବ।

## ମାର୍ଚ୍ଚରେ ଚନ୍ଦ୍ରକୁ...

ମହାକାଶଚାରୀମାନେ ଚନ୍ଦ୍ର ଚାରିପଟେ ବୁଲି ପୁଣି ପୃଥିବୀକୁ ଫେରିବେ। ଏହା ଭବିଷ୍ୟତରେ ଚନ୍ଦ୍ର ପୃଷ୍ଠରେ ମଣିଷ ପହଞ୍ଚିବା ପାଇଁ ପଥ ପରିଷ୍କାର କରିବ। ନାସାର ବରିଷ୍ଠ ଅଧିକାରୀ ଲୋରୀ ଗ୍ଲେଜ କହିଛନ୍ତି, ମାର୍ଚ୍ଚ ୬ ତାରିଖ ପୂର୍ବରୁ ଆହୁରି କିଛି ବୈଷୟିକ ଯାଞ୍ଚ୍ ଓ 'ଫ୍ଲାଇଟ୍ ରେଡିନେସ ରିଭ୍ୟୁ' କରାଯିବ।

## ହଟ୍ଟନି ଅଚଳାବସ୍ଥା...

ଗୃହକାର୍ଯ୍ୟ ସୂଚାରୁ ରୂପେ ଚାଲି ନପାରିବା ପ୍ରସଙ୍ଗରେ ଗୃହ ବାହାରେ ପ୍ରତିକ୍ରିୟା ରଖି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ବିଧାନସଭା ଚଳାଇବାକୁ ବୋଧହୁଏ ସରକାରଙ୍କ ମାନସିକତା ନାହିଁ। ବିଧାନସଭା ଚାଲିଲେ ରାଜ୍ୟର ବହୁ ସମସ୍ୟା ଆଲୋଚନା ହୋଇପାରନ୍ତା। ବୋଧହୁଏ ସରକାର ସେଥିପାଇଁ ପ୍ରସ୍ତୁତ ନାହାନ୍ତି। ଚାଷୀ ସମସ୍ୟା ନେଇ ଆଜି ସାରା ରାଜ୍ୟ ଆନ୍ଦୋଳିତ ଏବଂ ଏହାର ପ୍ରତିଧ୍ୱନି ବିଧାନସଭାରେ ଗୁଞ୍ଜରିତ ହେବା ସ୍ୱାଭାବିକ ଅଟେ। ଆଜି ରାସ୍ତାରେ ଚାଷୀ ଛିଡ଼ା ହୋଇଥିବା ବେଳେ ସେମାନଙ୍କ ଧାନ ବିକ୍ରି ହୋଇପାରୁ ନାହିଁ। କଟ୍‌ନୀଛଟ୍‌ନୀ ବ୍ୟାପକ ଭାବରେ ହେଉଛି। ଏହାର ପ୍ରତିଧ୍ୱନି କ'ଣ ବିଧାନସଭାରେ ଶୁଭିବ ନାହିଁ କି ବୋଲି ଶ୍ରୀ ଆଚାର୍ଯ୍ୟ ପାଲଟା ପ୍ରଶ୍ନ ପଚାରିଛନ୍ତି। ଗୃହ ଚଳାଇବା ଦାୟିତ୍ୱ ସରକାରଙ୍କର ଅଟେ। ସରକାର କାହିଁକି ଚାଷୀ ସମସ୍ୟାର ସମାଧାନ ପାଇଁ ଆଲୋଚନା କରୁନାହାନ୍ତି ବୋଲି ସେ ପ୍ରଶ୍ନ ଉଠାଇବା ସହ ସରକାରଙ୍କର ଏନେଇ ଆନ୍ତରିକତା ନାହିଁ ଏବଂ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଚାଷୀଙ୍କ ସମସ୍ୟା ସରକାର ଦେଖିପାରୁ ନାହାନ୍ତି। ମଣ୍ଡିରେ ଧାନ ଧରି ଚାଷୀ ବିକ୍ରି ପାଇଁ ଅପେକ୍ଷାରତ ଥିବାବେଳେ ସେମାନଙ୍କ ଧାନ ଉଠୁନାହିଁ। ଅନେକ ସ୍ଥାନରେ ଚାଷୀଙ୍କୁ ଟୋକନ ମିଳୁନାହିଁ। ମାତ୍ର ରାଜ୍ୟର ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ପାଇଁ ସରକାର ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ବୋଲି ଶ୍ରୀ କାଡାମ ଅଭିଯୋଗ କରିଛନ୍ତି।

ଅପରପକ୍ଷେ ଗୃହ ମଧ୍ୟରେ ବିରୋଧୀଙ୍କ ଏପରି ଆଚରଣକୁ ଶାସକ ଦଳ ପକ୍ଷରୁ କଡା ନିନ୍ଦା କରାଯାଇଛି। ଗୃହ ବାହାରେ ଏନେଇ ପ୍ରତିକ୍ରିୟା ରଖି ଶାସକ ଦଳ ପକ୍ଷରୁ କୁହାଯାଇଛି ଯେ ବିରୋଧୀ ସଦସ୍ୟ ଉଦ୍ଦେଶ୍ୟମୂଳକ ଭାବେ ୪ ଦିନ ହେଲାଣି ଗୃହ ଚଳାଇ ଦେଉ ନାହାନ୍ତି। ଫଳରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଆଲୋଚନା ହୋଇ ପାରୁନାହିଁ। ଯଦି ପ୍ରକୃତରେ ଚାଷୀଙ୍କ ସମସ୍ୟା ସମାଧାନ ସେମାନଙ୍କ ଉଦ୍ଦେଶ୍ୟ ଥା'ନ୍ତା, ତାହେଲେ ସେମାନେ ଗୃହ ଅଚଳ କରନ୍ତେ ନାହିଁ।

## 'ସୁପ୍ରିମ୍' ଝଟ୍‌କା...

ଆଇନର ବ୍ୟବହାର କରିନାହାନ୍ତି। ସେ ନୂଆ ଆଇନ (ଧାରା- ୧୨୨) ବ୍ୟବହାର କରି ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏହି ଶୁଳ୍କ ଆସନ୍ତା ୨୪ ତାରିଖ ସକାଳୁ ୫ ମାସ ପାଇଁ କାର୍ଯ୍ୟକାରୀ ହେବ। ହ୍ୱାଇଟ ହାଉସର ଜଣେ ଅଧିକାରୀ କହିଛନ୍ତି ଯେ ବ୍ରିଟେନ, ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ସମେତ ଆମେରିକା ସହ ବାଣିଜ୍ୟ ଚୁକ୍ତି କରିଥିବା ସବୁ ଦେଶ ଉପରେ ଏବେ ୧୦ ପ୍ରତିଶତ ଶୁଳ୍କ ଲାଗିବ। ଅର୍ଥାତ୍ ଭାରତକୁ ମଧ୍ୟ ୧୮ ପ୍ରତିଶତ ବଦଳରେ ୧୦ ପ୍ରତିଶତ ଶୁଳ୍କ ଦେବାକୁ ହେବ।

ହ୍ୱାଇଟ ହାଉସରେ ସାମ୍ବାଦିକ ସମ୍ମିଳନୀ କରି ସୁପ୍ରିମକୋର୍ଟଙ୍କ ରାୟଙ୍କୁ ଟ୍ରମ୍ପ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ସର୍ବୋଚ୍ଚ ନ୍ୟାୟାଳୟର କିଛି ବିଚାରପତିଙ୍କୁ ନେଇ ମୋତେ ଲଜ୍ୟା ଲାଗୁଛି। ସେମାନେ ଦେଶ ପାଇଁ କଳଙ୍କ ଏବଂ ଦେଶଦ୍ରୋହୀ। କିଛି ବିଚାରପତି ଆମ ସମ୍ବିଧାନକୁ ବିଶ୍ୱାସ କରୁନାହାନ୍ତି। ଦେଶ ପାଇଁ ଭଲ କାମ କରିବାକୁ ଏହି ବିଚାରପତିଙ୍କ ପାଖରେ ସାହସ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଜର ଉତ୍ତମ ବନ୍ଧୁ ବୋଲି ଟ୍ରମ୍ପ ସମ୍ବୋଧନ କରିଥିବା ବେଳେ ଭାରତ ସହ ବାଣିଜ୍ୟ ଚୁକ୍ତିରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ଶୁଳ୍କକୁ ନେଇ ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଅଧ୍ୟୟନ କରୁଛୁ ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଶନିବାର କୁହାଯାଇଛି ଯେ ଆମେରିକା ପ୍ରଶାସନ ନେଇଥିବା ପଦକ୍ଷେପର ଦେଶ ଉପରେ କି ପ୍ରଭାବ ପକାଇବ ତାହାର ଆକଳନ କରାଯାଉଛି। ସରକାର ଘଟଣାକ୍ରମ ଉପରେ ନଜର ରଖିଛନ୍ତି। ଏହା ପୂର୍ବରୁ ଶୁକ୍ରବାର ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋୟଲ କହିଥିଲେ ଯେ ଫେବୃଆରୀ ଶେଷ ସୁଦ୍ଧା ଅନ୍ତରୀଣ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଯିବ। ମାର୍ଚ୍ଚରେ ଚୁକ୍ତି ସ୍ୱାକ୍ଷର ହେବ। ଆଉ ଏପ୍ରିଲରୁ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ।

ନୂଆ ଶୁଳ୍କକୁ ନେଇ ଟ୍ରମ୍ପ କହିଛନ୍ତି ଯେ ୧୯୭୪ର ବାଣିଜ୍ୟ ନିୟମ ଧାରା ୧୨୨ ଅଧିନରେ ଏହି ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଥିବା ଶୁଳ୍କରୁ ଅତିରିକ୍ତ ଭାବେ ଏହା କାର୍ଯ୍ୟକାରୀ ହେବ। ଏହା ସୁପ୍ରିମକୋର୍ଟ ରଦ୍ଦ କରିଦେଇଥିବା ଶୁଳ୍କର ସ୍ଥାନ ନେବ। ସୂଚନାଯୋଗ୍ୟ ଯେ ଧାରା ୧୨୨ରେ ପେମେଣ୍ଟ ବାଲାନ୍ସ ପାଇଁ ବଡ଼ ଏବଂ ଗମ୍ଭୀର ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ଦେଶ ଉପରେ ୧୫ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ କ୍ଷମତା ଦେଉଛି। ମାତ୍ର ଏହାକୁ କେବଳ ୧୫୦ ଦିନ ପାଇଁ ଲଗାଇ ହେବ। ତେବେ ଏ ପର୍ଯ୍ୟନ୍ତ ଏହି ଧାରାର ପ୍ରୟୋଗ କରାଯାଇ ନ ଥିଲା।

ଟ୍ରମ୍ପ କହିଥିଲେ ଯେ ସୁପ୍ରିମକୋର୍ଟ ରଦ୍ଦ କରିଥିବା ଶୁଳ୍କ ଲାଗୁ କରିବା ପାଇଁ ମୋତେ ସଂସଦର ସହାୟତା ନେବା ଆବଶ୍ୟକତା ନାହିଁ। ରାଷ୍ଟ୍ରପତିଙ୍କୁ ମିଳିଥିବା ଅଧିକାର ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରିପାରିବି। ଶୁଳ୍କ ବାବଦ ଅର୍ଥ ପୈଠ କରିବା ନେଇ ସୁପ୍ରିମକୋର୍ଟ କିଛି କହିନାହାନ୍ତି। ତେଣୁ ସରକାର ଶୁଳ୍କ ବାବଦରେ କୌଣସି କମ୍ପାନୀଙ୍କଠାରୁ ଆଦାୟ କରାଯାଇଥିବା ଅର୍ଥ ଫେରସ୍ତ କରାଯିବ ନାହିଁ। ବିଚାରପତି ବହୁତ ଖରାପ ରାୟ ଶୁଣାଇଛନ୍ତି। ଆହୁରି ୨ ବର୍ଷ ପର୍ଯ୍ୟନ୍ତ ଏହି ମାମଲା ଚାଲିବ ବୋଲି ଲାଗୁଛି। ସୁପ୍ରିମକୋର୍ଟଙ୍କ ରାୟ ଉପରେ ବିଦେଶୀ ଶକ୍ତିଙ୍କ ପ୍ରଭାବ ପଡ଼ିଛି। ଯଦି ଶୁଳ୍କ ନ ଲଗାଯିବ ତେବେ ବିଦେଶୀ ଦେଶ କିଛି ମାମଲାରେ ଆମେରିକାଠାରୁ ଆଗକୁ ପଳାଇବେ। ରାଷ୍ଟ୍ରପତିମାନେ ପୂର୍ବରୁ ଏହି ଶୁଳ୍କ ଲଗାଇଦେବା ଉଚିତ ଥିଲା। ମାତ୍ର ସେମାନେ ଦେଶକୁ ଦୁର୍ବଳ ହେବାକୁ ଦେଇଥିଲେ। ଏହାଦ୍ୱାରା ଅନ୍ୟ ଦେଶକୁ ଲାଭ ମିଳିଥିଲା। ଏହି ଶୁଳ୍କ ରାଜସ୍ୱ ବଜାୟ ରଖିବା ପାଇଁ ବିକଳ୍ପ ବ୍ୟବସ୍ଥା ଉପରେ ବିଚାର କରାଯିବ। ଆଇଇପିଏ ଅଧିନରେ ଏକ ଡଲାର ଶୁଳ୍କ ବି ଆଦାୟ କରାଯାଇପାରିବ ନାହିଁ। ଏହା ଅତ୍ୟନ୍ତ ହାସ୍ୟାସ୍ପଦ। କୌଣସି ଦେଶଠାରୁ ଶୁଳ୍କ ଆଦାୟ କରିପାରିବି ନାହିଁ, ମାତ୍ର ସେହି ଦେଶ ଏବଂ ବ୍ୟବସାୟୀଙ୍କୁ ବର୍ବାଦ କରିପାରିବି ବୋଲି ଟ୍ରମ୍ପ ଧମକ ଦେଇଛନ୍ତି।

## ଚର୍ଚ୍ଚାରେ ଭାରତୀୟ...

କରିଥିଲେ। ରାଷ୍ଟ୍ରପତିଙ୍କ କ୍ଷମତାକୁ ରୋକିବା ନେଇ ସାମ୍ବିଧାନିକ ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟ ଆସିବା ପରେ କାତ୍ୟାଲ ସାମାଜିକ ଗଣମାଧ୍ୟମରେ ବିଜୟ ହେଲା ବୋଲି ପୋଷ୍ଟ କରିଥିଲେ। ସେ ନିଜ ଆଇନଗତ ଟିମ୍‌କୁ ମଧ୍ୟ ପ୍ରଶଂସା କରିଛନ୍ତି। ନିଜ ଟିମ୍‌କୁ ବିଶ୍ୱର ଶ୍ରେଷ୍ଠ ବୋଲି କହିଛନ୍ତି। ଓକିଲଙ୍କୁ ବହୁତ ଭଲ କହି ଦରଦୀ ମଣିଷ ଆଖ୍ୟା ଦେଇଛନ୍ତି। କାତ୍ୟାଲ ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ କରି କହିଥିଲେ ଯେ କ୍ଷମତା ବିକେନ୍ଦ୍ରୀକରଣରେ ସାମ୍ବିଧାନିକ ବ୍ୟବସ୍ଥାର 'ନିର୍ଣ୍ଣାୟକ ବିଜୟ' ହୋଇଛି। ରାଷ୍ଟ୍ରପତି କ୍ଷମତାଶାଳୀ, ମାତ୍ର ଆମ ସମ୍ବିଧାନ ଏବେ ବି ସବୁଠାରୁ ଶକ୍ତିଶାଳୀ ଅଛି। ଆଜି ଯାହା ହୋଇଛି ତାହା ଆମେରିକା ବ୍ୟବସ୍ଥାର ବଡ଼ ଉଦାହରଣ। ଜଣେ ପ୍ରବାସୀଙ୍କ ପିଲା ଭାବେ ମୁଁ କୋର୍ଟକୁ ଯାଇ କ୍ଷୁଦ୍ର ବ୍ୟବସାୟୀଙ୍କ ପକ୍ଷରୁ ରାଷ୍ଟ୍ରପତି ବେଆଇନ ଭାବେ କାର୍ଯ୍ୟ କରୁଥିବା କହିଥିଲି।

ସୂଚନା ଅନୁଯାୟୀ, ନିଲ କାତ୍ୟାଲ ୧୯୭୦ରେ ଚିକାଗୋରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାଆ ଜଣେ ଡାକ୍ତର ଏବଂ ବାପା ଇଞ୍ଜିନିୟର ଥିଲେ। ଉଭୟେ ଭାରତରୁ ଆମେରିକା ଆସିଥିଲେ। ଏବେ ୱାଶିଂଟନ ସ୍ଥିତି ମିଲବ୍ୟାଙ୍କ ଏଲଏଲପିର ସହଯୋଗୀ ଭାବେ କାତ୍ୟାଲ କାମ କରୁଛନ୍ତି। ସେ 'ଲିଟିଗେସନ ଆଣ୍ଡ ଆର୍ବିଟେସନ' ଗ୍ରୁପର ମଧ୍ୟ ସଦସ୍ୟ ଅଛନ୍ତି। ୟାଲେ ଲ ସ୍କୁଲରୁ କାତ୍ୟାଲ ଡିଗ୍ରୀ ହାସଲ କରିଥିଲେ। ପରେ ସୁପ୍ରିମକୋର୍ଟ ବିଚାରପତି ଷ୍ଟିଫେନ ଜି. ବ୍ରେୟରଙ୍କ କ୍ଲର୍କ ଭାବେ କାମ କରିଥିଲେ। ୧୯୯୮-୯୯ରେ ସେ ଡେପୁଟି ଆଟର୍ଣ୍ଣି ଜେନେରାଲ ଭାବେ କାର୍ଯ୍ୟ କରିଥିଲେ। ଆମେରିକା ନ୍ୟାୟ ବିଭାଗ ୨୦୧୧ରେ ତାଙ୍କୁ ନାଗରିକଙ୍କୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ 'ଏଡମଣ୍ଡ ରାଣ୍ଡଲଫ ଆୱାର୍ଡ'ରେ ସମ୍ମାନିତ କରିଥିଲା। ସୁପ୍ରିମକୋର୍ଟରେ ନିଲ ଅନେକ ମାମଲାରେ ପ୍ରତିନିଧିତ୍ୱ କରିଛନ୍ତି। ଆମେରିକାର ଜଣେ ପ୍ରସିଦ୍ଧ ଓକିଲ ଭାବେ ସେ ଜଣାଶୁଣା। ସେ ଏକାଡେମିକ ଏବଂ ଲିଟିଗେସନ ସହିତ କାର୍ଯ୍ୟନିର୍ବାହୀ କ୍ଷମତା, ଜାତୀୟ ସୁରକ୍ଷା ଆଇନ ଏବଂ ସାମ୍ବିଧାନିକ କ୍ଷମତାର ଯାଞ୍ଚ ଆଦି ପ୍ରସଙ୍ଗରେ କାର୍ଯ୍ୟ କରୁଛନ୍ତି।

## ସ୍କୁଲରେ ସପ୍ତମ ଶ୍ରେଣୀ...

ଦଳର ପ୍ରତିନିଧିମାନେ ପୀଡ଼ିତାଙ୍କ ପରିବାରକୁ ଭେଟି ଘଟଣାର ତଦନ୍ତ କରିବା ସହ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ଅପରପକ୍ଷେ, ଏହି ଖବର ପଦାକୁ ଆସିବା ପରେ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି।

## ୩୭ ଲକ୍ଷ ଟଙ୍କାର...

ତାରିଖ ଲିଙ୍ଗରାଜ ଷ୍ଟେସନ ନିକଟରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା। ଗିରଫ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ସେକ୍ ଆକବର ଠାରୁ ୪୦୦ ଗ୍ରାମର ବ୍ରାଉନସୁଗର ଜବତ ହୋଇଥିଲା। ଆକବର ଜଣେ ଅଟୋଚାଳକ ହୋଇଥିବା ବେଳେ ସେ ପଶ୍ଚିମବଙ୍ଗରୁ ବ୍ରାଉନସୁଗର ଆଣି ବାଲେଶ୍ୱର ଓ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ। ଗିରଫ ଆକବରର ଲିଙ୍କରେ ୩ ଅଭିଯୁକ୍ତ ସମୀର, ଇର୍ସାଦ୍ ମୁନାଫ୍ ଥିଲେ। ଆକବରକୁ ଅଧିକ ପଚରାଉଚରା କରାଯିବା ପରେ ଅନ୍ୟ ସହଯୋଗୀଙ୍କ ବିଷୟରେ ତଥ୍ୟ ମିଳିଥିଲା।

## ଏଣିକି କାଗଜ...

ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସରକାର ଅବକାରୀ ରାଜସ୍ୱ ଉପରେ ମାତ୍ରାଧିକ ନିର୍ଭରଶୀଳତାକୁ ନେଇ ମଧ୍ୟ ସାଧାରଣରେ ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟ ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅବକାରୀ ରାଜସ୍ୱ ବାବଦରେ ୧୦୯୦୦ କୋଟି ଟଙ୍କା ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୨୫-୨୬ ଆର୍ଥିକ ବର୍ଷରେ ଅବକାରୀ ରାଜସ୍ୱ ବାବଦରେ ୯୭୫୩.୬୩ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖିଥିଲେ। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅବକାରୀ ରାଜସ୍ୱ ବାବଦରେ ସରକାର ଅଧିକ ୧୧୪୬ କୋଟି ଟଙ୍କା ଆଦାୟ ଲକ୍ଷ୍ୟ ଧାର୍ଯ୍ୟ କରିବା, ସରକାରଙ୍କ ମନୋବୃତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋଟିଏ ପଟେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଖୋଲିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ସେହିପରି ନିକୋଟିନ ଯୁକ୍ତ ଗୁଟଖା, ପାନ ମସଲା ବିକ୍ରି ଉପରେ ସରକାର ପ୍ରତିବନ୍ଧକ ଜାରି କରୁଛନ୍ତି। ଏପରିସ୍ଥଳେ ରାଜ୍ୟ ସରକାର ଅଧିକ ୧୧୪୬ କୋଟି ଟଙ୍କା କୋଉଠୁ ଆଦାୟ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲୋକେ ଯେ ଅଧିକ ମଦ ପିଅନ୍ତୁ, ଏହା ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୋଲି ମଦ ବିରୋଧୀ ଆନ୍ଦୋଳନର ନେତୃବୃନ୍ଦମାନେ କ୍ଷୋଭକ୍ତି ପ୍ରକାଶ କରିଛନ୍ତି।

## ଶୀତ ଯାଇନି...

ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ୍ ମହଜୁଦ ରଖିବାକୁ କୁହାଯାଇଛି। ଖରାରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ପାଇଁ ବାହ୍ୟ କାର୍ଯ୍ୟକ୍ରମ ଉପରେ ଅଙ୍କୁଶ ଲଗାଯାଇଛି। ପିଲା ଯେପରି ଖରାକୁ ନ ଯିବେ ସେଥିପାଇଁ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନେ ସାଙ୍ଗରେ ପାଣିବୋତଲ ଆଣିବାକୁ ପିଲା ଓ ଅଭିଭାବକଙ୍କୁ ସଚେତନ କରିବାକୁ କୁହାଯାଇଛି। ଏହାସହ ପାଠପଢ଼ା ସମୟରେ ଗୀଷ୍ମ ମୁକାବିଲା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଟିପ୍ସ ପ୍ରଦାନ କରିବାକୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଗଣଶିକ୍ଷା ବିଭାଗ ପକ୍ଷରୁ ଅବଗତ କରାଯାଇଛି। ସ୍ୱତନ୍ତ୍ର ରିଲିଫ କମିସନରଙ୍କ ଚିଠିକୁ ଆଧାର କରି ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଗ୍ରୀଷ୍ମ ମୁକାବିଲା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଛି।

## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

ଭୁବନେଶ୍ୱର,୨୧।୨(ସମିସ):ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ବଜେଟ୍ ଉପସ୍ଥାପନ ସମୟରେ ରାଜ୍ୟରେ ଯେଉଁ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଘୋଷଣା କରିଛନ୍ତି। ସେଥିରେ ଝାରସୁଗୁଡା ସ୍ଥାନ ପାଇଥିବାରୁ ଝାରସୁଗୁଡା



ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ଜିଲ୍ଲାରେ ଉଚ୍ଚଶିକ୍ଷାର ବିକାଶ ସହିତ ଯୁବ ପ୍ରତିଭାଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ସେ କହିଛନ୍ତି। ଉଲ୍ଲେଖନୀୟ ଯେ ମୁଖ୍ୟମନ୍ତ୍ରୀ ଆଜି ବିଧାନସଭାରେ ଝାରସୁଗୁଡା ସମେତ ଜଗତ୍‌ସିଂହପୁର, କେନ୍ଦ୍ରାପଡା ଓ ଭଦ୍ରକରେ ଗୋଟିଏ କରି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ଘୋଷଣା କରିବା ସହିତ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସେଠାରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ହେବ ବୋଲି କହିଛନ୍ତି।


**WANTED**

A well-established firm invites applications for the following positions:

1. Senior Accountant - (1 No.)
Experience : 10 yrs. above
2. Junior Accountant - (1 No.)
Experience : 2-5 yrs. above
3. Supervisor - (2 Nos.)
Experience : 2-5 yrs. above
4. Sales Executive - (1 No.)
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com
Contact 7978386707

**Nayagarh (Autonomous) College, Nayagarh**

Quotation Call Notice

Sealed quotations are invited from registered reputed Firms/ Dealers/ Suppliers having valid GST Registration, PAN and IT clearance etc. for supply of equipment/chemicals under MRIP-2023. Quotations should be sent to Dr. Deepak Ranjan Sahoo, Principal Investigator (MRIP-2023 Sponsored by DHE, ODISHA) and Lecturer, Dept. of Zoology, Nayagarh (Autonomous) College, Nayagarh, Odisha-752069. The details of specifications of the items can be downloaded from college Website: www.ngrautocol.ac.in. The quotations must reach on or before **5.00 P.M. of 27th February 2026** by Speed Post/Registered Post only and the quotations will be opened on **28th February 2026 at 11.30 A.M.** The undersigned reserve the rights to accept or reject any or all quotations without assigning any reason thereof.

Sd/-Principal
Nayagarh (Autonomous) College,
Nayagarh

**Government of Odisha "e" procurement Notice**
OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
E-mail – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/43/2025-26
34001/99/2526

1. Name of the work :- 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL" 2. "PROVISION OF 20 KVA DG TO RW DIVISION TITLAGARH UNDER RWES BALANGIR"
2. Estimated Cost :- 1. Rs.7,96,487/- 2. Rs.8,05,024/-
3. Availability of bid document in the website. :- 11.30 Hours of 23.02.2026 to 17:00 Hours of 04.03.2026
4. Date of Opening of Tenders :- 11:30 Hours on dt. 06.03.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

Executive Engineer
OIPR-34001/34175/1/25-26/0002 R.W Electrical Division Sambalpur

**AFFIDAVIT**

I, Jaydev Mohapatra, S/o. Gopinath Mohapatra, resident of Vill. Badakhua, P.o. Sunhat, P.S. Town, Dist. Balasore, Odisha, Pin. 756002 declare by this affidavit No. 515 dtd. 20.01.2026 that now onwards I shall be known as **JAYADEB MOHAPATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Pipili, Dated- 18.02.2026, I Dhanamani Mishra, W/o-Brajaraj Mishra, permanent resident of At/Po-Deypursasan, Ps- Delanga, Dist-Puri, PIN-752046, Odisha, declare that I have change my name from Radhamani Mishra to Dhanamani Mishra. Henceforth I shall be known as **DHANAMANI MISHRA** for all purposes.

GOVERNMENT OF ODISHA 34001/111/2526
OFFICE OF THE CHIEF CONSTRUCTION ENGINEER,KHORDHA (R&B) CIRCLE, KHORDHA
INVITATION FOR BIDS (IFB)
No. 326 Dated. 18.02.2026

EOI Identification No. CCE-Khordha (R&B) Circle-02/2025-26
Expression of Interest

1. The Chief Construction Engineer, Khordha (R&B) Circle, Khordha (the "Authority") on behalf of the Works Department, Government of Odisha (The government )invites Expression of Interest (EOI) from eligible registered service providers as mentioned below.
2. Nature of work :- Arrangement of Venue set-up Logistics and other allied activities associated with state level function at different locations under Khordha (R&B) Circle
3. Available of bid document in the website :- From 10:30 A.M of 24.02.2026 to 4:00 P.M of 05.03.2026
4. Date of opening of Bid :- Dt.06.03.2026 at 11.00 AM

The bidders have to participate in Online Bidding only: Further details can be seen from the website:- https//tendersodisha.gov.in any addendum/corrigendum/ cancellation of tender can also be seen in the said website

Sd/-Er.M.K.Mahananda
Chief Construction Engineer
OIPR-34001/34127/1/25-26/0001 Khordha (R&B) Circle, Khordha

34001/105/2526
GOVERNMENT OF ODISHA
e-Procurement Notice, Angul (R&B) Division
Bid Identification No. 74 of 2025-26
email id - angulrbdivision@yahoo.co.in

1. Number of Works : 02 (Two) number of road works; 03 (Three) number of building works; 03 (Three) number of Electrical works
2. Approximate estimated cost : Varies from 5.40 lakh to 37.81 lakh
3. Period of completion : Varies from 01 (One) to 03 (Three) Calendar months
4. Date & Time of availability of bid document in the portal : from Dt. 24.02.2026
5. Last date / Time for receipt of bid in the portal : Dt. 06.03.2026 up to 5.00 P.M.
6. Date of opening Bid : Dt. 07.03.2026 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only.

Further details can be seen from the e-procurement portal https://tendersodisha.gov.in

Superintending Engineer,
OIPR-34001/34074/1/25-26/0007 Angul (R&B) Division

**Government of Odisha "e" procurement Notice**
OFFICE OF THE EXECUTIVE ENGINEER,
RURAL WORKS ELECTRICAL DIVISION, SAMBALPUR.
E-mail – eerwelectricaldivn.sambalpur@gmail.com
Bid Identification No. EE /RWELECT/SBP/43/2025-26
34001/106/2526

1. Name of the work :- 1. "PROVISION OF TRANSFORMER FOR RW COLONY KAMAKHYANAGAR UNDER RWES DHENKANAL"
2. Estimated Cost :- 1. Rs.7,96,487/-
3. Availability of bid document in the website. :- 11.30 Hours of 23.02.2026 to 17:00 Hours of 04.03.2026
4. Date of Opening of Tenders :- 11:30 Hours on dt. 05.03.2026

Further details and any corrigendum/Addendum/cancellation of tender can be seen from the Web Site www.tendersodisha.gov.in only.

Executive Engineer
OIPR-34001/34175/1/25-26/0003 R.W Electrical Division Sambalpur

GOVERNMENT OF ODISHA 25001/213/2526
OFFICE OF THE SUPERINTENDING ENGINEER
RURAL WORKS DIVISION, BANSPAL
E-mail-eerwbansapal@gmail.com
"e" Procurement Notice for Road Works
Identification No Road Online NCB - 11/2025-26.

1. Name of the Work : Road Works in the District of Keonjhar for the year 2025-26.
2. Total Number of Work : 02 Nos.
3. Estimated Cost : Rs. 5.83 Lakhs to 25.49 Lakhs (Approx.)
4. Class of Contractor : "C" & "B", "D" & "C" Class
5. Period of Completion : As per annexure of e-Procurement Notice No. 11 of 2025-26.
6. Other Details : NA

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W.D Banspal |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Banspal | Road Online NCB No. 11 | Dt.24.02.2026 at 11.00 A.M. | Dt.06.03.2026 up to 5.00 P.M. | Dt.05.03.2026 up to 5.00 P.M. | 07.03 .2026 At 11.00 A.M. |

Further details can be seen from the Website www.tendersodisha.gov.in

Sd/-
Superintending Engineer,
OIPR-25001/25198/1/25-26/0001 R.W. Division, Banspal

GOVERNMENT OF ODISHA 19001/45/2526
PANCHAYAT SAMITI, GUDARI
Email- ori-gudari@od.gov.in
INVITATION FOR BIDS (IFB)
e-procurement Notice
IDENTIFICATION NO. 02/2025-26 of PANCHAYAT SAMITI, GUDARI
No. 344/GPSSK/2026, (GPSSK, Tender) Dev Dated 20.02.2026

1. The Panchayat Samiti, Gudari Invites Percentage Rate Bids in Single Cover system in on ONLINE MODE for construction of Gram Panchayat Subhadra Shakti Kendra (Civil + Electrification+ PH) as detailed in the Detailed Tender Call Notice (D.T.C.N) from the eligible class of contractors.
2. No. of Works : 03 (Three) No.
3. Cost of Tender Paper : Rs. 6,000/- (Rupees Six Thousand) only
4. Class of Contractor : "B" & "C" Class
5. Date & Time of available in web site & receipt online : 11:00Hrs of 02.03.2026 to 17:00 Hrs. of 16.03.2026.
6. Date of Opening of Technical Bid : 18.03.2026 at 11:00 Hrs.
7. The Bidder have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8. Any corrigendum / Addendum will be displayed in the website https://tendersodisha.gov.in only.

Block Developmtne Officer
OIPR-19001/19045/1/25-26/0001 Gudari

**WANTED**

A well-established firm invites applications for the following position

Tele Sales Executive
Out Bound Uk process
Good English Speaking
Salary: 10k to 20k
depend upon experience
Interested candidates can send their CV to
Email: pin24u@gmail.com
9776245778
7752003261
Location: Bhubaneswar

**AFFIDAVIT**

By virtue of an affidavit **no. 482** before the **Notary Public, Jeypore, dtd.20.02.2026**, I, Anushree Padhi, resident of Panjiaguda, near Siva Temple, P.O. Jayanagar, P.S. Jeypore Sadar, Dist- Koraput hereby declare that my original name was "Anushree Padhi" and after my marriage, my surname has been changed to "Rath" and I am known as "Anushree Rath". That both the names **"Anushree Padhi" & "Anushree Rath"** belong to one and the same person, i.e., myself.

**AFFIDAVIT**

By virtue of an affidavit sworn before the **Notary Public, Sonepur, dtd.21.02.2026**, I, **Laxmipriya Danga**, permanent resident of Patabhadi, Po/P.S. Sonepur, Dist- Subarnapur, Pin - 767017 hereby declare that I have changed my name from **"Laxmipriy Danga"** to **"Laxmipriya Danga"**. Henceforth, I shall be known as **Laxmipriya Danga** for all purposes.

**AFFIDAVIT**

By virtue of an affidavit **no.603** before **Notary Public, Umerkote, dtd. 19.02.2026**, I, **Ritanjali Santra**, permanent resident of At-Jharigam Road, P.S.- Umerkote, Tahasil- Umerkote, Dist-Nabarangpur - 764073 hereby declare that I have changed the name of my minor daughter from **"Sudhatta Santra"** to **"Sudhata Santra"**. Henceforth, my minor daughter shall be known as **Sudhata Santra** for all purposes.
**Sd/- Ritanjali Santra**

**AFFIDAVIT**

By virtue of an affidavit sworn before The Executive Magistrate, Cuttack, on dated-04/02/2026. I, **Bijay Chandra Prusty**, S/o- Late Padmalav Prusty, permanent resident of Vill: Mukameswar, PO: Uttamapur, PS: Cuttack Sadar, Dist: Cuttack, PIN: 753011, State: Odisha declare that I have changed my minor son's name from **Sairam Prusty** to **Yuvraj Prusty**. Henceforth, he shall be known as **Yuvraj Prusty** (new name) for all purposes.
**Bijay Chandra Prusty**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated- 21/02/2026. I, **Saraswati Sahoo** (applicant name), W/o- Nilamani Sahu, permanent & current resident of AT: Sanjaya Behera Gali, Ward No.9, High School Para, Titilagarh, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Audition Sahu** to **Auditee Sahu**. Henceforth, she shall be known as **Auditee Sahu** (new name) for all future purposes.
**Saraswati Sahoo**

**AFFIDAVIT**

By virtue of an affidavit (CF No. 97, Date- 20/02/2026) sworn before The Executive Magistrate, Bhubaneswar, I, **Anwesha Rai Tripathy**, legally wife of Dhananjay Kumar Rai, permanent resident of Flat No. B/607, Acrux Neon, At-Rudrapur, Naharkanta, PO/PS: Balianta, Bhubaneswar, Dist: Khordha, State: Odisha, PIN: 751035 declare that, after marriage I have changed my name from **Anwesha Tripathy** to **Anwesha Rai Tripathy**. Henceforth, I shall be known as **Anwesha Rai Tripathy** (new name), W/o Dhananjay Kumar Rai for all purposes.
**Anwesha Rai Tripathy**

**AFFIDAVIT**

By virtue of an affidavit sworn before The Notary Public, Titilagarh, on dated-21/02/2026. I, **Premalata Goud** (new name), D/o Duryodhan Goud, permanent & current resident of AT: Lanjigarh, PO: Lanjigarh Road, PS: Narla, Dist: Kalahandi, State: Odisha, PIN: 766110 declare that I have changed my name from **Pritisamaya Gouda** to **Premalata Goud**. Henceforth, I shall be known as **Premalata Goud** (new name) for all future purposes.
**Premalata Goud**

## 'ସାଇବର୍ କବଚ' ନେଇ ପୁଲିସର ସାମ୍ବାଦିକ ସମ୍ମିଳନୀ

# ଅନ୍ତର୍ଜାତୀୟ ସାଇବର ଠକେଇ ରାକେଟର ପର୍ଦ୍ଦାଫାସ, ୭ ଗିରଫ

ଝାରସୁଗୁଡ଼ା, ୨୧।୨(ସମିସ)




'ସାଇବର କବଚ' ଅଭିଯାନରେ ଝାରସୁଗୁଡ଼ା ପୁଲିସ ସାଇବର ଠକେଇରେ ଜଡ଼ିତ ଅନ୍ତର୍ଜାତୀୟ ରାକେଟର ପର୍ଦ୍ଦାଫାସ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଏଥିରେ ମ୍ୟୁଲ୍ ବା ଛଦ୍ମ ବ୍ୟାଙ୍କ ଖାତା ଓ କ୍ରିପ୍ଟୋ କରେନ୍ସି (ୟୁଏସଡିଟି) ବ୍ୟବହାର କରି ୧୪ କୋଟିରୁ ଅଧିକ ଟଙ୍କା ହେରଫେର ହୋଇଥିବା ସୂଚନା ରହିଛି। ବ୍ୟାଙ୍କ ଠାରୁ କ୍ରିପ୍ଟୋ ପର୍ଯ୍ୟନ୍ତ ନୂଆ ନୂଆ ଉପାୟରେ ସାଇବର ଠକେଇ କରୁଥିଲେ ବୋଲି ଶନିବାର ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଏହି ଠକେଇ ପ୍ରକ୍ରିୟାରେ ଅନେକ ବ୍ୟାଙ୍କ ଖାତା ଏବଂ ବାଇବିଟ୍ ଭଳି କ୍ରିପ୍ଟୋ ୱାଲେଟ୍ ବ୍ୟବହାର କରି ଟଙ୍କାର ଉତ୍ସ ଓ ଗନ୍ତବ୍ୟ ସ୍ଥାନକୁ ଲୁଚା ଯାଉଥିଲା। ପ୍ରଥମେ ସାଇବର ଠକେଇରେ ଲୋକଙ୍କୁ ଶିକାର କରି ସେମାନଙ୍କ ଠାରୁ ଟଙ୍କା ହଡ଼ପ କରାଯାଉଥିଲା। ଏହି ଟଙ୍କାକୁ ଛଦ୍ମ ବ୍ୟାଙ୍କ ଖାତାଧାରୀଙ୍କ ଖାତାକୁ ସ୍ଥାନାନ୍ତର କରାଯାଉଥିଲା। ଟ୍ରାକିଂକୁ ଜଟିଳ କରିବା ପାଇଁ ଟଙ୍କାକୁ ଅନେକ ଥର ଆରଟିଜିଏସ, ଏନଇଏଫ୍‌ଟି ମାଧ୍ୟମରେ ପଠାଯାଉଥିଲା। ଶେଷରେ ଟଙ୍କାକୁ ବାଇନାନ୍ସ ଭଳି କ୍ରିପ୍ଟୋ କରେନ୍ସି ଏକ୍ସଚେଞ୍ଜକୁ ପଠାଇ ସେଠାରୁ କ୍ରିପ୍ଟୋ ୱାଲେଟ୍‌କୁ ପଠାଯାଉଥିଲା। ପୁଲିସର ତଦନ୍ତରୁ ମୋଟ ଠକେଇ ରାଶିର ଖାତାଧାରୀଙ୍କୁ ୦.୮ ପ୍ରତିଶତ ଏବଂ ମଧ୍ୟସ୍ଥ ବ୍ୟକ୍ତିଙ୍କୁ ୦.୨ ପ୍ରତିଶତ ମିଳିଥାଏ ବୋଲି ଜଣାପଡ଼ିଛି। ଏହି ଠକେଇରେ ସୁନ୍ଦରଗଡ଼ର ଏକ ବ୍ୟାଙ୍କ ଶାଖା ଏବଂ ଲଇକେରା ଥାନା ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ଜଣେ କର୍ମଚାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏହି କର୍ମଚାରୀ ସାଇବର ଠକମାନଙ୍କ ସହ ମିଶି ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଗାଁରେ ଘରକୁ ଘର ବୁଲି ଲୋକଙ୍କ ନାମରେ ବ୍ୟାଙ୍କ ଖାତା ଖୋଲୁଥିଲେ। ଖାତାଧାରୀମାନେ ଝାରସୁଗୁଡ଼ା ଜିଲ୍ଲାର ହୋଇଥିଲେ ମଧ୍ୟ ସମସ୍ତ ଖାତା ସୁନ୍ଦରଗଡ଼ ଶାଖାରେ ଖୋଲାଯାଇଥିଲା। ଏହି ଖାତାଗୁଡ଼ିକୁ ଅପରାଧ ଓ ଠକେଇରେ ଟଙ୍କା ଲେଣଦେଣ ପାଇଁ ବ୍ୟବହୃତ ହେଉଥିଲା। ବର୍ତ୍ତମାନ ସୁଦ୍ଧା, ୭ଟି ମାମଲାରେ ସମୁଦାୟ ଠକେଇ ଲେଣଦେଣ ରାଶି ୧୪ କୋଟି ଟଙ୍କାରୁ ଅଧିକ ହୋଇଛି। ଏହା ଏହି ସାଇବର ଅପରାଧର ବ୍ୟାପକତାକୁ ଦର୍ଶାଇଛି। ଏହି ଠକେଇ ମାମଲାରେ ଆଜି ବେଲପାହାଡ଼ ଥାନା ପୁଲିସ ଘଟଣାର ମାଷ୍ଟରମାଇଣ୍ଡ ଉତ୍ତରପ୍ରଦେଶ ଗୌତମବୁଦ୍ଧ ନଗରର ହିମାଂଶୁ ଶ୍ରୀବାସ୍ତବ, ବ୍ରଜରାଜନଗର ଇଏଥ୍ରୀଇ ଛକର ପରମାନନ୍ଦ ଦାସ, ବେଲପାହାଡ଼ର ଷ୍ଟିଫନ ବଡ୍‌ସାୟକ, ବ୍ରଜରାଜନଗର ଲମ୍ପିବାହାଳ ଅଞ୍ଚଳର ତନୋଜ ପ୍ରଧାନ, ଝାରସୁଗୁଡ଼ା ସଦର ବ୍ଲକ ପୁଡ଼ାପାଲିର କେଦାର ପ୍ରଧାନ ଓ ଭାମ ମୁଣ୍ଡା ଏବଂ ବରାଜିତ ଜିଲ୍ଲା ପୁଟିଡ଼ିଲା ଅଞ୍ଚଳ ଶ୍ରବଣ ଦରୁଆନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଲପାହାଡ଼ ଥାନା ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଠାରୁ ଠାରୁ ଗୋଟିଏ ଲାପଟପ, ୮ଟି ମୋବାଇଲ, ୧୦ଟି ଏଟିଏମକାର୍ଡ, ୮ଟି ପାସବୁକ, ୨ଟି ଡେବିଟ କାର୍ଡ, ଗୋଟିଏ ଇଣ୍ଡିଆନ ପାସପୋର୍ଟ, ୩ଟି ପାନକାର୍ଡ ଏବଂ ୨ଟି ଆଧାର କାର୍ଡ, ଲଇକେରା ଥାନାରୁ ଗିରଫ ହୋଇଥିବା ଅଭିଯୁକ୍ତ ଠାରୁ ଏକ ବ୍ୟାଙ୍କ ନିଯୁକ୍ତି ଲେଟର, ୨ଟି ମୋବାଇଲ ଏବଂ ଭିଜିଟିଂ କାର୍ଡ ଜବତ କରାଯାଇଛି। ଏହା ସହିତ ବେଲପାହାଡ଼ ଓ ଲଇକେରାରୁ ଗିରଫ ହୋଇଥିବା ୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଓଡ଼ିଶା ପୁଲିସ ଏହି ରାକେଟ ବିଷୟରେ ଅଧିକ ଜାଣିବା ପାଇଁ ତଦନ୍ତ ଜାରି ରଖିଛି ବୋଲି ଝାରସୁଗୁଡ଼ା ଏସପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

● ନବ ଦାସ ହତ୍ୟା ମାମଲା

## ଜିଲ୍ଲା କୋର୍ଟରେ ପିଏସ୍‌ଓଙ୍କ ସାକ୍ଷ୍ୟ ଗ୍ରହଣ

ଝାରସୁଗୁଡ଼ା, ୨୧।୨(ସମିସ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ହତ୍ୟା ମାମଲାରେ ନବ ଦାସଙ୍କ ତତ୍କାଳୀନ ପିଏସଓ ମିତ୍ରଭାନୁ ଦେଓ ଶନିବାର ପୂର୍ବାହ୍ନରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟରେ ତାଙ୍କ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ହତ୍ୟାକାଣ୍ଡ ଦିନ ବ୍ରଜରାଜନଗର ଥାନା ଅଞ୍ଚଳର ଗାନ୍ଧୀ ଛକ ନିକଟରେ ସ୍ୱର୍ଗତ ନବ ଦାସଙ୍କ ଏକ କାର୍ଯ୍ୟକ୍ରମ ରହିଥିଲା ବୋଲି ସେ ସାକ୍ଷ୍ୟ ପ୍ରଦାନ ବେଳେ କହିଛନ୍ତି। "ନବ ଦାସ ତାଙ୍କ ଇନୋଭା କାରର ଆଗ ସିଟରେ ବସିଥିବା ବେଳେ ପଛ ସିଟରେ ଅନ୍ୟ ୩ଜଣ ବସିଥିଲେ। ମୁଁ ନବ ଦାସଙ୍କ ଇନୋଭାର ପଛରେ ଥିବା ଅନ୍ୟ ଏକ ବୋଲେରୋରେ ବସିଥିଲି। କାର୍ଯ୍ୟକ୍ରମରେ ପହଞ୍ଚିବା ପରେ ସେଠାରେ ବାଜା ବାଜିବା ସହିତ ବାଣ ମଧ୍ୟ ଫୁଟୁଥିଲା। ନବ ଦାସ ତାଙ୍କ ଗାଡ଼ିରୁ ଓହ୍ଲାଇବା ସମୟରେ ଉପସ୍ଥିତ ଜନସାଧାରଣ ଫୁଲମାଳ ପିନ୍ଧାଉଥିଲେ। ଏତିକିବେଳେ ଜୋରରେ ବନ୍ଧୁକ ଫୁଟିବା ଶବ୍ଦ ଶୁଣିବାକୁ ମିଳିଥିଲା। ଲୋକମାନେ ଇଆଡ଼େ ସେଆଡ଼େ ଦୌଡ଼ାଦୌଡ଼ି କରି ପଳାଉଥିବା ବେଳେ ମୁଁ ନବ ଦାସଙ୍କ ପାଖରେ ପହଞ୍ଚିଥିଲି। ଶ୍ରୀ ଦାସ ମୋତେ କିଏ ଗୁଳି ମାରିଦେଲା ବୋଲି କହି ଭାରସାମ୍ୟ ହରାଇ ପଡ଼ିଥିଲେ। ତାଙ୍କ ଛାତିରେ ଟାୱେଲ ଗୁଡ଼ାଇ ପଛ ସିଟରେ ଶୁଆଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲୁ। ଏହି ସମୟରେ ଇନୋଭା କାରର ପଛ ପଟେ ଗୋପାଳ ଦାସ ବନ୍ଧୁକ ଧରି ଠିଆ ହୋଇଥିଲେ। ତତ୍କାଳୀନ ବ୍ରଜରାଜନଗର ଆଇଆଇସି ତାଙ୍କୁ ଆୟତ୍ତ କରିବା ପାଇଁ ଗୋପାଳ ଦାସଙ୍କ ବନ୍ଧୁକ ଧରିଥିବା ହାତକୁ ଉପରକୁ ଟେକି ଦେଇଥିଲେ। ଫଳରେ ଦୁଇଟି ବ୍ଲାଙ୍କ ଫାୟାର ମଧ୍ୟ ହୋଇଥିଲା। ନବ ଦାସଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରୁ ପୁଣି ଭୁବନେଶ୍ୱର ଏୟାର ଲିଫ୍ଟ କରାଯାଇଥିଲା" ବୋଲି ତାଙ୍କ ସାକ୍ଷ୍ୟ ଗ୍ରହଣ ସମୟରେ ପିଏସଓ ମିତ୍ରଭାନୁ ଦେଓ ପ୍ରକାଶ କରିଥିବା ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକ ପ୍ରକାଶ କରିଛନ୍ତି।

## ଧାନ ବିଲରୁ ମୃତଦେହ ଉଦ୍ଧାର

ଦେବଗଡ଼, ୨୧।୨(ସମିସ): ବାରକୋଟ ଥାନା ଅଧୀନ ଦଣ୍ଡାସିଂହା-ମହୁଲନାଳୀ ଗାଁ ରାସ୍ତାକଡ ଧାନ ବିଲରୁ ଶନିବାର ଜଣଙ୍କର ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣକ ଦଣ୍ଡାସିଂହା ଗାଁର ଶଙ୍କର ଦେହୁରୀ (୫୫) ବୋଲି ଜଣାପଡ଼ିଛି। ଗତକାଲି ସନ୍ଧ୍ୟାରେ ବାସୁପାଲୀ ସାପ୍ତାହିକ ହାଟକୁ ଯାଇ ସେ ଆଉ ଘରକୁ ଫେରି ନଥିଲେ। ଆଜି ସକାଳୁ ଗ୍ରାମବାସୀ ମହୁଲନାଳୀ ରାସ୍ତାକଡ ଧାନ ବିଲରେ ସାଇକଲ ସହ ଶଙ୍କରଙ୍କ ମୃତଦେହ ଦେଖିଥିଲେ। ପୁଲିସକୁ ସୂଚନା ଦେବା ପରେ ଘଟଣା ସ୍ଥଳରେ ବାରକୋଟ ଥାନା ପୁଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମଧ୍ୟାହ୍ନରେ ସାଇଣ୍ଟିଫିକ ଟିମ ମଧ୍ୟ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହକୁ ପୁଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରାଥମିକ ତଦନ୍ତରେ ପୁଲିସ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିବା ଆଶଙ୍କା କରିଥିବା ବେଳେ ଗ୍ରାମବାସୀ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା କରିଛନ୍ତି। ଏପରିସ୍ଥଳେ ସାଇଣ୍ଟିଫିକ ଟିମର ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ପୁଲିସ କହିଛି।

## ଜ୍ୱାଇଁ ଓ ସମୁଦିଙ୍କୁ ଆକ୍ରମଣ ମାମଲା, ୪ ଗିରଫ

ଦେବଗଡ଼, ୨୧।୨(ସମିସ): କୁଣ୍ଡେଇଗୋଲା ଥାନା ଅଧୀନ ଝରାବେର୍ଣ୍ଣି ଗାଁରେ ଗତ ନଭେମ୍ବର ୧୯ରେ ବରୁଣ ରଣା (୬୦)ଙ୍କ ଘରେ ପଶି ତାଙ୍କୁ ଓ ତାଙ୍କ ପୁଅ ଜିତେନ୍ଦ୍ର ରଣାଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଆଜି ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନଭେମ୍ବର ୧୯ରେ ପୁଅ ଜିତେନ୍ଦ୍ରଙ୍କ ଶ୍ୱଶୁର ଘର ଲୋକ କାଳିଆ ନାଏକ, ହରି ନାଏକ, ମଦନ ନାଏକ ଓ ବାବାଜୀ ନାଏକଙ୍କ ସମେତ ପ୍ରାୟ ୧୫ଜଣ ୭ଟି ବାଇକରେ ଆସି ବରୁଣଙ୍କ ଘରେ ପଶିଥିଲେ। ବରୁଣ ଓ ଜିତେନ୍ଦ୍ରଙ୍କୁ ଠେଙ୍ଗା ଓ ଲୁହାରଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଜିତେନ୍ଦ୍ରଙ୍କ ବାମ ହାତ ପଞ୍ଜରା ଭାଙ୍ଗି ଯାଇଥିବା ବେଳେ ବରୁଣଙ୍କ ଜଙ୍ଘ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଏନେଇ ବରୁଣ କୁଣ୍ଡେଇଗୋଲା ଥାନାରେ ଗତ ନଭେମ୍ବର ୨୪ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଣ୍ଡେଇଗୋଲା ଥାନା ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଘଟଣା ପର ଠାରୁ ଅଭିଯୁକ୍ତ ମାନେ ଫେରାର ଥିବା ବେଳେ ଗତକାଲି ରାତିରେ କୁଣ୍ଡେଇଗୋଲା ଥାନା ପୁଲିସ ସେମାନଙ୍କୁ ଗୁଣ୍ଡୁରୀଝରଣ ଗାଁରୁ ଧରିଥିଲା। ପୁଲିସ ସେମାନଙ୍କୁ କୁଣ୍ଡେଇଗୋଲା ଥାନାକୁ ଆଣି ପଚରା ଉଚୁରା କରିବା ପରେ ଆଜି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୨୦୨୦ରେ ଝରାବେର୍ଣ୍ଣି ଗାଁର ବରୁଣଙ୍କ ପୁଅ ଜିତେନ୍ଦ୍ର ଅନୁଗୁଳ ଜିଲ୍ଲା ହଣ୍ଡପା ଥାନା ଅଧୀନ ଗୁଣ୍ଡୁରୀଝରଣ ଗାଁର ନେଙ୍କୁରୀ ନାଏକଙ୍କ ଝିଅ ଛବି ସହିତ ବିବାହ କରିଥିଲେ। ସେମାନଙ୍କ୨ଟି କନ୍ୟା ସନ୍ତାନ ରହିଥିବା ବେଳେ ଅଧିକାଂଶ ସମୟ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ଲାଗିରହୁଥିଲା। ଫଳରେ ଛବି ନିଜ ପିଲାଙ୍କୁ ଛାଡି ଅଧିକାଂଶ ସମୟ ବାପ ଘରକୁ ଚାଲି ଯାଉଥିଲେ। ଗତ ନଭେମ୍ବର ୧୭ରେ ଛବିର ବଡ ଭାଇ ହରି ଓ କାଳିଆ ଛବିକୁ ଝରାବେର୍ଣ୍ଣି ସ୍ଥିତ ସ୍ୱାମୀଙ୍କ ଘରେ ଛାଡି ଯାଇଥିଲେ। ପରେ ୧୯ ତାରିଖ ୭ଟି ବାଇକ ଯୋଗେ ପ୍ରାୟ ୧୫ ଜଣ ସମ୍ପର୍କୀୟ ହଠାତ ଆସି ଜ୍ୱାଇଁ ଜିତେନ୍ଦ୍ରକୁ ଠେଙ୍ଗା ଓ ଲୁହାରଡ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏବି ସମୟରେ ଜିତେନ୍ଦ୍ରଙ୍କ ବାପା ବରୁଣ ସେମାନଙ୍କୁ ରୋକିବାକୁ ଚେଷ୍ଟା କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଦେବଗଡ଼, ୨୧।୨(ସମିସ): ଦେବଗଡ଼ ପୌରାଞ୍ଚଳର ଜାମୁଣ୍ଡା ଚର୍ଚ୍ଚ ଛକ ଠାରେ ଅଜଣା ଗାଡି ଧକ୍କାରେ ଶନିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ରଜାମୁଣ୍ଡା ନୂଆସାହିର ସନ୍ତୋଷ ସିଂ (୨୩) ବୋଲି ଜଣା ପଡ଼ିଛି। ସହରରେ ପ୍ଲାଷ୍ଟିକ, କାଚ ଓ କାଗଜ ଆଦି ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିବା ଯୁବକର ମୃତ୍ୟୁ ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି। ଗତ ୨ ଦିନ ମଧ୍ୟରେ ୩ଟି ରାସ୍ତା ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ଅଞ୍ଚଳରେ ଚିନ୍ତା ବଢ଼ାଇଛି।

## ମୃତ ଶିକ୍ଷକଙ୍କ ପରିବାରକୁ ଶିକ୍ଷକ ସଂଘ ପକ୍ଷରୁ ସହାୟତା

ଦେବଗଡ଼, ୨୧।୨(ସମିସ): ତିଳେଇବଣି ବ୍ଲକ କଂସର କ୍ଲଷ୍ଟର ଅଧୀନ ହେଠଖମାର ପ୍ରାଥମିକ ବିଦ୍ୟାଳୟର ମୃତ ଶିକ୍ଷକ ଯୁଧିଷ୍ଠିର ଦୀପଙ୍କ ଏକାଦଶାହ ଅବସରରେ ଶନିବାର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମୃତ ଶିକ୍ଷକଙ୍କ ପରିବାର ଲୋକଙ୍କୁ



ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଙ୍ଘର ସଭାପତି ସୁଶାନ୍ତ ନନ୍ଦଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାରକୋଟ ବ୍ଲକ ଅଧୀନ ବସାଲଇ ଗାଁ ସ୍ଥିତ ସ୍ୱର୍ଗତ ଶିକ୍ଷକ ଯୁଧିଷ୍ଠିର ଦୀପଙ୍କ ବାସଭବନକୁ ଯାଇଥିଲେ। ସ୍ୱର୍ଗତ ଦୀପଙ୍କ ପତ୍ନୀ ପୂର୍ଣ୍ଣିମା ଦୀପଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କଠାରୁ ସଂଗୃହିତ ୨୦ ହଜାର ଟଙ୍କାର ସହାୟତାରାଶି ପ୍ରଦାନ କରିଛନ୍ତି। ପ୍ରତିନିଧି ଦଳରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘ (ଏନପିଏସ) ର ସଭାପତି ତ୍ରିନାଥ ଖୁଣ୍ଟିଆ, ତିଳେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଡୋଳାଧର ସ୍ୱାଇଁ, ସୌମିତ୍ରୀ ମହାପାତ୍ର, ଅକ୍ଷୟ ଗୁରୁ, ଭବାନୀକାନ୍ତ ପ୍ରଧାନ, ମେଘନାଦ ରଞ୍ଜିତ ଓ କଂସର ସିଆରସିସି ଅଜୟ ସାହୁ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଗତ ୧୧ରେ ସ୍ୱର୍ଗତ ଦୀପଙ୍କ ସଡ଼କ ଦୁର୍ଘଟଣାରେ ଦେହାନ୍ତ ହୋଇଥିଲା।

## ବିଭିନ୍ନ ସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ



ବନ୍ଧବାହାଲ/ଝାରସୁଗୁଡ଼ା, ୨୧।୨(ସମିସ): ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ବିଭାଗର ଶିକ୍ଷକ ଗୋପୀନାଥ ସାହୁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ବିଦ୍ୟାଳୟର ଦ୍ୱିତୀୟ ଶ୍ରେଣୀ, କକ୍ଷା-'ଖ'ର ଛାତ୍ର ଆୟାନ ସାହୁ ମାତୃଭାଷା ସମ୍ପର୍କିତ କବିତା ଆବୃତ୍ତି କରିଥିଲେ। ଓଡ଼ିଆ ବିଭାଗର ଶିକ୍ଷୟିତ୍ରୀ ମଧୁମିତା ସାହୁ ମାତୃଭାଷାର ମହତ୍ତ୍ୱ ଶୀର୍ଷକ ବକ୍ତବ୍ୟ ରଖିଥିଲେ। ଶେଷରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଗଙ୍ଗାଧରଙ୍କ ଉଦ୍‌ବୋଧନ କବିତାକୁ ସମବେତ କଣ୍ଠରେ ଗାନ କରାଯାଇଥିଲା। ସମଗ୍ର ସଭାକାର୍ଯ୍ୟକୁ ବିଦ୍ୟାଳୟର ଓଡ଼ିଆ ବିଭାଗର ଶିକ୍ଷକ ଅଖିଳ ମିଶ୍ର ପରିଚାଳନା କରିଥିଲେ।

ଦେବଗଡ଼: ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶନିବାର ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବିଦ୍ୱତ୍ ପରିଷଦ ସଦସ୍ୟ ରାମଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାତୃଭାଷା ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୨୧ ଜଣ ଶିଶୁଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ପରମାନନ୍ଦ ସାହୁ ଆଶୀର୍ବଚନ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତ୍ୟାଧୁନିକ 'ଗ୍ରେନ୍ ଏଟିଏମ୍' ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା

ଝାରସୁଗୁଡ଼ା, ୨୧।୨(ସମିସ): ଜିଲ୍ଲାରେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ପ୍ରଯୁକ୍ତିଭିତ୍ତିକ କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରସ୍ତାବିତ 'ଗ୍ରେନ୍ ଏଟିଏମ' ସ୍ଥାପନ ପାଇଁ ଉଦ୍ଦିଷ୍ଟ ସ୍ଥଳ ପରିଦର୍ଶନ କରି ଏହାର ଭିତ୍ତିଭୂମି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସହାୟତାରେ ଜିଲ୍ଲାରେ ସ୍ଥାପନ ହେବାକୁ ଥିବା ଅତ୍ୟାଧୁନିକ ସ୍ୱୟଂଚାଳିତ ବ୍ୟବସ୍ଥା ଦ୍ୱାରା ହିତାଧିକାରୀମାନେ ବିନା କୌଣସି ଅସୁବିଧାରେ ଏବଂ ସଠିକ୍ ପରିମାଣର ଖାଦ୍ୟଶସ୍ୟ ପାଇପାରିବେ। ପରିଦର୍ଶନ ସମୟରେ ଜିଲ୍ଲାପାଳ ପ୍ରକଳ୍ପର ସ୍ଥାୟିତ୍ୱ ଓ ନିରାପତ୍ତା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଖାଦ୍ୟଶସ୍ୟ ଯେପରି ବର୍ଷା ଜଳ କିମ୍ବା ବାୟୁମଣ୍ଡଳର ଆର୍ଦ୍ରତା ଯୋଗୁଁ ନଷ୍ଟ ନହୁଏ, ସେଥିପାଇଁ ଏହି ସ୍ୱତନ୍ତ୍ର ଢ଼ାଞ୍ଚା ବା ଷ୍ଟ୍ରକଚର୍‌ଟିକୁ ସମ୍ପୂର୍ଣ୍ଣରୂପେ ଜଳପ୍ରତିରୋଧକ କରି ନିର୍ମାଣ କରିବାକୁ ସେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶସ୍ୟର ଗୁଣବତ୍ତା ବଜାୟ ରଖିବା ସହ ଲୋକଙ୍କ ନିକଟରେ ସୁବିଧାରେ ରାସନ ପହଞ୍ଚାଇବା ଦିଗରେ ଏହି ପ୍ରକଳ୍ପ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## ଡାକ୍ତର ଓ ବିଶେଷଜ୍ଞ ଅଭାବ, ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଝାରସୁଗୁଡ଼ା, ୨୧।୨(ସମିସ): କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଓ ଏହାର ଅଧୀନରେ ଥିବା ପିଏଚ୍‌ସି ଗୁଡିକରେ ଡାକ୍ତର ଓ ବିଶେଷଜ୍ଞଙ୍କ ଅଭାବ ନେଇ ଅଞ୍ଚଳରେ ଚିନ୍ତା ବଢ଼ିଚାଲିଛି। ମୋଟ ୨୬ଟି ଡାକ୍ତର ପଦବୀ ମଧ୍ୟରୁ ୨୦ଟି ଏମ୍‌ବିବିଏସ୍ ଓ ୪ଟି ବିଶେଷଜ୍ଞ ପଦ ରହିଥିବା ସତ୍ତ୍ୱେ ବର୍ତ୍ତମାନ କେବଳ ୯ ଜଣ ଏମ୍‌ବିବିଏସ୍ ଡାକ୍ତର କାର୍ଯ୍ୟରତ ଅଛନ୍ତି। କୌଣସି ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବାରୁ ଜଟିଳତର ରୋଗୀମାନେ ଚିକିତ୍ସା ସେବାରେ ଗୁରୁତର ସମସ୍ୟା ସମ୍ମୁଖୀନ ହେଉଛନ୍ତି। ସୁପରିଣ୍ଟେଣ୍ଡେଣ୍ଟ ଓ ବିପିଏସଓ ପଦବୀ ଦୀର୍ଘଦିନ ଧରି ଖାଲି ରହିଥିବାରୁ ପ୍ରଶାସନିକ କାର୍ଯ୍ୟ ଅବ୍ୟବସ୍ଥିତ ହୋଇ ରହିଛି। ଡାକ୍ତର ଅଭାବରେ ସାଧାରଣ ଚିକିତ୍ସା ପ୍ରାୟ ଅଚଳ ହୋଇପଡ଼ିଛି। ଏହାଦ୍ୱାରା ଗ୍ରାମୀଣ ଲୋକମାନେ ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି। ବିଶେଷ କରି ଗର୍ଭବତୀ ମହିଳା, ଶିଶୁ ଓ ଜରୁରୀ ସେବା ଆବଶ୍ୟକ ଥିବା ରୋଗୀମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଗୁରୁତର ପରିସ୍ଥିତିର ତୁରନ୍ତ ସମାଧାନ ଦାବି କରି ଆଞ୍ଚଳିକ ବିକାଶ ପରିଷଦ, ଲଇକେରା, କୋଲାବିରା ଓ କିର୍ମିରା ସଂଗଠନର ସଦସ୍ୟମାନେ କୋଲାବିରା ବ୍ଲକ ଉନ୍ନୟନ



ଅଧିକାରୀଙ୍କ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଖାଲି ପଦବୀଗୁଡିକୁ ଶୀଘ୍ର ପୂରଣ କରିବା ସହ ଆବଶ୍ୟକ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପରିଷଦର ସଦସ୍ୟ ମାନେ କହିଛନ୍ତି। ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପରିଷଦର ସଭାପତି ଜିତେନ୍ଦ୍ରୀୟ ଧୁରୁଆ, ଉପ ସଭାପତି ସ୍ୱରୂପ କିଷାନ, ସମ୍ପାଦକ ପ୍ରଶାନ୍ତ ମହାନନ୍ଦିଆ, ଉପଦେଷ୍ଟା ପଦ୍ମଲୋଚନ ବୁଦୁଲା, ତ୍ରିଲୋଚନ ଡନସନା, ଜୟ ମଙ୍ଗଳ ଲୋହା, ତୁଲାରାମ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।

## ମାନସିକ ଭିନ୍ନକ୍ଷମ ଯୁବତୀକୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

ଦେବଗଡ଼, ୨୧।୨(ସମିସ): ଦେବଗଡ଼ ଥାନାଞ୍ଚଳର ଜଣେ ମାନସିକ ବିକୃତ ଯୁବତୀକୁ ଜଣେ ବିବାହିତ ଯୁବକ ବଳପୂର୍ବକ ଦୁଷ୍କର୍ମ କରିଥିବା ନେଇ ପୀଡିତାର ମା' ଦେବଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଦେବଗଡ଼ ଥାନା ପୁଲିସ ଅଭିଯୁକ୍ତ ଯୁବକ ଶଶୀ କିଷାନ (୪୫)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଶଶୀକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୧୮ ତାରିଖ ଯୁବତୀର ପରିବାର ଲୋକ ଘରେ ନଥିବାର ସୁଯୋଗରେ ପ୍ରଭାଶୁଣି ଗାଁର ଅଭିଯୁକ୍ତ ଯୁବକ ଶଶୀ ମାନସିକ ବିକୃତ ଯୁବତୀକୁ ଘରେ ବଳ ପୂର୍ବକ ଦୁଷ୍କର୍ମ କରିଥିଲା। ଏହି ସମୟରେ ପରିବାର ଲୋକ ଘରେ ପହଞ୍ଚି ଯୁବତୀକୁ ବଳ ପୂର୍ବକ ଦୁଷ୍କର୍ମ କରୁଥିବା ଦେଖିବାରୁ ଅଭିଯୁକ୍ତ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା। ପୀଡିତା ଯୁବତୀର ମା' ଗତକାଲି ସନ୍ଧ୍ୟାରେ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦେବଗଡ଼ ଥାନା ପୁଲିସ ଦୁଷ୍କର୍ମ ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ପୀଡିତା ଓ ଅଭିଯୁକ୍ତର ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତ ଯୁବକ ଶଶୀକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଝାରସୁଗୁଡ଼ା ଡିଭିଜନର କେନ୍ଦୁପତ୍ର ତୋଳାଳିଙ୍କ ଗଣବିକ୍ଷୋଭ

**ପତ୍ର ଦାମ ବୃଦ୍ଧି କରିବାକୁ କହି ଠକି ଦେଲା ସରକାର**





ଝାରସୁଗୁଡ଼ା, ୨୧।୨(ସମିସ)

କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଆହ୍ୱାନରେ ରାଜ୍ୟର ୨୨ଟି ଜିଲ୍ଲାର ଶତାଧିକ ରେଞ୍ଜରେ ଘୋଷିତ ୨ ଦିନିଆ ଗଣଧାରଣାର ଦ୍ୱିତୀୟ ଦିନରେ ଝାରସୁଗୁଡ଼ା ଡିଭିଜନର ସମସ୍ତ ରେଞ୍ଜରେ ଗଣ ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ସମସ୍ତ ରେଞ୍ଜରେ ଶତାଧିକ ତୋଳାଳି ଓ ସିଜନାଲ୍ କର୍ମଚାରୀ ନିଜ ନିଜ ଦାବି ନେଇ ଧାରଣାରେ ସାମିଲ ଥିଲେ। କେନ୍ଦୁପତ୍ର ତୋଳାଳିଙ୍କ କେରି ପ୍ରତି ଦର ବୃଦ୍ଧି, ସିଜନାଲ୍ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ୨୦୨୪ ଅନୁପାତରେ ପ୍ରଦାନ, ବନ୍ଧେଇ ଶ୍ରମିକଙ୍କ ବଣ୍ଡଲ୍ ପ୍ରତି ଦର ବୃଦ୍ଧି, ବୋନସ୍ ଘୋଷଣା, ସାମାଜିକ ନିରାପତ୍ତା ପାଇଁ ୨୦୦ କୋଟି ଟଙ୍କା ବଜେଟ୍ ପ୍ରାବଧାନ ଓ ମୃତ୍ୟୁକାଳୀନ ସହାୟତାକୁ ୪ ଲକ୍ଷ ଟଙ୍କା କରିବା ଆଦି ଦାବି ଉପରେ ସଂଘ ପକ୍ଷରୁ ଜୋର ଦିଆଯାଇଥିଲା। ଏହାସହ କେନ୍ଦୁପତ୍ର ଫଡି ଉଚ୍ଛେଦ ଓ ପ୍ରସ୍ତାବିତ ଘରୋଇକରଣ ପ୍ରତିବାଦରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଥିଲା। ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ ଓ ଯୁଗ୍ମ ସମ୍ପାଦକ ଅଶୋକ ମାଝୀ ସମସ୍ତ ରେଞ୍ଜ ଗସ୍ତ କରି ତୋଳାଳି ଓ କର୍ମଚାରୀଙ୍କୁ ଉଦବୋଧନ ଦେଇଥିଲେ। ଦାବି ପୂରଣ ନହେଲେ ଆଗାମୀ ୨୭ ଫେବୃଆରୀରେ ଝାରସୁଗୁଡ଼ା ସହ ରାଜ୍ୟ ସାରା ରାସ୍ତାରୋକ ଆନ୍ଦୋଳନକୁ ତୀବ୍ର କରାଯିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଜଣାଇଥିଲେ। ଆଜିର ଏହି ବିକ୍ଷୋଭରେ ରେଞ୍ଜ ସମ୍ପାଦକ ରମେଶ ଚନ୍ଦ୍ର ଭୋଇ, ସରୋଜ ଭଣ୍ଡ, ରମେଶ ପଟେଲ, ଅଲେଖ ସାହୁ, ଦୟାନନ୍ଦ ଭୋଇ, ପ୍ରେମାନନ୍ଦ ଖଣ୍ଡା, କଳାକାହ୍ନୁ ସେଟ୍, କିଶୋର ଖଣ୍ଡା, କପିଳ ଶା, ଜଗଦୀଶ, ରମେଶ ପଧାନ, ମନବୋଧ ପଣ୍ଡା, ଫକିର ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ସମସ୍ତ ରେଞ୍ଜରେ ଶତାଧିକ ତୋଳାଳି ଓ କର୍ମଚାରୀଙ୍କୁ ନେଇ ଧାରଣା ଓ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା।

## ଦେବଗଡ଼ରେ କେନ୍ଦୁପତ୍ର କର୍ମଚାରୀ ସଂଘର ଗଣଧାରଣା

ଦେବଗଡ଼: ଦେବଗଡ଼ କେନ୍ଦୁପତ୍ର ଡିଭିଜନରରେ ଚାଲିଥିବା ଗଣଧାରଣା ଶନିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ତିଳେଇବଣି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ରେଞ୍ଜ କମିଟି ପକ୍ଷରୁ ଦ୍ୱିତୀୟ ଦିନ ପାଇଁ ସରକାରଙ୍କ କେନ୍ଦୁପତ୍ର ତୋଳାଳି, ସିଜିନାଲ କର୍ମଚାରୀ ମାନଙ୍କ ଦାବି ପୂରଣରେ ସରକାରଙ୍କର ଉଦାସୀନତା ବିରୋଧରେ ଗଣଧାରଣା ଦେଇଥିଲେ। ପ୍ରଥମ ଦିନ ଗଣଧାରଣାରେ ତୋଳାଳି ଶ୍ରମିକ ମାନଙ୍କ ପକ୍ଷରୁ ରେଞ୍ଜ ସେକ୍ରେଟାରୀ ପ୍ରସନ୍ନ ଦେହୁରୀ ରେଞ୍ଜ ଅଫିସରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୭ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଆଜି ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ବିଜୟ ମହାନ୍ତି ଧାରଣାରେ ଯୋଗ ଦେଇ କେନ୍ଦୁପତ୍ର ତୋଳାଳି ଶ୍ରମିକ ମାନେ ଆହୁରି ସଂଗଠିତ ହୋଇ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଆସନ୍ତା ୨୬ ତାରିଖ ସୁଦ୍ଧା ସଙ୍ଘର ଦାବି ପୂରଣ ନହେଲେ ୨୭ରେ 'ରାସ୍ତାରୋକ' ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଜଣାଇଥିଲେ। ଧାରଣାରେ ଚିତ୍ରସେନ ନାୟକ, ଅଲେଖ ମହାନନ୍ଦ, ମନେଶ ନାଏକ, ପ୍ରମୋଦ ପ୍ରଧାନ, ପ୍ରଫୁଲ୍ଲ କିସପଟ୍ଟା, ବୈକୁଣ୍ଠ ବେହେରା, ସମ୍ଭାରି ପ୍ରୀୟବାନ୍ଧ, ତିଳେଇ ସାଇ, ଫୁଲ ପ୍ରୀୟବାନ୍ଧ, ରଜନୀ ମୁଣ୍ଡା ଓ ଜାନକୀ ମହାକୁଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂଘ ଓ ସଦସ୍ୟଙ୍କ ମଧ୍ୟରେ ଫାଟ ସୃଷ୍ଟି ପାଇଁ ଉଦ୍ୟମ

ଦେବଗଡ଼: ଓଡ଼ିଶା କେନ୍ଦୁପତ୍ର କର୍ମଚାରୀଙ୍କ ଏହି ଦୁଇଦିନିଆ ଧାରଣା ଡାକରାରେ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ବୃନ୍ଦ ସଂଘର ଆନ୍ଦୋଳନ ବେଳେ ବିଭିନ୍ନ ରେଞ୍ଜର ଅନେକ ସେକ୍ସନରେ ସମ୍ପୃକ୍ତ ଅଞ୍ଚଳର ଋତୁ କାଳୀନ କର୍ମଚାରୀଙ୍କୁ କଳବଳ ଓ କୌଶଳରେ ନିୟୋଜିତ କରି ଗାଁ ଗାଁରେ ଶ୍ରମିକଙ୍କୁ ନେଇ ଗୋଛା କଟେଇ କରୁଥିବା ଦେଖିବାକୁ ମିଳିଛି। ଫଳରେ ବିଭିନ୍ନ ରେଞ୍ଜରେ ଗଣ ଧାରଣାର ନେତୃତ୍ୱ ନେଉଥିବା ସଙ୍ଘର ନେତୃତ୍ୱ ନେଇଥିବା ନେତା ନିଜର ଗୁରୁତ୍ୱ ହରାଇଥିଲେ। ସମସ୍ତ ରେଞ୍ଜରେ ଗଣ ଧାରଣା ପାଇଁ ସଙ୍ଘର ସଦସ୍ୟ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ନିଜ ଦାବି ହାସଲ ପାଇଁ ରାଜ୍ୟ ସରକାରଙ୍କୁ ଚାପ ପକାଇବାର ପ୍ରୟାସ କରିଥିଲେ। ଅନ୍ୟ ପକ୍ଷରେ ଆନ୍ଦୋଳନ ସମୟରେ ବିଭିନ୍ନ ରେଞ୍ଜରେ ଗୋଛା କଟେଇ କରି ସରକାରୀ ନଥିରେ ସଙ୍ଘର ଆନ୍ଦୋଳନକୁ ବିଭାଗୀୟ ଅଧିକାରୀ ମାନେ ପ୍ରଭାବ ଶୂନ୍ୟ ପ୍ରମାଣିତ କରିବାରେ ସଫଳ ହୋଇଥିବା ଦେଖିବାକୁ ମିଳିଛି। ତେବେ ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘର ସମ୍ପାଦକ ସଞ୍ଜିତ ମହାନ୍ତି ନିଜ ପ୍ରତିକ୍ରିୟାରେ ସଙ୍ଘର ଏହି ଗଣ ଆନ୍ଦୋଳନରେ କୌଣସି କେନ୍ଦୁପତ୍ର ବନଖଣ୍ଡରେ ଗୋଛା କଟେଇ ହେଉ ନଥିବା ପ୍ରକାଶ କରିଛନ୍ତି। ତେବେ ଦେବଗଡ଼ରେ ଏହାର ବ୍ୟତିକ୍ରମ ଘଟିଥିବା ସ୍ୱୀକାର କରିଛନ୍ତି। ଯେହେତୁ ସଙ୍ଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିନାହିଁ ତେଣୁ ଏଭଳି ହୋଇଥାଇପାରେ ବୋଲି ପ୍ରକାଶ କରିବା ସହ ବର୍ତ୍ତମାନ ଗୋଛା କଟେଇ ପାଇଁ ପାଗ ପ୍ରତିକୂଳ ଥିବାରୁ ଏଭଳି ପାଗରେ ଗୋଛା କଟେଇ କରାଗଲେ ନିକୃଷ୍ଟ ମାନର କେନ୍ଦୁପତ୍ର ଉତ୍ପାଦନ ହେବା ନିଶ୍ଚିତ ଓ ଏହା ବିଭାଗକୁ କ୍ଷତିରେ ପକାଇବ ବୋଲି ମତ ରଖିଥିଲେ। ତେବେ କେଉଁ କାରଣ ଓ କେଉଁ ଉଦେଶ୍ୟରେ ଦେବଗଡ଼ କେନ୍ଦୁପତ୍ର ବନଖଣ୍ଡରେ ଯୁଦ୍ଧ କାଳୀନ ଭିତ୍ତିରେ ଗୋଛା କଟେଇ ଆରମ୍ଭ କରାଯାଇଛି ତାହା ତଦନ୍ତ ସାପେକ୍ଷ ବୋଲି ଆନ୍ଦୋଳନକାରୀ ସଙ୍ଘର ସଦସ୍ୟ ମାନେ ପ୍ରଶ୍ନ କରିଛନ୍ତି।



ବଲାଙ୍ଗିର ଜିଲ୍ଲା ଦେଓଗାଁ ଡିଗ୍ରୀ କଲେଜରେ ବିଶ୍ୱ ମାତୃଭାଷା ଦିବସ ପାଳନ ଅବସରରେ ଅତିଥିଗଣ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି

### ମାଟ୍ରିକ ପରୀକ୍ଷା ଦ୍ୱିତୀୟ ଦିନ

# ୪୨୫ ପରୀକ୍ଷାର୍ଥୀ ଅନୁପସ୍ଥିତ



**ଭବାନୀପାଟଣା, ୨୧।୨ (ସମିସ):** ଗୁରୁବାର ଠାରୁ ମାଟ୍ରିକ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳାହାଣ୍ଡି ଜିଲ୍ଲାରେ ୪୨୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ଶନିବାର ପରୀକ୍ଷାର ଦ୍ୱିତୀୟ ଦିନରେ ୪୨୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ଯାହାଫଳରେ ଅନୁପସ୍ଥିତ ସଂଖ୍ୟା ପ୍ରଥମ ଦିନକୁ ଟପିଛି ଦ୍ୱିତୀୟ ଦିନ। ୨ ଦିନରେ ଏତେ ସଂଖ୍ୟକ ଛାତ୍ରୀଛାତ୍ର ଅନୁପସ୍ଥିତ ରହିବାକୁ ନେଇ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ଦ୍ୱିତୀୟ ଦିନରେ ଇଂରାଜୀ ପରୀକ୍ଷାରେ ଭବାନୀପାଟଣା ବ୍ଲକରେ ୩୭, କେସିଙ୍ଗା ୨୨, କର୍ଲାମୁଣ୍ଡା ୯, ମଦନପୁର ରାମପୁର ୩୬, ନର୍ଲା ୧୮, ଲାଞ୍ଜିଗଡ଼ ୩୩, ଥୁଆମୂଳରାମପୁର ୨୮, କଲମପୁର ୩, ଜୁନାଗଡ଼ ୬୮, ଜୟପାଟଣା ୩୭, କୋକସରା ୩୨ ଧର୍ମଗଡ଼ ୬୨, ଏବଂ ଗୋଲାମୁଣ୍ଡା ବ୍ଲକରେ ୪୦ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ସୂଚନା ମିଳିଛି।ଚଳିତବର୍ଷ ରେଗୁଲାରରେ ୨୧, ୧୦୫ ଜଣ, ଏକ୍ସ ରେଗୁଲାରରେ ୧୦୬ ଜଣ କରେସପଣ୍ଡେନ୍ସ କୋର୍ସରେ ୩୪ ଜଣ ଓ ରାଜ୍ୟମୁକ୍ତ ସ୍କୁଲ ଅଧିନରେ ୨୬୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ।ଜିଲ୍ଲାରେ ୧୪ଟି ନୋଡାଲ ସେଣ୍ଟର ସହ ୧୩୦ଟି କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ବେଳେ ରାଜ୍ୟ ମୁକ୍ତ ସ୍କୁଲ ନିମନ୍ତେ ଭବାନୀପାଟଣା ବ୍ରଜବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଚଳିତବର୍ଷ ତୁର୍କେଲ ବ୍ରିଜରେ ଯାନବାହାନ ଚଳାଚଳ ବନ୍ଦ ଥିବା ଯୋଗୁଁ ବୋର୍ଡାଠାରେ ଅତିରିକ୍ତ ନୋଡାଲ ସେଣ୍ଟର କରାଯାଇଛି। ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୫ ଜଣ ଟିମ ନିୟୋଜିତ ହୋଇଛନ୍ତି। ପରୀକ୍ଷା ପରିଚାଳନା ପାଇଁ ୧୩୧ ଜଣ ପର୍ଯ୍ୟବେକ୍ଷକ, ୩ଟି ବିଇଓ ସ୍କ୍ୱାର୍ଡ, ଗୋଟିଏ ବୋର୍ଡ ସ୍କ୍ୱାର୍ଡ ଓ ଜିଲ୍ଲା ପ୍ରଶାସନର ଗୋଟିଏ ସ୍କ୍ୱାର୍ଡ କପି ରୋକିବା ପାଇଁ ନିୟୋଜିତ ରହିଛନ୍ତି। ସମସ୍ତ ନୋଡାଲ ସେଣ୍ଟର ଓ ପରୀକ୍ଷା କେନ୍ଦ୍ରମାନଙ୍କରେ ଏଆଇ କ୍ୟାମେରା ସିସିଟିଭି ଲଗାଯାଇଛି।ଦ୍ୱିତୀୟ ଦିନରେ ମଧ କେହି ପରୀକ୍ଷାର୍ଥୀ କପି କରି ଧରାପଡ଼ିନଥିବା ବେଳେ ଶାନ୍ତି ଶୃଙ୍ଖଳାର ସହିତ ପରୀକ୍ଷା ଶେଷ ହୋଇଛି।

# କାମରେ ଆସୁନି ଜଳ ଯୋଗାଣ ପ୍ରକଳ୍ପ



**ସଇଁତଲା, ୨୧।୨(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ଅଧୀନ କଂସରପଡ଼ାରେ ବସୁଧା ଯୋଜନା ମାଧ୍ୟମରେ ଜଳ ଯୋଗାଣ ପ୍ରକଳ୍ପ ତିଆରି ହୋଇଛି; କିନ୍ତୁ ଏହି ପ୍ରକଳ୍ପ କାମରେ ଆସୁନି। ଗାଁରେ ପାଇପ୍ ବିଛା ହେବା ସହ ପାଣି ଟାଙ୍କି ବସିଛି; କିନ୍ତୁ ପାଇପ୍‌ରେ ପାଣି ଆସୁନି। ଗ୍ରାମବାସୀ କହିବାନୁଯାୟୀ ପ୍ରାୟ ୬ ବର୍ଷ ହେବ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇଛି। ସରପଞ୍ଚ, ବିଧାୟକ, ବ୍ଲକ ଏବଂ ଜିଲ୍ଲା ପ୍ରଶାସନକୁ ଜଣାଇ ଜଣାଇ ଗ୍ରାମବାସୀ ଥକି ଗଲେଣି; କିନ୍ତୁ କେହି କର୍ଣ୍ଣପାତ କରୁ ନାହାନ୍ତି। ଏ ବିଷୟରେ ସରପଞ୍ଚଙ୍କୁ ପଚାରିବାରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି; କିନ୍ତୁ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନ ଥିବା କହିଛନ୍ତି।

### କେତେ ସୁରକ୍ଷିତ ସବୁଜହୀରା ସଂରକ୍ଷଣ ବ୍ୟବସ୍ଥା

# ଗୋଟିଏ ଅଗ୍ନି ନିର୍ବାପକ ଯନ୍ତ୍ର ଭରସା







**ବଲାଙ୍ଗିର, ୨୧।୨(ସମିସ)**


ବଲାଙ୍ଗିର ଜିଲ୍ଲାକୁ ସବୁଜହୀରା ବା କେନ୍ଦୁପତ୍ର ଖଣି ବୋଲି କୁହାଯାଏ। ପ୍ରତିବର୍ଷ ସରକାର ବଲାଙ୍ଗିର ଜିଲ୍ଲାରୁ ବାହାରୁଥିବା କେନ୍ଦୁପତ୍ର ବିକ୍ରି କରି କୋଟି କୋଟି ଟଙ୍କାର ରାଜସ୍ୱ ଆଦାୟ କରିଥାନ୍ତି। ତେବେ ଏତେ ପରିମାଣର ରାଜସ୍ୱ ଦେଉଥିବା କେନ୍ଦୁପତ୍ରର ସଂରକ୍ଷଣ ବ୍ୟବସ୍ଥା କେତେ ସୁରକ୍ଷିତ ତାହା ବଲାଙ୍ଗିର କେନ୍ଦୁପତ୍ର ଡିଏଫଓ କାର୍ଯ୍ୟାଳୟରେ ଥିବା ଗୋଦାମ ଉପରେ ନଜର ପକାଇଲେ ସ୍ପଷ୍ଟ ଭାବେ ଅନୁମାନ କରାଯାଇପାରେ। ଭାତହାଣ୍ଡିରୁ ଗୋଟିଏ ଭାତ ଚିପୁଡିଲା ଭଳି ମୁଖ୍ୟାଳୟରେ ଥିବା ଗୋଦାମର ଅବସ୍ଥା ଯଦି ଏମିତି ତେବେ ଫଡିଘରେ କିଭଳି ବ୍ୟବସ୍ଥା ଥିବା ତାହା ଅନୁମାନ କରାଯାଇପାରିବ। କେନ୍ଦୁପତ୍ର ପାଇଁ କେବଳ ଗୋଟିଏ ଭୟ ହେଉଛି ନିଆଁ; କିନ୍ତୁ ନିଆଁରୁ ରକ୍ଷା କରିବାକୁ ଗୋଦାମ ପାଖରେ କୌଣସି ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। ଅର୍ଥାତ ଥରେ ଦୁର୍ଭାଗ୍ୟବଶତଃ ନିଆ ଲାଗିଗଲେ ସବୁକିଛି ସ୍ୱାହା। କୋଟି କୋଟି ଟଙ୍କା ଆଖି ପିଛୁଳାକେ ପୋଡି ପାଉଁଶ ହେବାର ଭୟ ରହିଛି।

ବଲାଙ୍ଗିର ଜିଲ୍ଲାରୁ ବାହାରୁଥିବା କେନ୍ଦୁପତ୍ରର ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ଅଧିକ ଚାହିଦା ରହିଛି। ପ୍ରତିବର୍ଷ ରାଜ୍ୟ ସରକାର ବଲାଙ୍ଗିର ଜିଲ୍ଲାରୁ ବାହାରୁଥିବା କେନ୍ଦୁପତ୍ର ବିକ୍ରି କରି କୋଟି କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିଥାନ୍ତି। ତେଣୁ ବଲାଙ୍ଗିରକୁ ସବୁଜହୀରାର ଖଣି ବୋଲି କୁହାଯାଏ। ତେବେ ବଲାଙ୍ଗିର ଜିଲ୍ଲାରେ କେନ୍ଦୁପତ୍ରର ୩ଟି ଡିଭିଜନ ରହିଛି। ଏହି ୩ଟି ଡିଭିଜନ ଅଧୀନରେ ୨୩ଟି ରେଞ୍ଜ ରହିଛି। ଏହା ସହ ପ୍ରାୟ ୪ଶହରୁ ଅଧିକ ଫଡିଘର ରହିଛି। କେନ୍ଦୁପତ୍ର ତୋଳାଳିମାନେ କେନ୍ଦୁପତ୍ର ତୋଳିବା ପରେ ତାକୁ ବିକ୍ରି କରିଥାନ୍ତି। କିଣାଯାଇଥିବା କେନ୍ଦୁପତ୍ରକୁ ଫଡିଘରେ ଶୁଖାଇବା ପରେ ତାକୁ ବନ୍ଧେଇ କରି କେନ୍ଦ୍ରୀୟ ଗୋଦାମକୁ ଅଣାଯାଇଥାଏ। ତେବେ ଜିଲ୍ଲାରେ ଅନେକ ସମୟରେ ଫଡିଘରେ ନିଆଁ ଲାଗିଯିବାର ଉଦାହରଣ ରହିଛି। ଏହାଫଳରେ ଫଡିଘରଗୁଡିକର ଉନ୍ନତିକରଣ କରାଯାଇଛି; କିନ୍ତୁ ଗୋଦାମରେ ଶୁଖିଲା କେନ୍ଦୁପତ୍ର ରହୁଥିବାରୁ ସେଥିରେ ନିଆଁ ଲାଗିଯିବାର ଅଧିକ ଭୟ ରହିଛି; ଯେଉଁଥିପାଇଁ ଗୋଦାମରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିବା ନିହାତି ଆବଶ୍ୟକ ରହିଛି। ଗୋଦାମରେ କୋଟି କୋଟି ଟଙ୍କାର କେନ୍ଦୁପତ୍ର ଗଚ୍ଛିତ ରହୁଥିବାରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ବଲାଙ୍ଗିରରେ ଏହାକୁ ହେୟଜ୍ଞାନ କରାଯାଉଥିବା ଦେଖିବାକୁ ମିଳିଛି। ବଲାଙ୍ଗିର ଡିଏଫଓଙ୍କ କାର୍ଯ୍ୟାଳୟ ବାହାରେ ଥିବା ଗୋଦାମରେ ଗୋଟିଏ ବି ଅଗ୍ନି ନିର୍ବାପକ ଯନ୍ତ୍ର ନାହିଁ। ଗୋଟିଏ ଗୋଦାମ କାନ୍ଥରେ କେବଳ ଅଗ୍ନି ନିର୍ବାପକ ଲେଖା ରହିଛି; କିନ୍ତୁ ଯନ୍ତ୍ର ନାହିଁ। ଅନ୍ୟ ଗୋଦାମରେ ବି ସମାନ ଅବସ୍ଥା। ଏ ନେଇ କର୍ମଚାରୀଙ୍କୁ ପଚାରିବାରୁ ଅଗ୍ନି ନିର୍ବାପକ ଯନ୍ତ୍ର ଦାୟିତ୍ୱରେ ଥିବା ଫରେଷ୍ଟ ଗାର୍ଡଙ୍କ ଚାମ୍ବରରେ ରହିଥିବା କହିଥିଲେ। ତାହା ଦେଖାଇବାରୁ ୩ଟି ଗୋଦାମ ଯେଉଁଠି ଏତେ ପରିମାଣର କେନ୍ଦୁପତ୍ର ଗଚ୍ଛିତ ରଖାଯାଉଛି କେବଳ ଗୋଟିଏ ଯନ୍ତ୍ର ରହିଛି। ତାହା ବି ଆଜି ପର୍ଯ୍ୟନ୍ତ ଖୋଲାଯାଇନାହିଁ। ତାହା ସତରେ କାର୍ଯ୍ୟକ୍ଷମ ରହିଛି ନା ନାହିଁ ତାହା ଜଣାନାହିଁ। ବ୍ୟବହାର ଅବଧି ତାରିଖ ଅଛି ନା ନାହିଁ ତାହା ବି ଜଣାନାହିଁ। ଯଦି ଜିଲ୍ଲା ମୁଖ୍ୟାଳୟ ଗୋଦାମର ଅବସ୍ଥା ଏମିତି ତେବେ ଅନ୍ୟ ସ୍ଥାନରେ ଥିବା ଗୋଦାମ ଓ ଫଡିଘରେ କିଭଳି ବ୍ୟବସ୍ଥା ଥିବ ତାହା ସହଜରେ ଅନୁମାନ କରାଯାଇପାରିବ। ତେବେ ଏତେ କେନ୍ଦୁପତ୍ର କାହା ସୁରକ୍ଷାରେ ରଖାଯାଇଛି ତାହା ସବୁଠାରୁ ବଡ ପ୍ରଶ୍ନ। ଏଥିପ୍ରତି ବିଭାଗୀୟ ଅଧିକାରୀ ଆଦୌ ଦୃଷ୍ଟି ଦେଉ ନାହାନ୍ତି। କେନ୍ଦୁପତ୍ର ସଂରକ୍ଷଣ ବ୍ୟବସ୍ଥାକୁ ସୁରକ୍ଷିତ ରଖିବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସତେ ଯେମିତି ଦାୟିତ୍ୱ ନାହିଁ।

> **ଗୋଦାମ କାନ୍ଥ ବଦଳରେ ଫରେଷ୍ଟଗାର୍ଡଙ୍କ କାର୍ଯ୍ୟାଳୟରେ ପଡ଼ିଛି**
>
> **ବଲାଙ୍ଗିର ଡିଏଫଓଙ୍କ କାର୍ଯ୍ୟାଳୟରେ ଥିବା ଗୋଦାମର ଅବସ୍ଥା**
>
> **କେନ୍ଦୁପତ୍ର ଶୁଖିଲା ଯୋଗୁଁ ସବୁବେଳେ ଅଗ୍ନିକାଣ୍ଡ ଭୟ**

# ୨୩ରେ ବଲାଙ୍ଗିର ଆସୁଛନ୍ତି ଜୀବନ ବୀମା ନିଗମ ପରିଚାଳନା ନିର୍ଦ୍ଦେଶକ

**ବଲାଙ୍ଗିର, ୨୧।୨(ସମିସ):** ଭାରତୀୟ ଜୀବନ ବୀମା ନିଗମ ପରିଚାଳନା ନିର୍ଦ୍ଦେଶକ ରତ୍ନାକର ପଟ୍ଟନାୟକଙ୍କ ୨୩ ତାରିଖରେ ବଲାଙ୍ଗିର ଆସୁଛନ୍ତି। ଏଥିଲାଗି ବଲାଙ୍ଗିର ଶାଖା ପ୍ରବନ୍ଧନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରାଯାଇଛି। ସ୍ଥାନୀୟ ଏକ ହୋଟେଲରେ



ଜୀବନବୀମା ଅଭିକର୍ତ୍ତାଙ୍କ ଏକ ସମ୍ମିଳନୀରେ ସେ ଯୋଗ ଦେବେ। ଜୀବନ ବୀମା ବ୍ୟବସାୟ ତଥା ସେବା ପ୍ରଦାନରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ଅଭିକର୍ତ୍ତାଙ୍କୁ ସମ୍ମାନୀତ କରିବେ। ବିଗତ ଆର୍ଥିକ ବର୍ଷରେ ବଲାଙ୍ଗିର ଶାଖା ସପ୍ତସ୍ତମ୍ଭ ଲକ୍ଷ୍ୟ ହାସଲର ଏକ ବିରଳ କୃତିତ୍ୱ ଲାଭ କରି ସର୍ବ ଭାରତୀୟସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ ବଲାଙ୍ଗିର ଗସ୍ତ କରୁଥିବା ଶାଖା ପ୍ରବନ୍ଧନ ପକ୍ଷରୁ ପ୍ରକାଶ। ଅଭିକର୍ତ୍ତାମାନଙ୍କ ପକ୍ଷରୁ ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ଶ୍ରୀ ପଟ୍ଟନାୟକଙ୍କୁ ସ୍ଥାନୀୟ ଚନ୍ଦ୍ରଶେଖରନଗରସ୍ଥିତ ଶାଖା କାର୍ଯ୍ୟାଳୟକୁ ପାଛୋଟି ଅଣାଯିବ। ସେଠାରେ ଚାରାରୋପଣ କରାଯିବା ସହ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକ ବୈଠକ ହେବ। ନିଗମର ଶାଖା ପ୍ରବନ୍ଧନ ପକ୍ଷରୁ ବରିଷ୍ଠ ଶାଖା ପ୍ରବନ୍ଧକ ସୁବ୍ରତ ପଣ୍ଡା, ଅତିରିକ୍ତ ପ୍ରବନ୍ଧକ ସୁଧାଂଶୁ ବଳିଆର ସିଂ, ପ୍ରଶାସନିକ ଅଧିକାରୀ ତେଜ କୁମାର ଲାକ୍ରା, ଅଭିକର୍ତ୍ତା ସଂଗଠନର ମଣ୍ଡଳ ସଭାପତି ଅସୀମ ପଟ୍ଟନାୟକଙ୍କ ପ୍ରମୁଖ ଶ୍ରୀ ପଟ୍ଟନାୟକଙ୍କ ଗସ୍ତ କାର୍ଯ୍ୟକ୍ରମର ସମସ୍ତ ପରିଚାଳନା ଦାୟିତ୍ୱ ତଦାରଖ କରୁଛନ୍ତି।

### ନୂଆପଡ଼ା ଏନ୍‌ଏସି କର୍ତ୍ତୃପକ୍ଷଙ୍କ କଡ଼ା ପଦକ୍ଷେପ

# ସହର ଭିତରେ ଆବର୍ଜନା ଫିଙ୍ଗିଲେ ଧରୁଛି ଗୁପ୍ତ କ୍ୟାମେରା

**ନୂଆପଡ଼ା, ୨୧।୨(ସମିସ):** ନୂଆପଡ଼ା ସହର ଭିତରେ ଦିନକୁ ଦିନ କୁଡ଼କୁଡ଼ ଆବର୍ଜନା ପଡ଼ି ରହୁଥିବାବେଳେ ଏହା ଉପରେ ଅଙ୍କୁଶ ଲଗାଇବାକୁ ଏନ୍‌ଏସି ପ୍ରଶାସନ ତତ୍ପର ହୋଇଉଠିଛି। ଆବର୍ଜନା ପଡ଼ିଥିବା ବିଭିନ୍ନ ଜାଗାରେ ପ୍ରଶାସନ ତରଫରୁ ଗୁପ୍ତ କ୍ୟାମେରା ଖଞ୍ଜା ଯାଇଥିବା ସୂଚନା ମିଳୁଛି। ଶନିବାର ନୂଆପଡ଼ା-ବରଗଡ଼ ରାସ୍ତାରେ ଶ୍ମଶାନ ଭୂଇଁ ନିକଟରେ ଏକ ଦୋକାନୀ ଗାଡ଼ିରେ ଆଣି ଆବର୍ଜନା ଫିଙ୍ଗୁଥିବା ସମୟର ଚିତ୍ର କ୍ୟାମେରାରେ କଏଦ ହେବା ପରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦୃଷ୍ଟିକୁ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସେହି ଦୋକାନୀ ପୁଣି ଥରେ ଆବର୍ଜନାକୁ ଗୋଟାଇ ଏମସିସି(ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର)ରେ ଫିଙ୍ଗିଛନ୍ତି। ଆଗାମୀ ଦିନରେ ସମ୍ପୃକ୍ତ ଦୋକାନୀଙ୍କଠାରୁ କଡା ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଛି। ସୂଚନା ଯୋଗ୍ୟ ଯେ ଏହି ରାସ୍ତା ମୁଣ୍ଡରେ ବିଭିନ୍ନ ସମୟରେ ଦୋକାନୀମାନେ ଭଡାଟିଆ ଗାଡି /ଲୋକଙ୍କ ଜରିଆରେ ଅଳିଆ ଆବର୍ଜନା ଫିଙ୍ଗି ଦେଉଛନ୍ତି। ଏନ୍‌ଏସି ତରଫରୁ ଗାଡି ଜରିଆରେ ଆବର୍ଜନା ସଂଗ୍ରହ କରି ଏମସିସିରେ ରଖାଯାଇଥାଏ। ହେଲେ ଦୋକାନୀମାନେ ନମାନି ଅନାବନା ଜାଗାରେ ଅଳିଆ ଫିଙ୍ଗି ଦେଉଛନ୍ତି। ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଏକ ପିକ୍‌ଅପରେ ଆବର୍ଜନା ଆଣି ଶ୍ମଶାନ ନିକଟରେ ଥିବା ରାସ୍ତା କଡ଼ରେ ଫିଙ୍ଗି ଚାଲି ଯାଇଥିଲେ। ଏହି ଘଟଣା ଗୁପ୍ତ କ୍ୟାମେରାରେ କଏଦ ହୋଇଥିଲା। ଏହା ଉପରେ ତତକ୍ଷଣାତ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ ଚନ୍ଦ୍ରକାର କର୍ମଚାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। କର୍ମଚାରୀ ମାନେ ଗାଡି ନମ୍ବର ଦେଖି ଟ୍ରାକ କରିଥିଲେ। ଦୋକାନୀଙ୍କୁ ସେହି ଆବର୍ଜନାକୁ ପୁଣି ଥରେ ଗୋଟାଇ ନୂଆପଡ଼ା ଏମସିସିରେ ନେଇ ଫିଙ୍ଗିବାକୁ ନିର୍ଦ୍ଦେଶ ହୋଇଥିଲା। କୌଣସି ଦୋକାନୀ ନିଜର ଆବର୍ଜନାକୁ ଅନାବନା ନ ଫିଙ୍ଗି ଏନ୍‌ଏସି ଗାଡିକୁ ଦିଅନ୍ତୁ ନଚେତ ଜରିମାନା ହେବ ବୋଲି ଏନ୍‌ଏସି ତରଫରୁ କୁହାଯାଇଛି। ନୂଆପଡ଼ାକୁ ଏକ ସୁସ୍ଥ ଓ ସ୍ୱଚ୍ଛ ସହର ଗଠନ କରାଯିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ଏଥିରେ ସହରବାସୀଙ୍କ ସହଯୋଗ ଆବଶ୍ୟକ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରକାର କହିଛନ୍ତି।



# ନବ ନିଯୁକ୍ତ ସରକାରୀ ଓକିଲଙ୍କୁ ସମ୍ବର୍ଦ୍ଧନା

**କଣ୍ଟାବାଞ୍ଜି, ୨୧।୨(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ନବ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କୁ ଶନିବାର କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟି ପକ୍ଷରୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଦିଆଯାଇଛି। କମିଟିର ସମ୍ପାଦକ ବେଦବ୍ୟାସ ନାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ବ୍ରଜଶ୍ୟାମ ଗୁରୁ, ସଞ୍ଜୟ ନାଥ ଓ ବିବେକ ଶର୍ମାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କୈଳାସ ଦୀପ, ପୁଷ୍ପ ବେହେରା, ବିମଲ୍ ହାତୀ, ରାଜୁ ଶର୍ମା, ରୋହନ ମହତ, ଆଶିଷ ବଦ୍ରି, ଦିନେଶ ମାହାନନ୍ଦ, ପ୍ରମାନନ୍ଦ ପୁଟେଲ୍, ରାଜେନ୍ଦ୍ର ବେହେରା, ତୁଳସୀରାମ ଜଗତ, ମୋହନ ସୁନା, ସୋହନ ଗୁରୁ, କାହ୍ନା ସାହୁ, ବାବୁ ସିଂଙ୍କ ସହ ମାଟିର ମହୋତ୍ସବ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।



# ପାଣି ପାଇପ୍ କାମରେ ଲୋକେ ଅତିଷ୍ଠ

**କଣ୍ଟାବାଞ୍ଜି, ୨୧।୨(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଅନେକ ରାସ୍ତାରେ ଏବେ ଜଳ ଯୋଗଣ ବିଭାଗ ପାଇପ୍ ପକାଉଛି। ସହରର ଆମପଡ଼ାରେ ଚାଲିଥିବା ଏହି କାମ ପାଇଁ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ବଙ୍ଗୋମୁଣ୍ଡା ରେଳବାଇ ଫାଟକରୁ ଆରମ୍ଭ କରି ମାଛ ବଜାର ଦେଇ ଆମପଡ଼ାକୁ ଥିବା ରାସ୍ତା ପାର୍ଶ୍ୱରେ ଏବେ ପାଇପ୍ ବିଛା ହେଉଛି। ୧୫ ଦିନ ହେଲା ଏହା ଚାଲିଛି। କାମ ପରେ ରାସ୍ତା ପାର୍ଶ୍ୱରେ ଖାଲ କରିଦିଆଯିବା ସହ ରାସ୍ତା ମଝିରେ ମାଟି ଖୋଳି ପକାଇ ଦିଆଯାଇଛି। ରାସ୍ତା ସାରା ମାଟି ପଡ଼ି ରହିଛି। ଏଣୁ ଧୂଳି ଉଡୁଛି। ପଡ଼ାରେ ଥିବା ସମସ୍ତ ଘରେ ଧୂଳିର ଆସ୍ତରଣ ବସିଗଲାଣି। ବ୍ରଜଶ୍ୟାମ ଗୁରୁ, ବିଭୁଦତ୍ତ ସାହୁ, ଜଗନ୍ନାଥ ମିଶ୍ର, ଭଗବାନ ପଧାନ ପ୍ରମୁଖ ଏ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଦେଖିବା କ'ଣ ସବୁ ସୁବିଧା ହୋଇ ପାରିବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରଦୀପ ମହାକୁଡ଼ ଅତି ହାଲୁକା ମନ୍ତବ୍ୟ ଦେଇଛନ୍ତି।



### ନୂଆପଡ଼ାରେ ସ୍ୱତନ୍ତ୍ର ସାଇବର୍ ଅପରେସନ

# ୩କୋଟି ଠକେଇ ମାମଲାରେ ୬ ଗିରଫ

**ନୂଆପଡ଼ା, ୨୧।୨(ସମିସ)**

ନୂଆପଡ଼ା ଜିଲ୍ଲାରେ ପ୍ରତିଦିନ ନୂଆ ନୂଆ ଉପାୟରେ ସାଇବର ଠକେଇ ଚାଲିଛି। ନୂଆପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ସାଇବର ଠକେଇର ଏକ ବଡ଼ ରାକେଟ ଠାବ କରିଛି।ସାଇବର ଠକମାନେ ସ୍ଥାନୀୟ ନୂଆପଡ଼ା ଜିଲ୍ଲାର ଲୋକମାନଙ୍କୁ ପ୍ରଲୋଭିତ କରି ଆକାଉଣ୍ଟ ଜରିଆରେ କୋଟି କୋଟି ଟଙ୍କା ଲୁଟି ଚାଲିଛନ୍ତି। ଏହିଭଳି ଘଟଣାରେ ନୂଆପଡ଼ାରେ ସତନ୍ତ୍ର ସାଇବର୍ କବଚ ଅପରେସନ ଜରିଆରେ ୬ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଆକାଉଣ୍ଟରେ ୩କୋଟି ଟଙ୍କାର ଠକେଇ ହୋଇଥିବା ଜଣାପଡ଼ିଛି। ଜିଲ୍ଲା ପ୍ରାୟ ୩କୋଟି ଟଙ୍କାର ସାଇବର ଠକେଇ ହୋଇଛି। ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅମ୍ରିତପାଲ ସିଂ ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆହୁତ ସମ୍ମିଳନୀରେ ଏସ୍‌ପି କହିଛନ୍ତି ଯେ ବିଗତ ଦିନରେ ସାଇବର ଠକେଇ ହୋଇଥିବା କିଛି ଲୋକେ ନୂଆପଡ଼ା ଥାନାରେ ଅଭିଯୋଗ କରିଥିଲେ। ସେଠାରୁ ପୁଲିସ କିଛି ତଥ୍ୟ ସଂଗ୍ରହ କରି ଛାନଭିନ ଆରମ୍ଭ କରିଥିଲା। ଏଥିରେ କିଛି ସନ୍ଦେହଜନକ ବ୍ୟାଙ୍କ ଏକାଉଣ୍ଟକୁ ସାଇବର ସେଲ ଜରିଆରେ ଯାଞ୍ଚ କରିଥିଲେ। ଏଥିରୁ ଜଣା ପଡ଼ିଲା ଯେ କିଛି ସାଇବର ଗ୍ୟାଙ୍ଗ ଏମାନଙ୍କ କିଛି ବ୍ୟାଙ୍କ ଏକାଉଣ୍ଟ ଓ ଏଟିଏମ୍‌କୁ ପରିଚାଳନା କରୁଥିଲେ ଓ ସେମାନେ ଅନ୍ୟ ଲୋକଙ୍କ ଏକାଉଣ୍ଟକୁ ଚଳାଇ ସାଇବର ଅପରାଧ କରୁଥିଲେ। ଏହି ଘଟଣାରେ ୩ଟି ଏକାଉଣ୍ଟରେ ସାଇବର ଠକେଇ ହୋଇଥିବା ଜଣାପଡ଼ିଥିଲା। ନୂଆପଡ଼ା ଏସ୍‌ପି ଶ୍ରୀ ସିଂଙ୍କ ନିର୍ଦ୍ଦେଶ କ୍ରମେ ନୂଆପଡ଼ା ଆଇଆଇସି ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ସତନ୍ତ୍ର ସାଇବର ଟିମ୍ ତଦନ୍ତ ଆରମ୍ଭ କରିଥିଲା। ସେଥିରେ ପ୍ରାୟ ୨କୋଟି ୯୪ଲକ୍ଷ ୫୦ହଜାର ଟଙ୍କା ଠକେଇ ହୋଇଥିବା ସନ୍ଦେହ ହେଉଛି। ଏହି ଘଟଣାରେ ନୂଆପଡ଼ା ଥାନା ପୁଲିସ ୬ଟି ମୋବାଇଲକୁ ଜବତ କରିବା ସହ ୬ଜଣ ସାଇବର ଠକଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଜୋଙ୍କ ଥାନା ଆମସେନା ଗାଁର ପରମେସନ ସାହୁ(୨୮), ମୁଣ୍ଡାଗାଁର ଚିନ୍ମୟ ସାହୁ(୨୩), ଧନୀରାମ ସେଠି(୨୬) ଓ ମନିଶ ସାହୁ(୨୪), ନୂଆପଡ଼ା ଥାନା ପରସଖୋଲ ଗାଁର ନନ୍ଦଲାଲ ସତନାମୀ(୨୩) ଓ ସିଲଦା ଗାଁର ଦିନେଶ ଚୌଡ଼ାନ(୨୪)। ଏନେଇ ନୂଆପଡ଼ା ଥାନା କେଶ ନଂ ୩୭ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯିବ। ଆଗକୁ ଆହୁରି ତଦନ୍ତ ହେବ ଓ ଅଧିକ ଲୋକଙ୍କୁ ଗିରଫ କରାଯିବ।



### ଜାତୀୟ ରାଜପଥରେ ଭୟାବହ ଦୁର୍ଘଟଣା

# ୫ ଜଣକୁ ଧକ୍କା ଦେଇ ଘୋଷାଡ଼ି ନେଲା ପିକ୍‌ଅପ୍





**ସଇଁତଲା, ୨୧।୨ (ସମିସ):** ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅଧୀନ ୨୬ ନମ୍ବର ଜାତୀୟ ରାଜପଥର ବରଗାଁ ନିକଟରେ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ ବୋଲେରୋ (ପିକ୍‌ଅପ୍) ୫ ଜଣକୁ ପିଟି ଘୋଷାଡି ନେଇଛି। ଏଥିରେ ଚାଳକ ମଧ୍ୟ ଗୁରୁତର ହୋଇଛି। ତେବେ ଏମାନଙ୍କ ପରିଚୟ ମିଳିନି। ପୁଲିସ ପିକ୍‌ଅପ୍ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି।



୨ ଜଣ ଯୁବକ ଜାତୀୟ ରାଜପଥରେ ଚାଲି ଚାଲି ଯାଉଥଲେ। ଏହି ସମୟରେ ପଛପଟୁ ଦ୍ରୁତଗତିରେ ଆସୁଥିବା ଗାଡିଟି ସେମାନଙ୍କୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋର ଥିଲା ଯେ ଦୁଇଜଣଯାକ ଯୁବକ ରାସ୍ତା ଉପରୁ ଦୂରକୁ ଛିଟକି ପଡ଼ିଥିଲେ। ଏହା ପରେ ମଧ ଗାଡ଼ିଟି ଅଟକି ନ ଥିଲା। କିଛି ଦୂର ଆଗକୁ ଯିବା ପରେ ସଇଁତଲାରୁ କଳାହାଣ୍ଡି ଅଭିମୁଖେ ବାଇକ୍ ଯୋଗେ ଯାଉଥିବା ୩ ଜଣ ଯୁବକଙ୍କୁ ମଧ ସମାନ ଭାବରେ ଧକ୍କା ଦେଇଥିଲା। ବାଇକଟି ରାସ୍ତା ଧାରକୁ ଛିଟକି ପଡ଼ିଥିଲା। ତିନି ଯୁବକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଗାଡ଼ିଟି ଦ୍ରୁତ ଗତିରେ ଥିବାରୁ ଡ୍ରାଇଭର ଗାଡ଼ିର ନିୟନ୍ତ୍ରଣ ହରାଇଥିଲେ। ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ସଇଁତଲା ପୁଲିସ ପହଞ୍ଚି ସମସ୍ତଙ୍କୁ ଡାକ୍ତରଖାନା ପଠାଇଥିଲା। ସେମାନଙ୍କ ଅବସ୍ଥା ଅତ୍ୟଧିକ ଗୁରୁତର ହେବାରୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## ଢେଙ୍କାନାଳରେ ସଡ଼କ ଦୁର୍ଘଟଣାର ଭୟଙ୍କର ଚିତ୍ର

# କେବଳ ଜାନୁଆରୀରେ ୪୨ ଦୁର୍ଘଟଣା; ୧୩ ମୃତ୍ୟୁ

ଢେଙ୍କାନାଳ, ୨୧।୨(ସମିସ): ଦୁର୍ଘଟଣା ହ୍ରାସ ଓ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ରୋକିବାକୁ ସରକାରୀସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ସଡ଼କ ସୁରକ୍ଷା ମାସ ପାଳନଠାରୁ ଆରମ୍ଭ କରି ସରକାର ବିଭିନ୍ନ ଉପାୟରେ ଲୋକଙ୍କୁ ସଚେତନ କରୁଛନ୍ତି। କିନ୍ତୁ ଦୁର୍ଘଟଣା

### ନିୟମ ଉଲ୍ଲଙ୍ଘନ ପାଇଁ ୩୮୨୪ ଲାଇସେନ୍ସ ରଦ୍ଦ

ଉପରେ ରୋକ୍ ଲାଗିପାରୁନି। ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବି ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁର୍ଘଟଣା ମୁଣ୍ଡ ଟେକୁଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲାରୁ ଦୁର୍ଘଟଣାର ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। କେବଳ ଗତ ଜାନୁଆରି, ମାସକ ମଧ୍ୟରେ ଜିଲ୍ଲାରେ ୪୨ଟି ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୧୩ଜଣଙ୍କ ଜୀବନ ଯାଇଛି।

ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକରୁ ଏହି ସାଂଘାତିକ ତଥ୍ୟ ପଦାକୁ ଆସିଛି।



ଗତ ଜାନୁଆରୀରେ ଜିଲ୍ଲାରେ ଅଧିକ ଦୁର୍ଘଟଣା ଘଟିଥିବା ଯୋଗୁଁ ସମସ୍ତ ହମ୍ପସକୁ ଧଳା ରଙ୍ଗରେ ଚିହ୍ନଟ କରିବା ସହ ଆବଶ୍ୟକ ସାଇନେଜ୍ ଲଗାଇବାକୁ ଏବଂ ସ୍କୁଲ ଓ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ସାଇନେଜ ଓ ବାରିକେଡ଼ିଂର ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବାଲି, ପଥର ଆଦି ବୋଝେଇ ଟ୍ରକ୍ ଅବୈଧ ନମ୍ବରରେ ଚାଲୁଥିବା ଦୃଷ୍ଟିକୁ ଆସିଥିବା ହେତୁ ଏହାକୁ ଜବତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଟାଟା ଷ୍ଟିଲଠାରୁ ଓଡ଼ାପଡ଼ା ମଧ୍ୟରେ ଅଧିକ ଦୁର୍ଘଟଣା ଘଟୁଥିବା ହେତୁ ଏହି ରାସ୍ତା ମଧ୍ୟରେ ସ୍ଥାୟୀ ଭାବେ ଆମ୍ବୁଲାନସ ଏବଂ କ୍ରେନ୍‌ର ବ୍ୟବସ୍ଥା କରିବାକୁ ସଦସ୍ୟମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲାକ୍ ସ୍ପଟ୍‌ଗୁଡ଼ିକରେ ଦୁର୍ଘଟଣା ପରେ ତୁରନ୍ତ ଉଦ୍ଧାର ଓ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ସର୍ଭିସ ରୋଡ୍‌କୁ ଅଧିକ ଚଉଡ଼ା କରିବା ସହ ସାଇନେଜର ବ୍ୟବସ୍ଥା କରିବାକୁ ସଦସ୍ୟମାନେ ବୈଠକର ଦୃଷ୍ଟି ଆକର୍ଷଣ କରିଥିଲେ। ବସ ଚଳାଚଳ ସମୟ ନିର୍ଘଣ୍ଟକୁ ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ବସଷ୍ଟାଣ୍ଡ ମଧ୍ୟରେ କୌଣସି ଅସାମାଜିକ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସୂଚନା ଦେଇଥିଲେ ଯେ ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁଁ ଗତବର୍ଷ ୨୯୫୭ଜଣଙ୍କ ଡ୍ରାଇଭିଂ ଲାଇସେନସ୍ ରଦ୍ଦ କରାଯାଇଥିଲା। ଏହାକୁ ମିଶାଇ ଗତ ଜାନୁଆରୀରେ ୮୬୭ ଜଣଙ୍କର ଡିଏଲ ରଦ୍ଦ ସହ ମୋଟ ୩୮୨୪ଟି ଲାଇସେନ୍‌ସ ରଦ୍ଦ କରାଯାଇଛି।

ବୈଠକରେ, ରାସ୍ତା ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଶିବାଶିଷ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ, ବସ ମାଲିକ ସଂଘର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ପସ୍ଥିତ ଥିଲେ।

# ଜଗତସିଂହପୁର ଜିଲ୍ଲାରେ ପ୍ରତିଷ୍ଠା ହେବ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ

ଭୁବନେଶ୍ୱର,୨୧।୨(ସମିସ): ଜଗତସିଂହପୁର ଜିଲ୍ଲାରେ ନୂତନ ଭାବେ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟରେ ଘୋଷଣା କରିଛନ୍ତି। ଏହି ପ୍ରରିପେକ୍ଷୀରେ ଶନିବାର ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ ଜଗତସିଂହପୁର ଜିଲ୍ଲାର ନାଗରିକ ସମାଜ

### ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାର ଯୁବବର୍ଗ

ଓ ଯୁବ ସମାଜ ପକ୍ଷରୁ ଏକ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପାଇଁ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଏବଂ ଜିଲ୍ଲାର ଅନ୍ୟାନ୍ୟ ନେତୃବର୍ଗଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାର ଚାରୋଟି ବିଧାନସଭା ନିର୍ବାଚନମଣ୍ଡଳୀରୁ ଏକ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବିଶେଷକରି ଯୁବବର୍ଗ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ। ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଜିଲ୍ଲାବାସୀ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି କହିଥିଲେ



ଯେ ଏହି ନିଷ୍ପତ୍ତି ହେଉଛି ବିକଶିତ ଜଗତସିଂହପୁର ଜିଲ୍ଲା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ନିଦର୍ଶନ। ଏହା ମାଧ୍ୟମରେ ଜଗତସିଂହପୁର ଜିଲ୍ଲାରେ ଗୁଣାତ୍ମକ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି।

## ମାଟ୍ରିକ ପରୀକ୍ଷାରେ ଘୋର ଅବ୍ୟବସ୍ଥା

# ପରୀକ୍ଷାର ଅଧଘଣ୍ଟା ପରେ ଦେଲେ ନୂଆ ପ୍ରଶ୍ନପତ୍ର

ବ୍ରହ୍ମପୁର, ୨୧।୨ (ସମିସ): ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ଆୟୋଜିତ ଚଳିତ ବର୍ଷର ଦଶମ ଶ୍ରେଣୀ ପ୍ରଥମ ଦିନରେ ହୋଇଥିବା ଓଡ଼ିଆ ଭାଷା ପରୀକ୍ଷାରେ ଘୋର୍ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ସରକାରୀ କ୍ୱିନ୍ ଅଫ୍ ଦି ମିସନ୍ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ହୋଇଛି। ୧୫ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା କେନ୍ଦ୍ରରେ ଓଡ଼ିଆ ବିଷୟର ଭୁଲ ପ୍ରଶ୍ନପତ୍ର ସେଟ୍ ପ୍ରଦାନ କରାଯାଇଥିଲା। ପ୍ରାୟ ଅଧଘଣ୍ଟା ପରେ ପୁଣିଥରେ ଉକ୍ତ ପ୍ରଶ୍ନପତ୍ର ଛାତ୍ରଛାତ୍ରୀଙ୍କଠାରୁ ଫେରାଇ ନିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ତ୍ରୁଟିରେ ସୁଧାର ଆଣିବା ନିମନ୍ତେ ପରୀକ୍ଷାର୍ଥୀଙ୍କ 'ଓଏମଆର' ସିଟ୍‌ରେ ହ୍ୱାଇଟ୍ ଇରେଜକୁ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଶନିବାର ଅଭିଭାବକ ଓ ପରୀକ୍ଷାର୍ଥୀ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଅଭାବନୀୟ ସ୍ଥିତି କାରଣରୁ ମୂଲ୍ୟାୟନ ସମୟରେ ସମସ୍ୟା ଯେପରି ସୃଷ୍ଟି ନହୁଏ, ସେନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହାୟତା ଲୋଡ଼ିଛନ୍ତି। ଏହି ଘଟଣାକୁ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଗୁରୁତ୍ୱର ସହ ଗ୍ରହଣ କରି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ସୂଚନାଯୋଗ୍ୟ, ସ୍ଥାନୀୟ ପିଏମଶ୍ରୀ ସିଟି ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ସେଣ୍ଟର ବାବାଜୀତୋଟା ନିକଟସ୍ଥ ସରକାରୀ କ୍ୱିନ୍ ଅଫ ଦି ମିସନ୍ ଉଚ୍ଚବିଦ୍ୟାଳୟରେ ହୋଇଛି। ଗତ ୧୯ ତାରିଖରେ ପ୍ରଥମ ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀ ସେଣ୍ଟରକୁ ଆସିଥିଲେ। କେନ୍ଦ୍ରରେ ପହଞ୍ଚିବା ପରେ ରୁମ୍ ନମ୍ବର ୬ରେ ନିଜ ନିଜର ସିଟ୍‌ରେ ବସିଥିଲେ। ରୁମ୍ ଦାୟିତ୍ୱରେ ଥିବା ଶିକ୍ଷକ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ସେଟ୍ ସହ ଓଏମ୍‌ଆର ସିଟ୍ ପ୍ରଦାନ କରିଥିଲେ। ପିଲାମାନେ ଉତ୍ତର ଲେଖିବା ଆରମ୍ଭ କରିଥିଲେ।

- ପ୍ରଥମେ ଭୁଲ ପ୍ରଶ୍ନପତ୍ର ସେଟ୍ ବାଣ୍ଟିଥିଲେ
- ତ୍ରୁଟି ସୁଧାରିବାକୁ ଓଏମ୍‌ଆର ସିଟ୍‌ରେ ମରାଗଲା ହ୍ୱାଇଟ୍ ଇରେଜର
- ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହେଲ ଅଭିଭାବକ ଓ ଛାତ୍ରଛାତ୍ରୀ
- ତଦନ୍ତ ନିମନ୍ତେ ଏଡିଓଙ୍କୁ ନିର୍ଦ୍ଦେଶ ଦେଲେ ଡିଇଓ

ପରୀକ୍ଷା କେନ୍ଦ୍ର ପକ୍ଷରୁ ଓଏମ୍‌ଆର ଓ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ପରୀକ୍ଷା ଆରମ୍ଭ ହେବା ପରେ ପ୍ରାୟ ଅଧା ଘଣ୍ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭୁଲ ସେଟ୍ ଉପରେ ଉତ୍ତର ଲେଖିଥିଲେ। ପରେ ପରୀକ୍ଷା କେନ୍ଦ୍ରର କାର୍ଯ୍ୟରତ କର୍ମଚାରୀ ତ୍ରୁଟି ବୁଝିପାରିଥିଲେ। ତା' ପରେ ଛାତ୍ରଛାତ୍ରୀଙ୍କୁ ନୂତନ ସେଟ୍ ପ୍ରଶ୍ନପତ୍ର ଦିଆଯାଇଥିଲା।

ସବୁଠାରୁ ବଡ଼ ସମସ୍ୟା ହେଲା, ଓଏମ୍‌ଆର ସିଟ୍‌ରେ ପୂର୍ବରୁ ଲେଖାଯାଇଥିବା ଉତ୍ତରକୁ ସୁଧାରିବାକୁ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ହ୍ୱାଇଟ୍ ଇରେଜର ବ୍ୟବହାର କରି ପୂର୍ବ ଉତ୍ତର ଲିଭାଇବାକୁ କେନ୍ଦ୍ରର କର୍ମଚାରୀ ପରାମର୍ଶ ଦେଇଥିଲେ। ବାଧ୍ୟ ହୋଇ ଛାତ୍ରଛାତ୍ରୀ ନୂତନ ପ୍ରଶ୍ନପତ୍ର ସେଟ୍‌ର ଉତ୍ତର ଲେଖିଥିବା କହିଛନ୍ତି। ଆଜି ଇଂରାଜୀ ପରୀକ୍ଷା ସରିବା ପରେ ସମସ୍ୟା ସମ୍ପର୍କରେ ଅଭିଭାବକ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଗାମୀ ଦିନରେ ମୂଲ୍ୟାଙ୍କନ ସମୟରେ କୌଣସି ସମସ୍ୟା ନଉପୁଜିବ ସେନେଇ ଶିକ୍ଷା ପ୍ରଶାସନର ସହାୟତା ଲୋଡ଼ିଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ସମସ୍ୟା ଓଏମଆର ମୂଲ୍ୟାଙ୍କନ ପ୍ରକ୍ରିୟାରେ ଜଟିଳତା ସୃଷ୍ଟି କରିପାରେ ବୋଲି ଶିକ୍ଷାବିତ୍ ମତ ପ୍ରକାଶ କରିଛନ୍ତି।

ପରିଚାଳନାରେ ଥିବା କର୍ମଚାରୀଙ୍କୁ ପରୀକ୍ଷା ପ୍ରକ୍ରିୟାରେ ଅଧିକ ସଚେତନତା ଓ ଦାୟିତ୍ୱବୋଧ ରଖିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଅଭିଭାବକ ଓ ପରୀକ୍ଷାର୍ଥୀଙ୍କ ଅଭିଯୋଗକୁ ନେଇ ତଦନ୍ତ କରାଯାଇ ଡିଇଓଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବା ଏବଂ ପରୀକ୍ଷା ପରିଚାଳନାରେ ଯେଉଁ ଅଧିକାରୀ ଓ କର୍ମଚାରୀଙ୍କ ତ୍ରୁଟି ରହିଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଭାତୀ ମହାପାତ୍ର କହିଛନ୍ତି।

# ଟ୍ରାକ୍ଟରରେ ଆସି ଦେଲେ ମାଟ୍ରିକ୍ ପରୀକ୍ଷା



ବାଲିଗୁଡ଼ା, ୨୧।୨ (ସମିସ): ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ପରୀକ୍ଷା କେନ୍ଦ୍ରକୁ ଟ୍ରାକ୍ଟର୍‌ରେ ପରୀକ୍ଷାର୍ଥୀ ଆସିଥିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାଲିଗୁଡ଼ା ଉପଖଣ୍ଡର କ.ନୂଆଗାଁ ଅଞ୍ଚଳରେ। କ.ନୂଆଗାଁ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ପରୀକ୍ଷା ଦେବାକୁ ଟ୍ରାକ୍ଟର୍‌ରେ କୁଡୁତୁଲି ଉଚ୍ଚ ବିଦ୍ୟାଳୟ ଯାଉଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ମାତ୍ର ୩ କିଲୋମିଟର ଦୂରତା ରାସ୍ତାକୁ ଅତି ବିପଦପୂର୍ଣ୍ଣ ଭାବରେ ଟ୍ରାକ୍ଟର ଡାଲାରେ ବସି ଆସୁଥିବା ଦୃଶ୍ୟକୁ ନେଇ ଅଞ୍ଚଳବାସୀ ତୀବ୍ର ନିନ୍ଦା କରିଛନ୍ତି।

ବିଦ୍ୟାଳୟ କର୍ତ୍ତୃପକ୍ଷ କିଭଳି ଟ୍ରାକ୍ଟର୍‌ରେ ଯିବାକୁ ପରୀକ୍ଷା କେନ୍ଦ୍ରକୁ ଛାଡ଼ିଲେ, ତାହା ଆଶ୍ଚର୍ଯ୍ୟ କରିଛି। ସାଙ୍ଗରେ କେହି ଗାଇଡ୍ ଶିକ୍ଷକ କିମ୍ବା ବିଦ୍ୟାଳୟର କର୍ମଚାରୀଙ୍କୁ ଦେଖିବାକୁ ମଧ୍ୟ ମିଳି ନଥିଲା।

ଏନେଇ ବ୍ଲକ୍ ମଙ୍ଗଳ ଅଧିକାରୀ ବୁରୁମାଝୀ ପଡ଼ାଙ୍କୁ କେଉଁ ପରିସ୍ଥିତିରେ ଛାତ୍ର ପରୀକ୍ଷା କେନ୍ଦ୍ରକୁ ଟ୍ରାକ୍ଟର୍‌ରେ ଆସିଥିବା ପଚାରିବାରୁ ପରୀକ୍ଷାର୍ଥୀ ଡେ ସ୍କଲାରର ଛାତ୍ର ବୋଲି ସଫେଇ ଦେଇଛନ୍ତି। ଡେ' ସ୍କଲାର୍ ଛାତ୍ର ନିଜ ବ୍ୟବସ୍ଥାରେ ଯାତାୟାତ କରୁଥିବା ବେଳେ କେମିତି ୪୦ରୁ ଅଧିକ ପିଲା ଏକତ୍ର ହୋଇ ଟ୍ରାକ୍ଟରରେ ଗଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।

# କିଟ୍ ଓ କିସ୍ ପରିଦର୍ଶନ କଲେ ଆମାଜନ ଆଇନ ମୁଖ୍ୟ

ଭୁବନେଶ୍ୱର,୨୧।୨(ସମିସ): ଆମାଜନ ଚିଫ୍ ଗ୍ଲୋବାଲ୍ ଆଫାୟାର୍ସ ଓ ଆଇନ ଅଧିକାରୀ ଡାଭିଡ୍ ଏ ଜାପଲସ୍କି ଆଜି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍‌ର ସମସ୍ତ ୟୁନିଟ୍ ବୁଲି ଦେଖିବା ସହ ଶିକ୍ଷା ଜରିଆରେ ଜନଜାତି ବିକାଶ କ୍ଷେତ୍ରରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। କିସ୍‌ରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କିପରି ମ୍ୟୁଜିକ୍, ଇତିହାସ ଓ ଆଇନ ଆଦି ପାଠ ପ୍ରତି ସେ ଆକୃଷ୍ଟ ହୋଇଥିଲେ, ସେ ସମ୍ପର୍କରେ କହିଥିଲେ। ପରେ, କିଟ୍‌ରେ ଏକ ଫାୟାରସାଇଡ୍ ଚାଟ୍ ଅଧିବେଶନରେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଆମାଜନର ବିଶ୍ୱ ନୀତିରେ ଭାରତର ଗୁରୁତ୍ୱ ବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ଜାପଲସ୍କି କହିଲେ, ଆମାଜନ୍ ଭାରତରେ ପ୍ରାୟ ୪୦ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଏଥିରେ ଡାଟା ଭିତ୍ତିଭୂମି ଓ କ୍ଲାଉଡ୍ କମ୍ପ୍ୟୁଟିଂରେ ପ୍ରମୁଖ ନିବେଶ ଅନ୍ତର୍ଭୁକ୍ତ। କର୍ପୋରେଟ୍‌ଗୁଡ଼ିକ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପଗୁଡ଼ିକୁ ସେମାନଙ୍କ ମୂଳ ଦକ୍ଷତା ଅନୁଯାୟୀ ପ୍ରସ୍ତୁତ କରିବା ଉଚିତ ଏବଂ ବିପର୍ଯ୍ୟୟ ସହାୟତା ଏବଂ ପରିବେଶଗତ ପ୍ରୟାସ ସମେତ ସାମୁଦାୟିକ ପ୍ରଭାବ ପାଇଁ ଏହାର ପ୍ରଯୁକ୍ତିବିଦ୍ୟା ଏବଂ ଲଜିଷ୍ଟିକ୍ କ୍ଷମତାକୁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିବା ଉଚିତ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜାପଲସ୍କି ନିଜର ଅଭିଜ୍ଞତାର ଉଦାହରଣ ଦେଇ କହିଲେ ଯୁବପିଢ଼ି ପ୍ରତିଷ୍ଠା କିମ୍ବା ଦରମା ପଛରେ ନପଡି ନିଜ ଅନ୍ତରର କଥା ଶୁଣିବା ଜରୁରୀ। ଯାହା ତୁମକୁ ଖୁସି କରିପାରିବ ତାହା କର ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଚ୍ୟୁତ ସାମନ୍ତ ସ୍ୱାଗତଭାଷଣ ଦେଇଥିଲେ। ଏହି ଅବସରରେ ଡାଭିଡ୍‌ଙ୍କୁ 'କିଟ୍ ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଯୋଡ଼ା, ୨୧।୨(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାର ୬ ନମ୍ବର ୱାର୍ଡ ବାରୁ ହଟିଙ୍ଗରେ ହାତୀ ଆକ୍ରମଣରେ ଜଣେ ୭୦ବର୍ଷୀୟା ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ରଘୁ ବାଙ୍କିରା। ରଘୁ ଚମ୍ପୁଆ ରେଞ୍ଜ ଯୋଡ଼ା ସେକ୍ସନ ମନମରା ବୈତରଣୀ ସଂରକ୍ଷିତ ଜଙ୍ଗଲକୁ ଯାଇଥିବା ବେଳେ ଦୁଇ ଦିନ ହେବ ଘରକୁ ଫେରି ନଥିଲେ। ଘରଲୋକ ଆଜି ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରେ ତାଙ୍କ ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। ଶବ ପାଖରେ ଗୋଟିଏ ହାତୀ ଜଗି ରହିଥିଲା। ବନବିଭାଗ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇବା ସହ ମୃତଦେହ ଉଦ୍ଧାର କରିଥିଲା। ମୃତକଙ୍କ ଦେହ କ୍ଷତାକ୍ତ ଥିବା ଏବଂ ନିକଟରେ ହାତୀର ଉପସ୍ଥିତିକୁ ଭିତ୍ତିକରି ତାଙ୍କ ମୃତ୍ୟୁ ହାତୀ ଆକ୍ରମଣରେ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ପଠାଯାଇଥିବା ଯୋଡ଼ା ବନପାଳ ତ୍ରିନାଥ ଜେନା ସୂଚନା ଦେଇଛନ୍ତି।

## ସ୍କୁଲ କୋଠରି ନିର୍ମାଣ ଅର୍ଥ ଆତ୍ମସାତ ଘଟଣା

# ତତ୍କାଳୀନ ପ୍ରଧାନ ଶିକ୍ଷକ ଓ ଭିଇସି ଅଧ୍ୟକ୍ଷଙ୍କୁ ୩ ବର୍ଷ ଜେଲ୍

ବାଲେଶ୍ୱର, ୨୧।୨ (ସମିସ): ସ୍କୁଲ ଶ୍ରେଣୀ କୋଠରି ନିର୍ମାଣ ଅର୍ଥ ଆତ୍ମସାତ୍ ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ଆଜି ବାଲେଶ୍ୱର ଜିଲ୍ଲା ସଦର ବ୍ଲକ୍ ରସାଳପୁର ଅଚ୍ୟୁତାନନ୍ଦ ନୋଡାଲ ୟୁପି ସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଦାସ ଓ ଭିଲେଜ ଏଡୁକେସନ୍ କମିଟି ଅଧ୍ୟକ୍ଷ ଗୋବିନ୍ଦ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ ଜଣଙ୍କ ସାକ୍ଷ୍ୟ ଏବଂ ୫୦ଟି ଦଲିଲକୁ ବିଚାରକୁ ନେଇ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ନ୍ୟାୟାଧୀଶ ଲଳିତ କୁମାର ଦାଶ ଉଭୟଙ୍କୁ ୩ ବର୍ଷ ଲେଖାଏଁ ଜେଲ୍‌ଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଦୀର୍ଘ ୧୨ ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଛି।

ସଦର ବ୍ଲକ ରସାଳପୁର ଅଚ୍ୟୁତାନନ୍ଦ ନୋଡାଲ ୟୁ.ପି. ସ୍କୁଲରେ ପର୍ଯ୍ୟାପ୍ତ ଶ୍ରେଣୀ କୋଠରି ନ ଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଥିଲା। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପରେ ସ୍କୁଲର ସମସ୍ୟାର ଅନୁଧ୍ୟାନ କରିଥିଲା ଜିଲ୍ଲା ପ୍ରଶାସନ। ୨୦୧୦-୧୧ ମସିହାରେ ସର୍ବଶିକ୍ଷା ଅଭିଯାନ ଅଧୀନରୁ ଏହି ସ୍କୁଲ ପାଇଁ ୨ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଉକ୍ତ ଟଙ୍କା ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସ୍କୁଲର ଭିଇସି ଅଧ୍ୟକ୍ଷଙ୍କ ଯୁଗ୍ମ ବ୍ୟାଙ୍କ ଖାତାକୁ ଆସିଥିଲା। ହେଲେ ଗାଁରେ ସ୍କୁଲ ପାଇଁ ଆସିଥିବା ଅତିରିକ୍ତ ଶ୍ରେଣୀ କୋଠରୀ ନିର୍ମାଣ ସ୍ୱପ୍ନ ପୂରଣ ହୋଇ ନ ଥିଲା। ସରକାରୀ ଅର୍ଥ ମଞ୍ଜୁର ହେବା ସତ୍ତ୍ୱେ ନିର୍ମାଣ କାମ ଆରମ୍ଭ ହେଉନଥିବାରୁ ସନ୍ଦେହ ହୋଇଥିଲା। ପରେ ଏନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ପରେ ଏହି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଦାସ ଏବଂ ସ୍କୁଲର ଭିଇସି ଅଧ୍ୟକ୍ଷ ଥିବା ଗୋବିନ୍ଦ ବେହେରା ଦୁହେଁ ସ୍କୁଲ ପରିଚାଳନା ସମିତିକୁ ଅବଗତ ନ କରି ଯୁଗ୍ମଭାବେ ଉକ୍ତ ଅର୍ଥ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଇ ନେଇଥିଲେ। କିନ୍ତୁ ନିର୍ମାଣ କାମ ଆରମ୍ଭ ହେଉନଥିଲା ଓ କୌଣସି ବ୍ୟୟ ହିସାବ ଦାଖଲ ହୋଇ ନଥିଲା। ଗ୍ରାମବାସୀ ଏବଂ ଅଭିଭାବକଙ୍କ ମଧ୍ୟରେ ଏ ନେଇ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରେ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ ପରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରେ ଅର୍ଥ ଆତ୍ମସାତ ହୋଇଥିବା ପ୍ରମାଣ ମିଳିବା ପରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିଲା। ପରେ ଚାର୍ଜସିଟ୍ ଦାଖଲ ହୋଇ ମାମଲାଟି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ବିଚାର ହୋଇଥିଲା।

# ମୟୂରଭଞ୍ଜ ଜିଲ୍ଲାରେ ପୁଷ୍ଟିହୀନ ଓ କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା ସର୍ବାଧିକ

ଭୁବନେଶ୍ୱର,୨୧।୨(ସମିସ): ଏସ୍‌ଆରଏସ୍ (ସାମ୍ପଲ ରେଜିଷ୍ଟ୍ରେସନ୍ ସିଷ୍ଟମ) ସର୍ଭେ ଅନୁସାରେ ରାଜ୍ୟରେ ୨୦୨୩ ମସିହାରେ ଶିଶୁ ଜନ୍ମହାର ୧୬% ଥିବା ବେଳେ ୨୦୦୦ ମସିହାରେ ଏହା ୨୪.୧% ରହିଥିବା ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ବିଧାସଭାରେ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀମତୀ ପରିଡ଼ା ପୋଷଣ ଟ୍ରାକରରେ ଉପଲବ୍ଧ ତଥ୍ୟ ଆଧାରରେ

- ଅତିଶୟ ପୁଷ୍ଟିହୀନତାରେ ଗଞ୍ଜାମ ଜିଲ୍ଲା ପ୍ରଥମ
- ପୁରୀ ଜିଲ୍ଲାରେ ଅତିଶୟ ପୁଷ୍ଟିହୀନ ଓ ପୁଷ୍ଟିହୀନଙ୍କ ସଂଖ୍ୟା ସବୁଠାରୁ କମ୍

ରାଜ୍ୟରେ ଜନ୍ମରୁ ୫ବର୍ଷ ବୟସର ଅତିଶୟ ପୁଷ୍ଟିହୀନ, ପୁଷ୍ଟିହୀନ, କମ୍ ଓଜନ ବିଶିଷ୍ଟ ଶିଶୁ ଓ ବୟସ ତୁଳନାରେ ଉଚ୍ଚତା କମ୍ ଥିବା ଶିଶୁଙ୍କର ଜିଲ୍ଲାୱାରୀ ତଥ୍ୟ ଉପସ୍ଥାପନ କରିଛନ୍ତି। ଯେଉଁଥିରେ ପୁଷ୍ଟିହୀନ ଓ କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ରହିଥିବା ଜଣାପଡ଼ିଛି। ଅତିଶୟ ପୁଷ୍ଟିହୀନତାରେ ଗଞ୍ଜାମ ଜିଲ୍ଲାରେ ସବୁଠାରୁ ସଂଖ୍ୟା ଅଧିକ(୧୨୬୭) ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ମୟୂରଭଞ୍ଜ(୧୧୭୫), ତୃତୀୟରେ ବାଲେଶ୍ୱର(୧୧୧୫), ଚତୁର୍ଥ ସ୍ଥାନରେ କେନ୍ଦୁଝର ରହିଥିବା ବେଳେ ପଞ୍ଚମରେ ରହିଛି କଳାହାଣ୍ଡି। ତେବେ ପୁରୀ ଜିଲ୍ଲାରେ ଅତିଶୟ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ସର୍ବନିମ୍ନ ୪୬ ରହିଛି।

ସେହିପରି ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ୨ଶହରୁ ଉର୍ଦ୍ଧ୍ୱର୍ ଅତିଶୟ ପୁଷ୍ଟିହୀନତା ଶିଶୁ ରହିଥିବା ଜଣାପଡ଼ିଛି। ସେହିପରି ପୁଷ୍ଟିହୀନଙ୍କ ସଂଖ୍ୟା ରାଜ୍ୟରେ ସର୍ବାଧିକ ମୟୂରଭଞ୍ଜରେ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି କେନ୍ଦୁଝର ଓ ତୃତୀୟ ସ୍ଥାନରେ ରହିଛି ନବରଙ୍ଗପୁର। ତେବେ ପୁରୀ ଜିଲ୍ଲାରେ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ମଧ୍ୟ ସୁବଠାରୁ କମ୍ (୪୭୭) ରହିଛି। ଏହାସହିତ କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା ମୟୂରଭଞ୍ଜରେ ସର୍ବାଧିକ ୩୪ ହଜାର ୭୩୩ ରହିଥିବା ବେଳେ ଦେବଗଡ଼ ଜିଲ୍ଲାରେ ଏହି ସଂଖ୍ୟା ସବୁଠାରୁ କମ୍ ରହିଛି। ତେବେ ବୟସ ତୁଳନାରେ ଉଚ୍ଚତା କମ୍ ଥିବା ଶିଶୁଙ୍କ ସଂଖ୍ୟା ମୟୂରଭଞ୍ଜରେ ସର୍ବାଧିକ ୫୪ ହଜାର ୭୪୬ ରହିଥିବା ବେଳେ ଦେବଗଡ଼ ଜିଲ୍ଲାରେ ବୟସ ତୁଳନାରେ କମ୍ ଓଜନ ଶିଶୁଙ୍କ ସଂଖ୍ୟା ୫୩୫୧ ରହିଛି, ଯାହାକି ଅନ୍ୟ ଜିଲ୍ଲା ତୁଳନାରେ ସବୁଠାରୁ କମ୍ ରହିଛି।

# ରାଜ୍ୟର ୧୨ ଜିଲ୍ଲାରେ ଅଧିକ ବାଲ୍ୟ ବିବାହ

ଭୁବନେଶ୍ୱର,୨୧।୨(ସମିସ): ରାଜ୍ୟର ୧୨ଟି ଜିଲ୍ଲାରେ ବାଲ୍ୟ ବିବାହ ହାର ଜାତୀୟ ହାରଠାରୁ ଅଧିକ ରହିଛି।'ଅଦ୍ୱିକା' ପରି କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀମାନଙ୍କୁ ସଶକ୍ତ କରିବା ପାଇଁ ଗତ ୨ବର୍ଷରେ ୧୨କୋଟି ୪୯ଲକ୍ଷ ୯୯ହଜାର ୨୫୫ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୩-୨୪ବର୍ଷରେ ୩,୯୭,୫୩୧୦୦ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୨୦୨୪-୨୫ ବର୍ଷରେ ୮କୋଟି ୫୨ଲକ୍ଷ ୪୬ହଜାର ୧୫୫ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ରହିଛି। ହେଲେ ୨୦୩୦ ସୁଦ୍ଧା ଓଡ଼ିଶାକୁ ବାଲ୍ୟ ବିବାହ ମୁକ୍ତ କରିବା ଲକ୍ଷ୍ୟ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ରିପୋର୍ଟ ଅନୁସାରେ, ନବରଙ୍ଗପୁରରେ ୩୯.୪%, ନୟାଗଡ଼ରେ ୩୫.୭%, କୋରାପୁଟରେ ୩୫.୫%, ରାୟଗଡ଼ାରେ ୩୩.୨%, ମାଲକାନଗିରିରେ ୩୨.୪, ମୟୂରଭଞ୍ଜରେ ୩୧.୩%, କେନ୍ଦୁଝରରେ ୨୯%, ଗଜପତିରେ ୨୮.୧, ବାଲେଶ୍ୱରରେ ୨୬.୪, ବୌଦ୍ଧରେ ୨୫.୩%, ଅନୁଗୁଳରେ ୨୫% ହାରରେ ବାଲ୍ୟ ବିବାହ ରେକର୍ଡ କରାଯାଇଛି। ଜାତୀୟ ହାର ୨୩.୩% ରହିଥିବା ବେଳେ ଓଡ଼ିଶାରେ ୨୦.୫%. ବାଲ୍ୟ ହୋଇଥିବା ଜଣାପଡ଼ିଛି। ଯାହାକି ଜାତୀୟ ହାର ଠାରୁ କମ୍ ବୋଲି ବିଧାନସଭାରେ ଅମର ନାୟକଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ତେବେ ପଞ୍ଚାୟତ ସ୍ତରରେ ବାଲ୍ୟ ବିବାହକୁ ରୋକିବାକୁ ସରକାର ଅନେକ ପଦକ୍ଷେପ ନେଉଥିବା ବେଳେ ସାମାଜିକ ପ୍ରଥା ଓ ପାରମ୍ପରିକ ଧାରଣା, ଲିଙ୍ଗ ଭିତ୍ତିକ ବିଷମତା, ଦାରିଦ୍ର୍ୟ ଓ ଆର୍ଥିକ ଅସୁବିଧା, ପ୍ରବାସ ଓ ଅନ୍ୟନ୍ୟା ସାମାଜିକ ଅସୁରକ୍ଷା, କିଶୋରୀମାନଙ୍କ ଶିକ୍ଷାର ଅଭାବ ପାଇଁ ରାଜ୍ୟର ଏହି ୧୨ଟି ଜିଲ୍ଲାରେ ବାଲ୍ୟ ବିବାହ ସଂଖ୍ୟା ବୃଦ୍ଧି ପାଇଥିବା ଶ୍ରୀମତୀ ପରିଡ଼ା କହିଛନ୍ତି।

ବାଲ୍ୟ ବିବାହ ରୋକିବାକୁ ଓଡ଼ିଶାରେ ବାଲ୍ୟ ବିବାହ ଅଧିନିୟମ-୨୦୦୬ ଲାଗୁ କରାଯାଇଛି। ପଞ୍ଚାୟତସ୍ତରୀୟ ଟାସ୍କ ଫୋର୍ସ କମିଟି ମାଧ୍ୟମରେ ତ୍ରୈମାସିକ ସମୀକ୍ଷା ବୈଠକ ଆୟୋଜନ କରାଯାଉଛି। ଅଙ୍ଗନବାଡ଼ି କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ ସହ ପ୍ରତି ୩ମାସରେ ବ୍ଲକ, ଗ୍ରାମ ପଞ୍ଚାୟତରେ ସଭାର ଆୟୋଜନ ଏଥିପାଇଁ ପୁଲିସର ସହାୟତା ନିଆଯାଉଛି। ସେହିପରି ଅକ୍ଷୟ ତୃତୀୟାରେ ବାଲ୍ୟ ବିବାହକୁ ରୋକିବାକୁ ଜନ ସଚେତନତା ସହ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ), ପଞ୍ଚାୟତ ଏକଜିକ୍ୟୁଟିଭ ଅଫିସର, ୱାର୍ଡେନ୍ସ ବା ମାଟ୍ରୋନ୍ ଅଫ୍ ରେସିଡେନସିଆଲ ହଷ୍ଟେଲ ଗୁଡ଼ିକୁ ବାଲ୍ୟ ବିବାହ ନିଷେଧ ଅଧିକାରୀ(ସିଏମପିଓ) ଭାବେର ସୂଚୀତ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗର ସମସ୍ତ ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକମାନଙ୍କୁ ବାଲ୍ୟ ବିବାହ ସୂଚନା ଅଧିକାରୀ ଭାବେ ସୂଚୀତ କରାଯାଇଛି। ସେହିପରି ପ୍ରତି ୬ମାସରେ ବାଲ୍ୟ ବିବାହ ରୋକିବା ପାଇଁ ରାଜ୍ୟସ୍ତରରେ ପିସିଏମଏ କମିଟି ବୈଠକ ଅନୁଷ୍ଠିତ ହେଉଛି। ତେବେ ଓଡ଼ିଶାର ୧୨ଟି ଜିଲ୍ଲାରେ ବାଲ୍ୟ ବିବାହ ହାର ଅଧିକ ରହିଥିଲେ ହେଁ ନ୍ୟାସନାଲ୍ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ ରିପୋର୍ଟ ଅନୁସାରେ, ବାଲ୍ୟ ବିବାହର ଜାତୀୟ ହାର ୨୩.୩% ରହିଥିବା ବେଳେ ଓଡ଼ିଶାର ହାର ୨୦.୫% ରହିଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ତେବେ ସମାଜିକ ପ୍ରଥା, ପାରମ୍ପରିକ ଧାରଣା, ଲିଙ୍ଗଭିତ୍ତିକ ବିଷମତା, ଦାରିଦ୍ର୍ୟ, ସାମାଜିକ ଅସୁରକ୍ଷା ଏବଂ କିଶୋରୀମାନଙ୍କ ଶିକ୍ଷାର ଅଭାବ ଯୋଗୁଁ ଏପରି ଘଟୁଛି ବୋଲି ବିଧାୟକ ଅମର ନାୟକଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

# 'ନବମ ୨.୦'ର ଟ୍ରେଲର ଲୋକାର୍ପିତ

'ନବମ ଶ୍ରେଣୀ ଝିଅଟା ଛାତିକୁ ମୋ ହଟ୍ କରୁଛି...' ହେଉଛି ୨୦୦୫ ମସିହାରେ ପ୍ରସିଦ୍ଧ ସିନେ ଗାୟକ ବିଭୁ କିଶୋର ଗାଇଥିବା ସବୁଠାରୁ ଲୋକପ୍ରିୟ ଗୀତ ମଧ୍ୟରୁ ଏହା ଅନ୍ୟତମ । ଯାହା ସେତେବେଳେ ସୁପରହିଟ୍ ହୋଇଥିଲା । ବିଭୁ କିଶୋର ଓ ରାକ୍ଷୀ ଦାଶଙ୍କ କନ୍ୟା ଇଶିତା ଉର୍ବି ଏହି ଗୀତକୁ 'ନବମ ୨.୦' ଭାବେ ପୁନଃ ସଂସ୍କରଣ କରିଛନ୍ତି । ଯାହାର ଟ୍ରେଲର ଇତି ମଧ୍ୟରେ ମୁକ୍ତିଲାଭ କରି ସାରିଛି । ଇଶିତା ଉର୍ବିଙ୍କ ପରିକଳ୍ପନାରେ ବିଭାସ ଏଣ୍ଟରଟେନ୍‌ମେଣ୍ଟ ପ୍ରସ୍ତୁତ 'ନବମ ୨.୦'ରେ ଅଭିନୟ କରିଛନ୍ତି ନେହା ନାଗେଶ୍ୱରୀ ଓ ଦୀପେଶ ସାମନ୍ତରାୟ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ବାପି ଦାସ । ସେହିପରି ପ୍ରଯୋଜନା ଇଶିତା ଉର୍ବି କରିଥିବା ବେଳେ ଗୀତଟି ଗାଇଛନ୍ତି ବିଭୁ କିଶୋର । ସଙ୍ଗୀତ ନିର୍ଦ୍ଦେଶନା ଗୌରବ ଆନନ୍ଦ ଦେଇଥିବା ବେଳେ ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ । ଖୁବ ଶୀଘ୍ର 'ବିଭାସ ଏଣ୍ଟରଟେନମେଣ୍ଟ' ୟୁଟ୍ୟୁବ୍ ଚ୍ୟାନେଲରେ ଏହା ପ୍ରସାରିତ ହେବ ।





# 'କାନ୍ଦ ମାଷ୍ଟ୍ରେ'ର ଅଡିଓ ରିଲିଜ୍

ନିକଟରେ ଓଡ଼ିଆ ଚଳଚ୍ଚିତ୍ର 'କାନ୍ଦ ମାଷ୍ଟ୍ରେ'ର ଅଡିଓ ଏବଂ ଟ୍ରେଲର ରିଲିଜ୍ ହୋଇଛି । ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥାଆନ୍ତି । ଏ ପରମ୍ପରା ଧୀରେ ଧୀରେ ନବେ ଦଶକଠୁ ଏକ ପ୍ରକାର ଲୋପ ପାଇ ବସିଲାଣି । ଏବେ ପ୍ରାୟତଃ ଆଉ କାନ୍ଦଣା ଦେଖିବାକୁ ମିଳୁ ନାହିଁ । ଏପରି ଏକ କହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ର ଚିତ୍ରଣ କରାଯାଇଛି । ନାଟ୍ୟକାର ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ପ୍ରଯୋଜନା କରିଥିବା ସହ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା, କାହାଣୀ ଓ ସଂଳାପ ଜାକିର ଖାନ୍ ଲେଖିଥିବାବେଳେ ଚିତ୍ରନାଟ୍ୟରେ ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା ଅଛନ୍ତି । ମୁଖ୍ୟ କଳାକାର ମଧ୍ୟରେ ଅଭିନେତ୍ରୀ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟ କରିଛନ୍ତି । ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ । ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଏବଂ ସନ୍ତୋଷ ନାୟକ । ଚଳଚ୍ଚିତ୍ରଟି ଫେବୃଆରୀ ଶେଷରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ ।



# 'ବର ବଧୂ'ରେ ରିତେନ୍‌ଙ୍କ କମାଲ୍

ନିକଟରେ ମୁକ୍ତିଲାଭ କରିଛି ଚନ୍ଦ୍ରମଣିଙ୍କ ପ୍ରଯୋଜିତ ତଥା ବିଶ୍ୱରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ବର ବଧୂ' । ଏହା ଗ୍ରାମ୍ୟ ବେକାରୀ ସମସ୍ୟା ଓ ଏକ ନିଆରା ପ୍ରେମ କାହାଣୀ ଉପରେ ଆଧାରିତ ଏକ ଭିନ୍ନ ସ୍ୱାଦର କଳାତ୍ମକ ସିନେମା । ଏଥିରେ ସମ୍ବଲପୁରର ଷ୍ଟାଣ୍ଡଅପ୍ କମେଡିଆନ୍ ରିତେନ୍ ପଟ୍ଟନାୟକ ଆଡ୍‌ଭୋକେଟ୍ ସାଧୁ ଚରିତ୍ରରେ ଅଭିନୟ କରି ଦର୍ଶକମାନଙ୍କର ମନ ଜିଣି ପାରିଛନ୍ତି । ସେ ସିନେମାରେ ନୋଟାରିଙ୍କ ଆପିଡେଭିଟ୍‌କୁ ମାରେଜ୍ ସାର୍ଟିଫିକେଟ୍ କହି ଏକ ଘଣ୍ଟାରେ ବିବାହ ରେଜିଷ୍ଟ୍ରେସନ୍ କରିପାରୁଥିବା ଦାବି କରି ଲୋକଙ୍କୁ ଠକି ଚାଲିଛନ୍ତି । ତାଙ୍କ ବାକ୍ ଚାତୁରୀ ଭରା ଅଭିନୟ ଶୈଳୀ ହୃଦୟସ୍ପର୍ଶୀ ହୋଇଛି । ଅଭିନେତ୍ରୀ ସୂର୍ଯ୍ୟମୟୀ ଓ ଶିବାନୀଙ୍କ ସହିତ ରିତେନ୍‌ଙ୍କ ଆଳାପ ମନଛୁଆଁ ହୋଇ ପାରିଛି । ରିତେନ୍ ହେଉଛନ୍ତି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ଦୀପେନ୍ କୁମାର ପଟ୍ଟନାୟକ ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରଶ୍ମିତା ମହାନ୍ତିଙ୍କ ଦ୍ୱିତୀୟ ପୁତ୍ର । ସେ ଓଡ଼ିଆ ଚଳଚ୍ଚିତ୍ର 'ରସଗୋଲା'ରେ ମଧ୍ୟ ଅଭିନୟ କରିଛନ୍ତି । କମେଡି ଅଭିନୟ ପାଇଁ ରିତେନ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି । ଓଡ଼ିଶା ବାହାରେ ମଧ୍ୟ ସେ କମେଡି କରି ବେଶ୍ ନାଁ କରିଛନ୍ତି ।

## ଟେଲିଭିଜନ ପ୍ରିମିୟର

# ଇନସ୍ପେକ୍ଟର ସନା


ଆଜି ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ଟେଲିଭିଜନ ପ୍ରିମିୟର ହେବ ସିନେମା 'ଇନସ୍ପେକ୍ଟର ସନା ।' କମେଡି, ଆକ୍ସନ ଏବଂ ରୋମାନ୍ସର ଏକ ଭରପୂର ମନୋରଞ୍ଜନ ପ୍ୟାକେଜ୍ ନେଇ ଆସୁଛି ଏହି ସିନେମା । ସନା ଜଣେ ଜଣାଶୁଣା ତ ଥ ।



ସରଳମନା ବ୍ୟକ୍ତି । ଯିଏ ଏକ ଅପରାଧମୁକ୍ତ ଗାଁରେ ନିଜର ହାସ୍ୟାସ୍ପଦ ଏବଂ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଛନ୍ତି । ତାଙ୍କ ଜୀବନରେ ଏକ ନୂଆ ମୋଡ଼ ଆସେ ଯେତେବେଳେ ସେ ଅନ୍ୟ ଏକ ଗାଁରେ ପୋଲିସ୍ ଅଫିସର୍ ଭାବେ ନିଯୁକ୍ତି ପାଇଛନ୍ତି । ସେଠାରେ ସନାଙ୍କ ସାମ୍ନାରେ ଏକ ବଡ଼ ଆହ୍ୱାନ ଥାଏ । ମନ୍ଦିରର ରତ୍ନଭଣ୍ଡାରରେ ଥିବା ପ୍ରାଚୀନ ଅଳଙ୍କାରକୁ ଜଣେ ଚତୁର ଖଳନାୟକ କବଳରୁ ରକ୍ଷା କରିବା । ତେବେ ଏହି ରୋମାଞ୍ଚକର ପରିସ୍ଥିତି ମଧ୍ୟରେ ସନାଙ୍କ ଜୀବନରେ ପ୍ରେମର ଆଗମନ କାହାଣୀକୁ ଆହୁରି ହୃଦୟସ୍ପର୍ଶୀ କରିଛି । ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ଭାବରେ ଅଭିନୟ କରିଛନ୍ତି ସୋସିଆଲ ମିଡ଼ିଆ ଷ୍ଟାର ଓ କମେଡିଆନ୍ ଅନୁଗୁଳିଆ ବଣ୍ଟି । ଅଶୋକ ଦାସ, ଅଭିଜିତ ମିଶ୍ର, ଅର୍ଚ୍ଚିତା ମହାନ୍ତି ପ୍ରମୁଖ କଳାକାର ଅଛନ୍ତି । 'ଅମରା ଷ୍ଟୁଡିଓଜ୍' ଦ୍ୱାରା ପ୍ରଯୋଜିତ ଏବଂ ନିର୍ଦ୍ଦେଶକ ରାଜା ଡି'ଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅସଦ୍ ନିଜାମ ଓ ଗୀତଗୁଡ଼ିକ ବେଶ୍ ଶ୍ରୁତି ମଧୁର ଏବଂ ଭାବପୂର୍ଣ୍ଣ ହୋଇଛି । ହାସ୍ୟରସ, ପ୍ରେମ ଏବଂ ସସପେନ୍ସରେ ଭରପୂର 'ଇନ୍ସପେକ୍ଟର ସନା' ସବୁ ବର୍ଗର ଦର୍ଶକଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ମନୋରଞ୍ଜନର ଖୋରାକ ଯୋଗାଇବ ।

## ପରଦା ପଛର କାହାଣୀ

# ସଙ୍ଗୀତକାରଙ୍କ ଗୋଡ଼ ଧରି ଗୀତିକାରଙ୍କ କ୍ଷମା ପ୍ରାର୍ଥନା



୧୯୯୯ ମସିହାରେ ମୁକ୍ତିଲାଭ କରିଥିଲା ଆକ୍ସନ ଥ୍ରୀଲର୍ ଫିଲ୍ମ 'କଚ୍ଚେ ଧାଗେ' । ମିଲନ ଲୁଥ୍‌ରିୟା ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଜୟ ଦେବଗନ ଓ ସୈଫ୍ ଅଲ୍ଲୀ ଖାନ୍ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିଲେ । ଏହି ଫିଲ୍ମର କାହାଣୀ ଅଞ୍ଜୁମ ରାଜାବାଲୀ ଓ ସଂଳାପ ସଞ୍ଜୟ ଛୈଲ - ମିଲନ ଲୁଥରିୟା ଲେଖିଥିଲେ । ଫିଲ୍ମର ମ୍ୟୁଜିକ୍ ପାକିସ୍ତାନୀ ଗାୟକ ନୁସ୍‌ରତ୍ ଫତେହ ଅଲୀ କମ୍ପୋଜ କରିଥିଲେ । ଏଥିରେ ମୋଟ ଆଠଟି ଗୀତ ରହିଛି । ପ୍ରତ୍ୟେକ ଗୀତ ସୁପରହିଟ୍ ହୋଇଥିଲା । ଫିଲ୍ମରେ ଗୀତ ସୁଟିଂ ପଛରେ ଏକ କାହାଣୀ ରହିଛି । ନିଜର ଆତ୍ମଗର୍ବ





ଏବଂ ଅହଙ୍କାର ପାଇଁ ଗୀତିକାର ଆନନ୍ଦ ବକ୍ସି, ସଙ୍ଗୀତକାର ନୁସ୍‌ରତ ଫତେହ ଅଲୀଙ୍କୁ ଭେଟିବାକୁ ଚାହୁଁ ନ ଥିଲେ । ଫିଲ୍ମର ଗୀତ ପାଇଁ ସଙ୍ଗୀତକାର ନୁସ୍‌ରତ୍ ଫତେହ ପାକିସ୍ତାନରୁ ଆସି ମୁମ୍ବାଇର ଏକ ହୋଟେଲରେ ରହୁଥିଲେ । ମାସ ମାସ ଧରି ସେ ହୋଟେଲରେ କେବଳ ଗୀତ କମ୍ପୋଜ୍ ପାଇଁ ରହିଥିଲେ । ସେ ସମୟରେ ତାଙ୍କର ଓଜନ ବୃଦ୍ଧି ହୋଇଯାଇଥିଲା । ସେ ଠିକ୍‌ରେ ଚାଲି ପାରୁ ନଥିଲେ । ଚାରିପାଞ୍ଚ ଜଣ ଲୋକଙ୍କ ସହାୟତାରେ ସେ ଯିବା ଆସିବା କରୁଥିଲେ । ଏଥିପାଇଁ ସେ ହୋଟେଲ୍‌ରେ ଗୀତିକାର ଆନନ୍ଦ ବକ୍ସିଙ୍କ ସହ ଆଲୋଚନା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖିଥିଲେ । ସମସ୍ତେ ଅପେକ୍ଷା କରିଥିଲେ ହେଲେ ସେହି ସମୟରେ ବକ୍ସି ଆସି ନଥିଲେ । ତାଙ୍କୁ ଅପେକ୍ଷା କରି କରି ପାଞ୍ଚଦିନ ବିତିଗଲା । ହେଲେ ଆନନ୍ଦ ଆଲୋଚନା ନିମନ୍ତେ ଆସୁ ନଥିବା ପଛର କାରଣ ନୁସ୍‌ରତ ବୁଝି ପାରୁ ନ ଥିଲେ । ବକ୍ସି ଯାହା ଗୀତ ଲେଖି ପଠାଉଥିଲେ ତାକୁ ନୁସ୍‌ରତ୍ ପ୍ରତ୍ୟାଖ୍ୟାନ କରୁଥିଲେ । ନୁସ୍‌ରତ ଯେଉଁ ଧୁନ୍ ତିଆରି କରୁଥିଲେ ତାକୁ ବକ୍ସି ରିଜେକ୍ଟ କରି ଦେଉଥିଲେ । ଏହିପରି ୧୫ ଦିନ ଚାଲିଲା । ଶେଷରେ ବକ୍ସିଙ୍କୁ ଭେଟିବାକୁ ନୁସରତ୍ ସ୍ଥିର କଲେ । ସେ ନିର୍ଦ୍ଦେଶକ ମିଲନ ଲୁଥରିୟାଙ୍କ ସହ ବାନ୍ଦ୍ରା ପହଞ୍ଚିଥିଲେ । ବକ୍ସି ଯେଉଁଠି ରହୁଥିଲେ ସେଠାରେ ଲିଫ୍ଟ ନ ଥିଲା । ନୁସ୍‌ରତ୍ ଚାରି ଜଣ ଲୋକଙ୍କ ସହାୟତାରେ ଖୁବ୍ କଷ୍ଟରେ ତାଙ୍କ ପାଖରେ ପହଞ୍ଚିଥିଲେ । ବକ୍ସି ଏହି ଦୃଶ୍ୟକୁ ଝରକାରୁ ଦେଖି ଖୁବ୍ ଦୁଃଖ ପ୍ରକାଶ କରିଥିଲେ । ସେ ଗେଟ୍‌ରେ ପହଞ୍ଚି ନୁସ୍‌ରତ୍‌ଙ୍କୁ ଦେଖି ଜୋର୍‌ରେ କାନ୍ଦି ଥିଲେ । ତାଙ୍କ ଗୋଡ଼ ଧରି ପକାଇଥିଲେ । କହିଥିଲେ – "ମୁଁ ଅହଂକାରୀ ଥିଲି । ମନେ ମନେ ଭାବୁଥିଲି ଅନ୍ୟ ଦେଶରୁ ଆସିଥିବା ସଙ୍ଗୀତକାରଙ୍କ ପାଖକୁ ମୁଁ କାହିଁ ଯିବି ! ସେ ମୋ ପାଖକୁ ଆସନ୍ତୁ । ମତେ କ୍ଷମା କରି ଦିଅନ୍ତୁ । କାଲିଠୁ ମୁଁ ଆପଣଙ୍କ ପାଖକୁ ଯିବି ।" ତେବେ ୧୯୯୭ ମସିହାରେ ନୁସ୍‌ରତ୍ ଫତେହ ଅଲୀଙ୍କ ମୃତ୍ୟୁ ହୋଇଥିଲା । 'କଚ୍ଚେ ଧାଗେ'ର ଅଧିକାଂଶ ଗୀତ ତାଙ୍କ ମୃତ୍ୟୁ ପରେ ରେକର୍ଡ ହୋଇଥିଲା ।

## ସାକ୍ଷାତକାର

**କଥାରେ ଅଛି ଦୃଢ଼ ମନୋବଳ ଆଉ ଅଦ୍ୟମ ଇଚ୍ଛାଶକ୍ତି ଯେକୌଣସି କଠିନ କାର୍ଯ୍ୟକୁ ସହଜ କରେ । ଯେ କୌଣସି ବ୍ୟକ୍ତିଙ୍କୁ ସଫଳତା ଦେଇପାରେ । ଏହି ଉକ୍ତି ସତ ପ୍ରମାଣିତ ହୋଇଛି ଆଦିତ୍ୟଙ୍କ କ୍ଷେତ୍ରରେ । ଭୁବନେଶ୍ୱରର ଆଦିତ୍ୟ ମହାପାତ୍ର । ଅଧ୍ୟୟନ ସମୟରେ ସେ ଡ୍ରାମା କରୁଥିଲେ । ତାଙ୍କ ଅଭିନୀତ ଡ୍ରାମା ଦେଖି ଫିଲ୍ମ ପ୍ରଯୋଜକ ସଞ୍ଜୟ ନାୟକ ତାଙ୍କୁ 'ଆଇ ଲଭ୍ ୟୁ-୨' ସିନେମାରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ । ଏବେ ଆଦିତ୍ୟ 'ମୋନଷ୍ଟର୍' ସୁଟିଂରେ ବ୍ୟସ୍ତ ରହିଛନ୍ତି । ରୋମାଣ୍ଟିକ୍ ନାୟକରୁ ସିଧା ମୋନଷ୍ଟର ଚରିତ୍ର ନିଭାଇବାକୁ ଆଦିତ୍ୟଙ୍କୁ କେତେ ପରିଶ୍ରମ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ ।**

# "ଦର୍ଶକଙ୍କୁ ବାନ୍ଧି ରଖିବା ପାଇଁ ବାସ୍ତବ କାହାଣୀ ଆବଶ୍ୟକ"

**ଆଦିତ୍ୟ ମହାପାତ୍ର, ଅଭିନେତା**

**କଳା ଜଗତକୁ କେମିତି ଆସିଲେ?**

● ମୋ ବାପା ଜଣେ ପ୍ରଶାସନିକ ଅଧିକାରୀ । ମୁଁ କିଟ୍‌ରେ ବିବିଏ କରୁଥିଲି । ସିଭିଲ୍ ସର୍ଭିସ୍ କରିବି ବୋଲି ଭାବିଥିଲି । ସେତେବେଳେ କଲେଜ୍ ଫଙ୍କସନ୍‌ରେ ମୁଁ ଡ୍ରାମା କରୁଥିଲି । ଥରେ କଲେଜ୍‌ରେ ଟୁଟୁ ଦାଦା ମୋ ଡ୍ରାମା ଦେଖି ବହୁତ ଭଲ ଅଭିନୟ କରୁଛୁ ବୋଲି ପ୍ରଶଂସା କରିଥିଲେ । ତାଙ୍କୁ ଭେଟିବା ପାଇଁ ମୋତେ ସେ ପ୍ରସ୍ତାବ ଦେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ଭେଟିଥିଲି । ଆଉ ତାଙ୍କରି ପ୍ରେରଣାରେ ହିଁ କଳା ଜଗତକୁ ଟାଣି ହୋଇ ଆସିଥିଲି ।

**'ଆଇ ଲଭ୍ ୟୁ-୨'ରେ କାମ କରିବାକୁ କେତେ ପରିଶ୍ରମ କରିବାକୁ ପଡ଼ିଥିଲା?**

● ଟୁଟୁ ଦାଦା ମୋତେ ନେଇ 'ଆଇ ଲଭ୍ ୟୁ-୨' ସିନେମା କରିବାକୁ ଚିନ୍ତା କରିଥିଲାବେଳେ ମୋର ଓଜନ ୧୪୮ କେଜି ଥିଲା । ତେଣୁ ପ୍ରଥମେ ମୋତେ ଓଜନ କମାଇ ଡ୍ୟାନ୍ସ ଶିଖିବାକୁ କୁହାଯାଇଥିଲା । ଗିରିଶ ସାର୍‌ଙ୍କ ପାଖରୁ ଡ୍ୟାନ୍ସ ଶିଖିଲି । ଦୁଇ ବେଳା ଜିମ୍ ଯାଉଥିଲି । 'ଆଇ ଲଭ୍ ୟୁ-୨' ସୁଟ୍‌ର ଅଢ଼େଇ ମାସ ପୂର୍ବରୁ ସୁଧାଂଶୁ ସାର୍ ମୋର ୱାର୍କସପ୍ କରାଇଥିଲେ । କ୍ୟାମେରା ସାମ୍ନାରେ କିପରି ଅଭିନୟ କରିବି, ସେ ବିଷୟରେ ତାଲିମ ଦେଇଥିଲେ । ଏହା ପରେ ସୁଟିଂ କରିଥିଲି ।

**ଅପ୍‌ସରା ରାନୀଙ୍କ ସହ କାମ କରିବାର ଅନୁଭୂତି?**

● ତାଙ୍କ ସହିତ କାମ କରିବାକୁ ଖୁସି ଲାଗିଥିଲା । ସେ ବିଭିନ୍ନ ଫିଲ୍ମ ଇଣ୍ଡଷ୍ଟ୍ରିରେ ଲୋକପ୍ରିୟ କଳାକାରଙ୍କ ସହ କାମ କରିଛନ୍ତି । ତାଙ୍କର ଅଭିଜ୍ଞତା ଢେର୍ । ତେଣୁ କେମିତି ଅଭିନୟ କରାଯିବ, ସମୟାନୁବର୍ତ୍ତିତା ଏବଂ ଶୃଙ୍ଖଳିତ ରହି ତାଙ୍କଠୁ ଶିଖିଛି ।

**ପ୍ରଥମ ସିନେମାରେ ଦର୍ଶକଙ୍କ ପ୍ରତିକ୍ରିୟା କେମିତି ଥିଲା?**

● ପ୍ରଥମରୁ ତିନିରୁ ଚାରିଦିନ ଦର୍ଶକ ବହୁତ ଭଲପାଇବା ଦେଇଥିଲେ । ହେଲେ ଆମ ଇଣ୍ଡଷ୍ଟ୍ରିର କିଛି ଲୋକମାନେ ଜାଣିଶୁଣି ଫିଲ୍ମକୁ ଖରାପ ରିଭ୍ୟୁ ଦେଇ ଫିଲ୍ମର ବ୍ୟବସାୟରେ ବାଧା ସୃଷ୍ଟି କରିଥିଲେ । ଫିଲ୍ମ ରିଲିଜ୍ କରିବାକୁ ସୁଯୋଗ ଦିଆଗଲା ନାହିଁ । ଓଡ଼ିଶାରେ ୪୦ ବଦଳରେ କେବଳ ୧୧ଟି ସ୍କ୍ରିନ୍‌ରେ ଫିଲ୍ମ ରିଲିଜ୍ ହୋଇଥିଲା । ଏହି ସିନେମାଟି ବହୁତ ରାଜନୀତିର ସମ୍ମୁଖୀନ ହୋଇଥିଲା । ଦର୍ଶକମାନେ ମୋ ଡ୍ୟାନ୍ସ ଷ୍ଟେପ୍‌କୁ ନେଇ ଭିନ୍ନ ଭିନ୍ନ ମତ ରଖିଥିଲେ ।

**ଖାଲି ସମୟରେ କ'ଣ କରନ୍ତି?**

● ସକାଳୁ ଉଠି ଜିମ୍ ଯାଏ । ଘରେ ପପି ସହ ସମୟ ବିତାଏ । ଅନ୍ୟ ଭାଷାଭାଷୀର କଳାକାରମାନଙ୍କର ସିନେମା ଦେଖେ । କାହାଣୀ ଲେଖିବାକୁ ବି ପସନ୍ଦ କରେ ।

**'ମୋନଷ୍ଟର୍'କୁ ନେଇ କ'ଣ କହିବେ?**

● ମୋନଷ୍ଟର' ସିନେମାଟି ଓଡ଼ିଶାର ସବୁଠୁ ଭାଇଲେଣ୍ଟ ସିନେମା ହେବ । ଲଜିକ୍ ସହିତ । ଏଥିରେ ମୋ ବିପକ୍ଷରେ ଅଛନ୍ତି ଦିବ୍ୟଜ୍ୟୋତି ତ୍ରିପାଠୀ । ଏହା ଏକ ଫ୍ୟାମିଲି ଇମୋସନ୍ ଡ୍ରାମା । ଏଥିରେ ମୋର ଭିନ୍ନ ଭିନ୍ନ ଚରିତ୍ର ଅଛି । ଅତୀତରେ ମୋ ସହିତ ଏମିତି କିଛି ଘଟିଛି ଯାହା ମୋତେ ପରିବର୍ତ୍ତନ କରିଛି । ଏହା ପରେ ମୁଁ ମୋର ପରିବାରଠାରୁ ଦୂରେଇ ଯାଉଛି । ଗୋଟେ ଗୋଟେ ମୁହୂର୍ତ୍ତରେ କେତେ ଭୟଙ୍କର ହୋଇଛି ତାହା ଦେଖିବାକୁ ମିଳିଛି । ଏହି ଚରିତ୍ର ପାଇଁ ମୋତେ ବହୁତ ପରିଶ୍ରମ କରିବାକୁ ପଡ଼ିଛି ।

**ଡ୍ରିମ୍ ରୋଲ?**

● ମୋର ଯାହା ଡ୍ରିମ ରୋଲ୍ ଥିଲା ସେମିତି ଏକ ଚରିତ୍ର ମୋତେ 'ମୋନଷ୍ଟର୍'ରେ ମିଳିଛି ।

**କେଉଁ ଭଳି ସିନେମାରେ କାମ କରିବାକୁ ଇଚ୍ଛା ଅଛି?**

● ଦର୍ଶକଙ୍କୁ ବାନ୍ଧି ରଖିବାକୁ ହେଲେ ବାସ୍ତବ କାହାଣୀ ସହିତ ବିଗ୍ ବଜେଟ ସିନେମା କଲେ ସଫଳ ମିଳିବ । ଏହି ଚିନ୍ତାଧାରା ପାଇଁ ପ୍ରଥମ ସିନେମା ପରେ ବର୍ଷେ ଚୁପ୍ ବସିଥିଲି । ୧୦ରୁ ୧୨ଟି ସିନେମାରେ କାମ ମିଳିଥିଲେ ବି ମୁଁ ତାକୁ ପ୍ରତ୍ୟାଖ୍ୟାନ କରିଥିଲି ।

**ଅଭିନୟ ଜଗତକୁ ଆସୁଥିବା ପିଲାମାନଙ୍କୁ କ'ଣ କହିବେ?**

● କେବେ ନିଜ ମନୋବଳ ଭାଙ୍ଗନ୍ତୁନି । ଧୈର୍ଯ୍ୟ ରଖନ୍ତୁ । ନିଜ କାମକୁ ଗୁରୁତ୍ୱ ଦିଅନ୍ତୁ । କେବେ ହାର ମାନିବା କଥା ନୁହେଁ ।



## ଅଷ୍ଟ୍ରେଲିଆ ବିପକ୍ଷ ମହିଳା ଟି-୨୦ ମୁକାବିଲା; ମନ୍ଧାନା ଶ୍ରେଷ୍ଠ ଖେଳାଳି

# ୧୦ ବର୍ଷ ପରେ ଭାରତର ସିରିଜ୍ ବିଜୟ

ଆଡିଲେଡ ଓଭାଲ,୨୧।୨(ଏଜେନ୍ସି):

ସ୍ମୃତି ମନ୍ଧାନା ଓ ଜେମିମା ରୋଡ୍ରିଗ୍ସଙ୍କ ଦମ୍‌ଦାର ବ୍ୟାଟିଂ ସାଙ୍ଗକୁ ସ୍ପିନରଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଶନିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ମହିଳା ଟି-୨୦ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହା ଫଳରେ ଦୀର୍ଘ ୧୦ ବର୍ଷ ପରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଟି-୨୦ ସିରିଜ୍ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ ୨୦୧୬ରେ ମିତାଲି ରାଜଙ୍କ ନେତୃତ୍ୱରେ ଗଠିତ ଭାରତୀୟ ମହିଳା ଦଳ ପ୍ରଥମଥର ଅଷ୍ଟ୍ରେଲିଆ ବିପକ୍ଷରେ ସିରିଜ୍ କବ୍‌ଜା କରିଥିଲା। ଏହି ସିରିଜ୍ ମଧ୍ୟ ଅଷ୍ଟ୍ରେଲିଆରେ ଖେଳାଯାଇଥିଲା। ଏହାର ଅର୍ଥ ଭାରତ ଘରୋଇ ମାଟିରେ ଅଷ୍ଟ୍ରେଲିଆକୁ କେବେ ପରାଜିତ କରିବାରେ ସମର୍ଥ ହୋଇନାହିଁ। ଆଡିଲେଡ ଓଭାଲରେ ଶନିବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଭାରତ ପକ୍ଷରୁ ୫୫ ବଲ୍‌ରେ ୮୨ ରନ୍ କରିଥିବା ସ୍ମୃତି ମନ୍ଧାନାଙ୍କୁ ମ୍ୟାଚ୍ ଏବଂ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହା ପରେ ଦୁଇ ଦେଶ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ।



ଏହି ଫର୍ମାଟରେ ଭାରତ ଏବେ ଚାମ୍ପିଅନ ରହିଛି। ସେମିଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଅଷ୍ଟ୍ରେଲିଆ ଏହି ପରାଜୟର ପ୍ରତିଶୋଧ ନେବା ଲାଗି ଅପେକ୍ଷା କରିଥିଲାବେଳେ ଅବସର ନେବାକୁ ଘୋଷଣା କରିଥିବା ଆଲିସା ହିଲିଙ୍କୁ ଶେଷଥର ଲାଗି ଏହି ସିରିଜ୍‌ରେ ଅଷ୍ଟ୍ରେଲିଆ ଖେଳିବାକୁ ସୁଯୋଗ ଦେଇଛି। ସିରିଜ୍‌ର ମ୍ୟାଚ୍ ଗୁଡିକ ଫେବୃଆରୀ ୨୪, ୨୭ ଓ ମାର୍ଚ୍ଚ ୧ରେ ଖେଳାଯିବ।

ଆଡିଲେଡ୍ ଓଭାଲରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୭୬ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ସ୍ମୃତି ମନ୍ଧାନା ୫୫ ବଲ୍‌ରେ ୮୨ ଓ ଜେମିମା ରୋଡ୍ରିଗ୍ସ ୪୬ ବଲ୍‌ରେ ୫୯ ରନ୍ କରିଥିଲା। ଏମାନଙ୍କ ଦ୍ୱିତୀୟ ୱିକେଟ ଭାଗୀଦାରିରୁ ୮୨ ବଲ୍‌ରେ ୧୨୧ ରନ୍ ସଂଗୃହୀତ ହେବା ଫଳରେ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୭୬ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୫୯ ରନ୍ କରିଥିଲା। ଦଳ ପକ୍ଷରୁ ଆଶଲେ ଗାର୍ଡନର ୪୫ ବଲ୍‌ରେ ଲଢୁଆ ୫୭ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଫୋଏବି ଲିଚଫିଲ୍ଡ ୨୬ ରନ୍ କରିଥିଲାବେଳେ ଅନ୍ୟ ସମସ୍ତ ବ୍ୟାଟର ବିଫଳ ହୋଇଥିଲେ। ଭାରତ ପକ୍ଷରୁ ଦୁଇ ସ୍ପିନର ଶ୍ରେୟଙ୍କା ପାଟିଲ ଓ ଶ୍ରୀଚରଣି ୪ ଓଭର ଲେଖାଏଁ ବୋଲିଂ କରି ଯଥାକ୍ରମେ ୨୨ ଓ ୩୨ ରନ୍ ଦେଇ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଅରୁନ୍ଧତୀ ରେଡ୍ଡୀ ୨ଟି ଓ ରେଣୁକା ସିଂ ଠାକୁର ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

ଭାରତ ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଡିଏଲଏସ୍ ମେଥଡ ଅନୁଯାୟୀ ୨୧ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୧୯ ରନ୍‌ରେ ବିଜୟୀ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ : ୧୭୬/୬, ୨୦ ଓଭର** (ସ୍ମୃତି ମନ୍ଧାନା-୮୨, ଜେମିମା ରୋଡ୍ରିଗ୍ସ-୫୯, ଆନାବେଲ ସଦରଲାଣ୍ଡ-୨/୩୪)।

**ଅଷ୍ଟ୍ରେଲିଆ : ୧୫୯/୯, ୨୦ ଓଭର** (ଆଶଲେ ଗାର୍ଡନର-୫୭, ଫୋଏବି ଲିଚଫିଲ୍ଡ-୨୬, ଶ୍ରେୟଙ୍କା ପାଟିଲ-୩/୨୨, ଶ୍ରୀ ଚରଣି-୩/୩୨, ଅରୁନ୍ଧତୀ ରେଡ୍ଡୀ-୨/୩୫)।

# ପାକିସ୍ତାନ-ନ୍ୟୁଜିଲାଣ୍ଡ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ୍

କଲମ୍ବୋ, ୨୧।୨ (ଏଜେନ୍ସି): କ୍ରମାଗତ ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆଜି ଏଠାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ର ପ୍ରଥମ ସୁପର ଏଇଟ୍‌ସ ମୁକାବିଲାକୁ ବାତିଲ କରାଯାଇଛି। ଏହି ମୁକାବିଲାର କୌଣସି ରିଜର୍ଭ ଦିବସ ନ ଥିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଗ୍ରୁପ୍-୨ର ପ୍ରଥମ ମ୍ୟାଚ୍ ବର୍ଷାରେ ଧୋଇଗଲା ପରେ ଆସନ୍ତାକାଲି ଆଉ ୨ଟି ମ୍ୟାଚ୍ ଗୋଟିଏ ଦିନରେ ଖେଳାଯିବ। ଏହା ମଧ୍ୟରୁ ଗ୍ରୁପ୍-୨'ରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ପାଲିକେଲେରେ ଖେଳାଯିବ। ଏଠାରେ ମଧ୍ୟ ବର୍ଷା ବାଧକ ସାଜିପାରେ ବୋଲି ଅନୁମାନ କରାଯାଉଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ଟି ଅହମ୍ମଦାବାଦ୍‌ରେ ଖେଳାଯିବ। ଗ୍ରୁପ୍-୧'ରେ ସ୍ଥାନ ପାଇଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ହାଇ ଭୋଲଟେଜ୍ ମ୍ୟାଚ୍ ଖେଳାଯିବ। କ୍ରିକେଟ ଜଗତର ୪ ମହାରଥୀ ଆସନ୍ତାକାଲି ଆମ୍ନା ସାମ୍ନା ହେବେ।

ଆଜି ଖେଳ ଆରମ୍ଭରେ ବର୍ଷା ନ ଥିଲା। ଏଣୁ ଟସ୍ ପଡ଼ିଥିଲା। ଏଥିରେ ପାକିସ୍ତାନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ବର୍ଷା ଆରମ୍ଭ ହୋଇଥିଲା। ଯାହା ଫଳରେ ଖେଳକୁ ବନ୍ଦ ରଖାଯାଇଥିଲା। ରାତି ୯ଟା ପର୍ଯ୍ୟନ୍ତ ବର୍ଷା ଛାଡିବାର କୌଣସି ସୂଚନା ମିଳି ନ ଥିଲା। ଅନବରତ ବର୍ଷା ଯୋଗୁଁ ପଡ଼ିଆ ମଧ୍ୟ ଓଦା ହୋଇଯାଇଥିଲା। ଯାହା ଫଳରେ ଖେଳ ଆଉ ସମ୍ଭବ ହେବାର କୌଣସି ଆଶା ନ ରହିବାକୁ ଦୁଇ ଅମ୍ପାୟାର ପଲ ରିଫେଲ ଓ ରଡ ଟକର ମ୍ୟାଚ୍‌କୁ ବାତିଲ କରିବାକୁ ଘୋଷଣା କରିଥିଲେ। ମ୍ୟାଚ୍ ବାତିଲ ଯୋଗୁଁ ଉଭୟ ଦଳକୁ ନିରାଶ ହେବାକୁ ପଡ଼ିଛି।

## ପ୍ରୋ ଲିଗ୍ ହକି: ଭାରତର ପଞ୍ଚମ ପରାଜୟ

ଆଡିଲେଡ୍,୨୧।୨(ଏଜେନ୍ସି): ପୁରୁଷ ହକି ପ୍ରୋ ଲିଗ୍‌ର ଅଷ୍ଟ୍ରେଲିଆ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି। ଶକ୍ତିଶାଳୀ ସ୍ପେନ୍ ୨-୦ ଗୋଲରେ ଭାରତକୁ ପରାସ୍ତ କରି ଏହି ବିଜୟ ହାସଲ କରିଛି। ଭାରତ ଆରମ୍ଭରୁ ଭଲ ଆକ୍ରମଣ କରିଥିଲେ ମଧ୍ୟ ସ୍ପେନ୍ ପ୍ରତ୍ୟାକ୍ରମଣ କରି ଭାରତକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲା। ଯାହା ଫଳରେ ଫରୱାର୍ଡ ଖେଳାଳି ଇଗ୍ନାସିଓ ଆବାଜୋ ଓ ଇଗ୍ନାସିଓ କୋବୋସ ଉଭୟ ହାଫ୍‌ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ଜିତାଇଥିଲେ। ରାଉରକେଲା ଲେଗ୍‌ରେ ଖେଳାଯାଇଥିବା ପ୍ରୋ-ଲିଗ୍ ମୁକାବିଲାରେ ଭାରତ ୪ଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଏଠାରେ ଭାରତ ତାହାର ପରବର୍ତ୍ତୀ ମ୍ୟାଚ ଅଷ୍ଟ୍ରେଲିଆ ସହ ହୋବାର୍ଟରେ ଫେବୃଆରୀ ୨୨ ବା ଆସନ୍ତାକାଲି ଖେଳିବ।

## ପେରୁ କ୍ଲବ୍ ଲାଗି ଗୋଲ ଦେଲେ ମନୀଷା

ନୂଆଦିଲ୍ଲୀ,୨୧।୨(ଏଜେନ୍ସି): ଭାରତର ଉଦୀୟମାନ ମହିଳା ଫରୱାର୍ଡ ଖେଳାଳି ମନୀଷା କଲ୍ୟାଣ ପେରୁର ଚାମ୍ପିଅନ କ୍ଲବ୍ ଆଲିଆଞ୍ଜା ଲିମା ପକ୍ଷରୁ ଗୋଲ ସ୍କୋର କରିଛନ୍ତି। ଏହି ମ୍ୟାଚ୍‌ରେ ଦଳ ବିଜୟୀ ହୋଇଛି। ବିଦେଶୀ କ୍ଲବ୍ ପକ୍ଷରୁ ଖେଳି ସେ ଦ୍ୱିତୀୟଥର ଗୋଲ ସ୍କୋର କରିଛନ୍ତି। ପୂର୍ବରୁ ସାଇପ୍ରସ ଓ ଗ୍ରୀସ୍‌ରେ ସେ ଖେଳିବା ପରେ ଚଳିତବର୍ଷ ଜାନୁଆରୀ ମାସରେ ଲିମା ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ଏହି କ୍ଲବ୍ ପକ୍ଷରୁ ସେ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଦଳ ୩-୧ରେ ଡିପୋଟିଭା ୟୁନିଭର୍ସିଟାରିଆକୁ ହରାଇଥିଲେ। ଚିଲିରେ କ୍ଲବ ଏକ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲାରେ ୟୁନିଭର୍ସିଡାଡ କାଟୋଲିକା ବିପକ୍ଷରେ ୪-୧ରେ ବିଜୟୀ ହୋଇଥିଲା। ପୂର୍ବରୁ ଦକ୍ଷିଣ ଆମେରିକାରେ ମନୀଷା ୨୦୨୧ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ବ୍ରାଜିଲଠାରୁ ୬-୧ ଗୋଲରେ ଭାରତ ପରାଜିତ ହୋଇଥିଲାବେଳେ ଏହି ଗୋଲଟି ମନୀଷା ସ୍କୋର କରିଥିଲେ।

### ଏଡିସିଏ ଟି-୨୦ ଏସିଆ କପ୍

## ନେପାଳକୁ ହରାଇଲା ଶ୍ରୀଲଙ୍କା




ଭୁବନେଶ୍ୱର,୨୧।୨(ସମିସ): କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏଡିସିଏ ଟି-୨୦ ଏସିଆ କପ୍‌ରେ ଶନିବାର ଶ୍ରୀଲଙ୍କା ୬ ୱିକେଟରେ ନେପାଳକୁ ପରାସ୍ତ କରିଛି। ଟସ୍ ଜିତି ନେପାଳ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ମାତ୍ର ୬୧ ରନକରି ଅଲଆଉଟ ହୋଇଥିଲା। ଶ୍ରୀଲଙ୍କା ଶୃଙ୍ଖଳିତ ବୋଲିଂ ଆଗରେ ନେପାଳ ବ୍ୟାଟର ତିଷ୍ଠି ପାରି ନଥିଲେ। ନେପାଳ ତରଫରୁ ହିମଲ ଗୁରାଗେନ୍ ଅପରାଜିତ ୧୪, ବୈଦନାଥ ଚୌଧୁରୀ ୧୪ ଓ ଅଭିଷେକ କୁମାର ମିଶ୍ର ୧୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଶ୍ରୀଲଙ୍କାର ଜିହାନ ଲାସିତୁ ଡେ ସିଲ୍‌ଭା ୪, ଆଲାନରୋଜ କାରେପ୍ ୨ ଓ ଅଶଙ୍କା ମଞ୍ଜୁଳା ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଶ୍ରୀଲଙ୍କା ୧୦.୩ ଓଭରରେ ୪ ୱିକେଟ ହରାଇ ୬୪ ରନ ସଂଗ୍ରହ କରିବା ସହ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଶ୍ରୀଲଙ୍କାର ଆଲାନରୋଜ କାଲେପ୍ ୧୯, ଗୋୟୁମ ଶନକା ୧୬, ଦିନୁକା ସଚିନ ୧୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ନେପାଳ ତରଫରୁ ଅଭିଷେକ, ଅଂଶୁ କୁମାର ଯାଦବ ଓ ବୈଦନାଥ ଚୌଧୁରୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ବିହାରୀଲାଲ କ୍ରିକେଟ

## ରାମେଶ୍ୱର ଓ କିଶୋର ଫାଇନାଲ ମୁକାବିଲା

ଭୁବନେଶ୍ୱର,୨୧।୨(ସମିସ): ରାଜଧାନୀର ଦୁଇ ପ୍ରତିଷ୍ଠିତ କ୍ଲବ୍ ରାମେଶ୍ୱର ସ୍ପୋର୍ଟିଂ ଓ କିଶୋର କ୍ଲବ୍ ମଧ୍ୟରେ ବିହାରୀଲାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଖେଳାଯିବ। ଆଜିର ପ୍ରଥମ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂ ୨୪ ରନ୍‌ରେ ମହାବୀର ସ୍ପୋର୍ଟିଂକୁ ଏବଂ ଦ୍ୱିତୀୟ ସେମିଫାଇନାଲରେ କିଶୋର କ୍ଲବ୍ ୧୪ ରନ୍‌ରେ ମୁକ୍ତେଶ୍ୱର କ୍ଲବ୍‌କୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ଭେଟେରାନ କାଟାଗୋରୀର ଫାଇନାଲ ମୁକାବିଲା କିଶୋର କ୍ଲବ୍ ଓ ପୁରୀର ଜେପି ବ୍ଲାଷ୍ଟର୍ସ ମଧ୍ୟରେ ଖେଳାଯିବ। ଆଜିର ଖେଳରେ ବିହାରୀଲାଲ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଜେନା ଓ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

### ତମାଣ୍ଡୋ ପ୍ରିମିୟର ଲିଗ୍

## ଫାଇନାଲରେ ଟିସିସି-ଆଦିତ୍ୟ ଏକାଦଶ

ଭୁବନେଶ୍ୱର,୨୧।୨(ସମିସ): ମ୍ୟାନ୍ ଅଫ୍ ଦି ମ୍ୟାଚ୍ ତଥା ୱିକେଟରକ୍ଷକ ଅଶ୍ୱିନ କୁମାର ଖଟେଇଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ୟୁବି ରକ୍‌ଷ୍ଟାରଙ୍କୁ ୩ ୱିକେଟରେ ହରାଇ ଆଦିତ୍ୟ ଏକାଦଶ ଦ୍ୱିତୀୟ ଦଳ ଭାବେ ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ହେବାକୁ ଥିବା ଫାଇନାଲରେ ଆଦିତ୍ୟ ଏକାଦଶ ସହ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି)ର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଟିସିସି ୪୫ ରନ୍‌ରେ ସମ୍ବଲପୁରର ଏମ୍‌ଏମ୍‌ସିସିକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ରବିବାର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ୟୁବି ରକ୍‌ଷ୍ଟାର ୫ ୱିକେଟରେ ୨୧୫ ରନ୍ କରିଥିଲା। ଦଳ ପକ୍ଷରୁ ଟୁକୁନା ସାହୁ ୪୮, ସେକ୍ ସଲମାନ ଅପରାଜିତ ୪୬, ରାକେଶ ବିଶ୍ୱାଳ ଅପରାଜିତ ୪୩ ଓ ଆଶିଷ ରାୟ ୩୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମନୋଜ ବାରିକଙ୍କୁ ସର୍ବାଧିକ୍ ୨ଟି ୱିକେଟ ମିଳିଥିଲା। ଜବାବରେ ୨୧୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଆଦିତ୍ୟ ଏକାଦଶ ୨ଟି ବଲ୍ ବାକିଥାଇ ୭ ୱିକେଟ ବିନିମୟରେ ମ୍ୟାଚ୍ ଜିତିନେଇଥିଲା। ଦଳ ପକ୍ଷରୁ ଅଶ୍ୱିନ କୁମାର ୩୩ ବଲ୍‌ରେ ୯ ଚୌକା ଓ ୫ ଛକା ସହ ସର୍ବାଧିକ ୭୩ ରନ୍ କରିଥିଲେ। ଜନ୍ମେଜୟ ସାହୁ ୪୫, ଅନିକେତ ସିଂ ୩୭ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ପରାଜିତ ଦଳର ଅମିତ ଦାସ ୨ଟି, ମିଳନ ସାମଲ, ଆଲୋକ ବାରିକ, ଅବ୍‌ଦୁଲ ଖାନ୍ ଓ ଜୀବନ ଜେନା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଆଜିର ମ୍ୟାଚ୍‌ରେ ରବିନାରାୟଣ ଧଳ, କସ୍ତୁରୀବାଳା ସ୍ୱାଇଁ ଓ ଚନ୍ଦ୍ରକାନ୍ତ ସାହୁ ଅତିଥିଭାବେ ଯୋଗଦେଇଥିଲେ।




### କଳାହାଣ୍ଡି କପ୍ କ୍ରିକେଟ

# ସୁନ୍ଦରଗଡ଼, ସମ୍ବଲପୁର, ନୟାଗଡ଼, ଖୋର୍ଦ୍ଧା, ବଲାଙ୍ଗୀର, ଯାଜପୁର, କୋରାପୁଟ ବିଜୟୀ


ବିଶ୍ୱଜିତ ପ୍ରଧାନ-୧୨୬


ବିଶ୍ୱଭୂଷଣ ବିହାରୀ-୧୧୮


ଦେବାଶିଷ ବାଗ-୧୦୨


ଅର୍ଶାଦ କିରଣ-୭/୨୬


କ୍ରିଷ୍ଣା ପଲାଇ-୬/୨୪

**ବିଶ୍ୱଭୂଷଣ, ଦେବାଶିଷ, ବିଶ୍ୱଜିତଙ୍କ ଶତକ**

**କ୍ରିଷ୍ଣାଙ୍କୁ ୬, କିରଣଙ୍କୁ ୭ ୱିକେଟ**

ଭୁବନେଶ୍ୱର, ୨୧।୨ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡିକପ୍ କ୍ରିକେଟ ସିନିଅର ଟୁର୍ଣ୍ଣାମେଣ୍ଟରେ ଶନିବାର ଖେଳାଯାଇଥିବା ପ୍ରଥମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍‌ଗୁଡ଼ିକରେ ସୁନ୍ଦରଗଡ଼, ସମ୍ବଲପୁର, ନୟାଗଡ଼, ଖୋର୍ଦ୍ଧା, ବଲାଙ୍ଗୀର, ଯାଜପୁର, କୋରାପୁଟ ଓ ଇକୋର୍ସା ବିଜୟ ହାସଲ କରିଛନ୍ତି। ସୁନ୍ଦରଗଡ଼ ୮ ୱିକେଟରେ ନବରଙ୍ଗପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ନବରଙ୍ଗପୁର ୨୫.୪ ଓଭରରେ ୬୮ ରନ କରି ଅଲଆଉଟ ହୋଇଥିଲା। ଜବାବରେ ସୁନ୍ଦରଗଡ଼ ୧୨.୧ ଓଭରରେ ୭୨ ରନକରି ବିଜୟୀ ହୋଇଛି। ଏହି ମ୍ୟାଚ୍‌ରେ ବିଜୟୀ ଦଳର କ୍ରିଷ୍ଣା ପଟେଲ ସର୍ବାଧିକ୍ ୬ ୱିକେଟ ନେଇଛନ୍ତି। ସେହିପରି ଅନ୍ୟଏକ ମ୍ୟାଚ୍‌ରେ ସମ୍ବଲପୁର-ବି ୯ ୱିକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ଅନ୍ୟଏକ ମ୍ୟାଚ୍‌ରେ ନୟାଗଡ଼ ୨ ୱିକେଟରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଛି। ନୟାଗଡ଼ ତରଫରୁ ବିଶ୍ୱଜିତ ପ୍ରଧାନ ୧୨୬ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ଇକୋର୍ସା ଅନ୍ୟଏକ ମୁକାବିଲାରେ ୨୧ ରନରେ ସୋନପୁରକୁ ହରାଇଛି। ଅପରପକ୍ଷରେ ଖୋର୍ଦ୍ଧା ୧୨ ରନରେ ସମ୍ବଲପୁର-ଏ'କୁ ପରାସ୍ତ କରିଛି। ଖୋର୍ଦ୍ଧା ତରଫରୁ ବିଶ୍ୱଭୂଷଣ ବିହାରୀ ୧୧୮ ଓ ସମ୍ବଲପୁର ପକ୍ଷରୁ ଦେବାଶିଷ ବାଗ ୧୦୨ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟଏକ ମ୍ୟାଚ୍‌ରେ ବଲାଙ୍ଗୀର ୮୦ ରନରେ କଟକ-ବିକୁ ପରାସ୍ତ କରିଛି। ସେହିପରି ଯାଜପୁର ମାତ୍ର ୧ ରନରେ ସଂଘର୍ଷପୂର୍ଣ୍ଣ ଢ଼ଙ୍ଗରେ ମାଲକାନାଗିରିକୁ ପରାସ୍ତ କରିଛି। ଅନ୍ତିମ ମୁକାବିଲାରେ କୋରାପୁଟ ୪୧ ରନରେ ଦେବଗଡ଼କୁ ହରାଇଛି। ଦେବଗଡ଼ର ଅର୍ସାଦ କିରଣ ସର୍ବାଧିକ ୭ ୱିକେଟ ଅକ୍ତିଆର କରିଥିଲେ।

## ଦକ୍ଷିଣ ଆଫ୍ରିକା ବିପକ୍ଷ ବିଶ୍ୱକପ୍ ସୁପର ଏଇଟ୍‌ସ ମୁକାବିଲା

# ବିଜୟଧାରା ବଜାୟ ଲକ୍ଷ୍ୟରେ ଭାରତ

ଅହମ୍ମଦାବାଦ୍,୨୧।୨(ଏଜେନ୍ସି):

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-୨୦ ବିଶ୍ୱକପ୍‌ର ଦ୍ୱିତୀୟ ସୁପର ଏଇଟ୍‌ସ ମୁକାବିଲା ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ସିରିଜ୍ ପୂର୍ବରୁ ଦୁଇ ଦେଶ ମଧ୍ୟରେ ଭାରତରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ଭାରତ ୩-୧ରେ ଜିତିନେଇଥିଲା। ଚଳିତ ବିଶ୍ୱକପ୍‌ରେ ଭାରତ ସମସ୍ତ ୪ଟି ମ୍ୟାଚ୍ ଜିତିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଭଳି ସହଜ ବିଜୟ ହାସଲ କରିନାହିଁ। ଏଭଳି ସ୍ଥିତିରେ ଦକ୍ଷିଣ ଆଫ୍ରିକା ଯେ ଭଲ ଫର୍ମରେ ଅଛି କହିହେବ ନାହିଁ। ଉଭୟ ଦେଶ ମଧ୍ୟରେ ଖେଳାଯାଇଥିବା ୩୧ଟି ଟି-୨୦ ମୁକାବିଲାରେ ଭାରତ ୧୮ଟି ଜିତି ଆଗୁଆ ରହିଛି। ଦକ୍ଷିଣ ଆଫ୍ରିକା ୧୨ଟିରେ ବିଜୟୀ ହୋଇଛି। ଘରୋଇ ମାଟି ହେଉ ବା ବିଦେଶରେ କିମ୍ବା ନ୍ୟୁଟ୍ରାଲ ଭେନ୍ୟୁରେ ଭାରତ ଅଧିକ ମ୍ୟାଚ୍ ଜିତି ସମସ୍ତଙ୍କ ଆଗରେ ରହିଛି। ଏଣୁ ରେକର୍ଡ ଦୃଷ୍ଟିରୁ ଦେଖିଲେ ଭାରତ ସାମାନ୍ୟ ଆଗୁଆ ରହିଥିଲାବେଳେ ବିଶ୍ୱକପ ମୁକାବିଲାରେ ଏହାର ପ୍ରଭାବ ପଡ଼ିବ ନାହିଁ। ଗତ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା। ଦେଖିବାକୁ ଗଲେ ଚଳିତ ବିଶ୍ୱକପ୍‌ରେ ଉଭୟ ଦଳ ବେଶ ଦକ୍ଷ। ଏଣୁ ଏମାନଙ୍କ ମୁକାବିଲା ଜୋରଦାର ହେବ।

ଚଳିତ ବିଶ୍ୱକପ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ସେମାନଙ୍କ ଗ୍ରୁପ୍‌ରେ ସମସ୍ତ ୪ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ ସୁପର ଏଇଟସରେ ପ୍ରବେଶ କରିଛନ୍ତି। ଏଣୁ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ଟିମ୍‌କୁ ନେଇ ମୈଦାନକୁ ଓହ୍ଲାଇବେ। ଗୋଟିଏ ପଟେ ଭାରତ ବିଜୟ ଧାରା ବଜାୟ ରଖିବାକୁ ଉଦ୍ୟମ କରିବ। ଅନ୍ୟ ପଟେ ଦକ୍ଷିଣ ଆଫ୍ରିକା ଗତ ବିଶ୍ୱକପ୍ ଓ ସିରିଜ୍ ପରାଜୟର ପ୍ରତିଶୋଧ ନେବାକୁ ନିଶ୍ଚିତ ସମସ୍ତ ପ୍ରକାର ଚେଷ୍ଟା କରିବ। ସୁପର ଏଇଟ୍‌ସରେ ଗୋଟିଏ ଦଳ ୨ଟି ମ୍ୟାଚ୍ ଜିତିଲେ ସେମିଫାଇନାଲ ଖେଳିବା ଆଶା ରହିବ। ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ଏହି ଗ୍ରୁପ୍‌ରେ ଅନ୍ୟ ଦୁଇ ଦଳ ଭାବେ ରହିଛନ୍ତି। ଏଣୁ ସେମାନଙ୍କୁ ହରାଇବା ମଧ୍ୟ ଭାରତ ଲାଗି ଆବଶ୍ୟକ। ଘରୋଇ ମାଟିରେ ଭାରତ ଯେପରି ଶକ୍ତିଶାଳୀ ରହିଛି, ଠିକ୍ ସେହିପରି ଚାପରେ ମଧ୍ୟ ରହୁଛି। ଭାରତ ଚଳିତ ବିଶ୍ୱକପ୍‌ରେ ଏହାର ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିନାହିଁ। ଏହାର ବଡ଼ କାରଣ ହେଲା ଦଳର ଓପନର ଅଭିଷେକ ଶର୍ମା ଏଯାଏ ୩ଟି ମ୍ୟାଚ୍‌ରେ ଖାତା ଖୋଲି ପାରି ନାହାନ୍ତି। ଏଣୁ ଅଭିଷେକ ଶର୍ମାଙ୍କ ଉପରେ ନଜର ରହିଛି। ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ମତରେ ବର୍ଷସାରା ଅଭିଷେକ ଆମକୁ ସାହାଯ୍ୟ କରିଆସୁଛନ୍ତି। ଏବେ ଆମେ ତାଙ୍କୁ ସମର୍ଥନ ଦେବାର ଆବଶ୍ୟକତା ରହିଛି। ଚଳିତ ବିଶ୍ୱକପ୍‌ରେ ଏହି ବିସ୍ଫୋରକ ବ୍ୟାଟର ୩ଟି ମ୍ୟାଚ୍ ଖେଳି ମଧ୍ୟ ଖାତା ଖୋଲି ପାରି ନାହାନ୍ତି। ଏଣୁ ଅଭିଷେକଙ୍କ ଉପରେ ନିଶ୍ଚିତ ନଜର ରହିବ। ଇଶାନ କିଶାନ, ଶିବମ ଦୁବେ, ରିଙ୍କୁ ସିଂ, ତିଲକ ବର୍ମା, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଭଳି ବ୍ୟାଟରଙ୍କ ଯୋଗୁ ଅଭିଷେକଙ୍କ ବିଫଳତା ଜଣାପଡ଼ିନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଧ୍ୟ ଭାରତ ଦଳଗତ ଖେଳ ପ୍ରଦର୍ଶନ କରି ବିଜୟୀ ହେବ ବୋଲି ଆଶା କରାଯାଇପାରେ।

ଏହି ମୁକାବିଲାରେ ଭାରତର ଶକ୍ତିଶାଳୀ ବାମହାତୀ ବ୍ୟାଟିଂ ଲାଇନ୍‌ଅପ୍ ଓ ଦକ୍ଷିଣ ଆଫ୍ରିକାର ଅଫ୍ ସ୍ପିନରଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ଚର୍ଚ୍ଚା ଚାଲିଛି। ଏହା କିଭଳି ସଫଳତା ହାସଲ କରିବ ତାହା ଆସନ୍ତାକାଲି ମୁକାବିଲା ପରେ ଜଣାପଡ଼ିବ। ଦକ୍ଷିଣ ଆଫ୍ରିକା ମଧ୍ୟ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ, ଅକ୍ଷର ପଟେଲ ଓ କୁଳଦୀପ ଯାଦବଙ୍କୁ ଉଚିତ ମୁକାବିଲା କରିବା ଅପେକ୍ଷାରେ ରହିଛି।



### ଆଜିର ସୁପର ଏଇଟ୍‌ସ ମ୍ୟାଚ୍

| ପ୍ରତିଦ୍ୱନ୍ଦୀ | ସମୟ | ସ୍ଥାନ |
|---|---|---|
| ଇଂଲଣ୍ଡ-ଶ୍ରୀଲଙ୍କା | ଅପରାହ୍ଣ ୩ଟା | ପାଲେକେଲେ |
| ଭାରତ-ଦକ୍ଷିଣ ଆଫ୍ରିକା | ରାତି ୭ଟା | ଅହମ୍ମଦାବାଦ୍ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS